

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୮ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATDAY 08 JANUARY 2022
Vol.No. 33 ■ No. 8 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି

# ୧୫୦ ଲୋକଙ୍କ ବିରୋଧରେ ରୁଜୁ ହେଲା ମାମଲା





ନୂଆଦିଲ୍ଲୀ,୦୭/୦୧: ପଞ୍ଜାବରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଘଟଣାର ଯାଞ୍ଚ ଜୋରଦାର ଚାଲିଥିବା ବେଳେ ଫିରୋଜପୁର ପୋଲିସ କୁଲଗଢି ଥାନା ଅଞ୍ଚଳର ପ୍ରାୟ ୧୫୦ ଜଣ ଅଜ୍ଞାତ ଲୋକଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି । ଡିଏସପି ସୁରେନ୍ଦ୍ର ବଂଶଲଙ୍କ କହିବା ଅନୁଯାୟୀ, ସ୍ଥାନୀୟ ଇନସପେକ୍ଟର ବୀରବଲ ସିଂଙ୍କୁ ଫୋନ୍ କରି କୁହାଯାଇଥିଲା ଯେ, ଫିରୋଜପୁର ମୋଗା ରୋଡକୁ ୫ ଜାନୁଆରୀ ଅପରାହ୍ନ ୨.୩୦ ସମୟରେ କିଛି ଅଜ୍ଞାତ ଲୋକ ଅବରୋଧ କରି ରଖିଛନ୍ତି । ଯେଉଁମାନଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତାର ଧାରା ୨୮୩ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଅନ୍ୟପଟେ ପଞ୍ଜାବର ଫିରୋଜପୁରରେ ବିଏସଏଫ ଯବାନଙ୍କୁ ସତଲୁଜ ନଦୀରେ ଏକ ସନ୍ଦିଗ୍ଧ ଡଙ୍ଗା ମିଳିଛି । ତେବେ ଏହି ଡଙ୍ଗା ଏଠାକୁ କିଏ ଆଣିଥିଲା ଓ କେମିତି ଆଣିଥିଲା ସେ ବାବଦରେ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ । ଏ ସନ୍ଦିଗ୍ଧ ଡଙ୍ଗାକୁ ନେଇ ଏଥିପାଇଁ ଚର୍ଚ୍ଚା ହେଉଛି କାରଣ ୨ ଦିନ ପୂର୍ବେ ଏହି ଅଞ୍ଚଳରେ ପ୍ରଧାନମନ୍ତ୍ରୀଙ୍କ ରାସ୍ତାକୁ ଅବରୋଧ କରାଯାଇଥିଲା । ତେବେ ଡଙ୍ଗା ଯେଉଁଠୁ ଉଦ୍ଧାର କରାଯାଇଛି ସେ ଅଞ୍ଚଳରୁ ପ୍ରଧାନମନ୍ତ୍ରୀଙ୍କ କାରକେଡ ପାଖାପାଖି ୫୦ କିଲୋମିଟର ଦୂରରେ ଫଶି ରହିଥିଲା । ଏସବୁ ଭିତରେ ଆଜି ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟିକୁ ନେଇ ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି । ପ୍ରଧାନମନ୍ତ୍ରୀଙ୍କ ଗସ୍ତର ସମସ୍ତ ରେକର୍ଡ ସୁରକ୍ଷିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ପ୍ରଧାନମନ୍ତ୍ରୀଙ୍କ ସେଦିନର ଗସ୍ତର ସମସ୍ତ ରେକର୍ଡ ସୁରକ୍ଷିତ ରଖିବାକୁ ପଂଜାବ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପଂଜାବ ପ୍ରଶାସନ ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ ସମସ୍ତ ତଥ୍ୟ ହସ୍ତାନ୍ତର କରିବେ । ମାମଲାର ତଦନ୍ତ ଏନଆଇଏ ଦ୍ୱାରା କରାଯାଉ ବୋଲି ଆବେଦନକାରୀଙ୍କ ଓକିଲ ସୁପ୍ରିମକୋର୍ଟରେ ଦାବି କରିଛନ୍ତି । ଆସନ୍ତା ସୋମବାର ମାମଲାର ପରବର୍ତ୍ତୀ ଶୁଣାଣି ହେବ । ସେପଟେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟିର ତଦନ୍ତ ପାଇଁ ଘଟଣାସ୍ଥଳରେ ପହଂଚିଛି କେନ୍ଦ୍ରର ତିନି ଜଣିଆ ଟିମ୍ । କେନ୍ଦ୍ରୀୟ ଟିମ୍ ଫିରୋଜପୁର ଫ୍ଲାଏ ଓଭର ଯାଇ ତଦନ୍ତ କରିଛି । ଅନ୍ୟପଟେ ପଂଜାବ ସରକାର ପକ୍ଷରୁ ଘଟଣାର ▶▶ପୃଷ୍ଠା ୭

# ଜାନୁଆରୀ ଶେଷରେ ପିକ୍ ଦେଖାଇବ ତୃତୀୟ ୱେଭ



ନୂଆଦିଲ୍ଲୀ,୦୭/୦୧: ମହାମାରୀ କରୋନା ତୃତୀୟ ଲହର ଜନିତ ସଂକ୍ରମଣ ଏବେ ଦେଶରେ ଘାଇଁଘାଇଁ ହୋଇ ମାଡ଼ି ଚାଲିଛି। ସ୍ଥିତି ଏପରି ହୋଇଛି ଯେ ୭ ଦିନ ମଧ୍ୟରେ ଦୈନିକ ସଂକ୍ରମଣ ପ୍ରାୟ ୧୦ ଗୁଣ ବଢ଼ିଲାଣି। ଓମିକ୍ରନ ଭାରିଏଣ୍ଟ ଯୋଗୁ କରୋନା କେସ୍ ୧ରୁ ୨ ଦିନ ଭିତରେ ଦୁଇ ଗୁଣ ହେଉଛି। ଏହାକୁ ଦୃଷ୍ଟିରେ ରଖି ଜାନୁଆରୀ ଶେଷ ଭାଗରେ କରୋନା ତୃତୀୟ ଲହର ତା'ର ସର୍ବୋଚ୍ଚ ଗତି ଦେଖାଇବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ପିକ୍ ବେଳେ ଦୈନିକ ସଂକ୍ରମଣ ୪ରୁ ୮ ଲକ୍ଷ ମଧ୍ୟରେ ରହିବ। ପ୍ରାଥମିକ ଅବସ୍ଥାରେ ମୁମ୍ବାଇ ଓ ଦିଲ୍ଲୀରେ ଏହାର ପିକ୍ ରହିବ। ଧୀରେଧୀରେ ଦେଶର ବିଭିନ୍ନ ପ୍ରାନ୍ତରେ ସଂକ୍ରମଣର ବିସ୍ଫୋରଣ ଦେଖିବାକୁ ମିଳିବ ବୋଲି ଆଇଆଇଟି କାନପୁରର ପ୍ରଫେସର ମନିନ୍ଦ୍ର ଅଗ୍ରୱାଲ ଆଜି ଆକଳନ କରିଛନ୍ତି। ତାଙ୍କ କହିବା ଅନୁସାରେ, ମାର୍ଚ୍ଚ ସୁଦ୍ଧା କରୋନା ତୃତୀୟ ୱେଭ ସଂପୂର୍ଣ୍ଣ ଶେଷ ହୋଇ ସାରିଥିବ। ସେ କହିଛନ୍ତି, ଦିଲ୍ଲୀ ଓ ମୁମ୍ବାଇରେ ଦୈନିକ ସଂକ୍ରମଣ ପିକ୍ ସମୟରେ ୩୦ରୁ ୫୦ ହଜାର ଛୁଇଁବ। ପୂରା ଦେଶରେ ପିକ୍ ଜାନୁଆରୀ ଶେଷ କିମ୍ବା ଫେବୃଆରୀ ପ୍ରଥମରୁ ଦେଖିବାକୁ ମିଳିବ। ଏହି ସମୟରେ ଦୈନିକ ସଂକ୍ରମଣ ୪ରୁ ୮ ଲକ୍ଷ ମଧ୍ୟରେ ରହିବ। ସଂକ୍ରମଣ ବଢ଼ିବାକୁ ଥିଲେ ମଧ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଏହା ଅଧିକ ଚାପ ସୃଷ୍ଟି କରିନ ପାରେ। ଯଦି ଲକଡାଉନ ଲାଗୁ ହେବ। ତା'ହେଲେ ▶▶ପୃଷ୍ଠା ୭

# ୧୦ରୁ କଲେଜ, ୟୁନିଭର୍ସିଟି ବନ୍ଦ



ଭୁବନେଶ୍ୱର, ୦୭/୦୧ (ନି.ପ୍ର): ଆସନ୍ତା ୧୦ ତାରିଖ ଠାରୁ ରାଜ୍ୟର ସମସ୍ତ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡ଼ିକ ବନ୍ଦ ରହିବ। କେବଳ ମେଡିକାଲ କଲେଜ ଓ ନର୍ସିଂ କଲେଜ ଗୁଡ଼ିକ ଖୋଲା ରହିବ। ସେହିପରି କଲେଜ ଓ ୟୁନିଭର୍ସିଟି ହଷ୍ଟେଲ ଗୁଡିକ ମଧ୍ୟ ୧୦ ତାରିଖରୁ ବନ୍ଦ ରହିବ। ଏନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ଗାଇଡଲାଇନ ଜାରି କରିଛନ୍ତି । ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରୁ ରାଜ୍ୟ ସରକାର ଏହି ନିଷ୍ପତି ନେଇଛନ୍ତି। ଏସଆରସି କହିଛନ୍ତି କଲେଜ ଓ ବିଶ୍ୱବିଦ୍ୟାଳୟ ଗୁଡିକରେ ଅନଲାଇନ୍ କ୍ଲାସ୍ ଜାରି ରହିବ। କଲେଜ, ବିଶ୍ୱବିଦ୍ୟାଳୟ, ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ଅନଲାଇନ୍, ଭର୍ଚୁଆଲ୍, ଭିଡିଓ, ଶିକ୍ଷଣ ମୋଡ୍ ର ଅନ୍ୟ ବିକଳ୍ପ ପଦ୍ଧତି ମାଧ୍ୟମରେ କ୍ଲାସ୍ କରିବା ପାଇଁ ସମସ୍ତ ପଦକ୍ଷେପ ନେବେ। ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଦୃଷ୍ଟିରୁ ହଷ୍ଟେଲରେ ନ ରହିବାକୁ ପରାମର୍ଶ ଦିଆଯାଇଛି । ଗବେଷକ ଏବଂ ଛାତ୍ର, ଯେଉଁମାନେ ଗବେଷଣା, ପ୍ରୋଜେକ୍ଟ କାର୍ଯ୍ୟ କିମ୍ବା ଅନ୍ୟାନ୍ୟ ଶିକ୍ଷାଗତ କାର୍ଯ୍ୟକଳାପ ପାଇଁ ହଷ୍ଟେଲରେ ରହିବାକୁ ଇଚ୍ଛା କରନ୍ତି, ତେବେ ଅଣ୍ଡରଟେକିଂ ଦେଇ ରହିପାରିବେ। ସଂପୃକ୍ତ ବିଭାଗଗୁଡିକ ▶▶ପୃଷ୍ଠା ୭

## କମିବ ଶୀତ, ୧୦ ପରେ ବର୍ଷା

ଭୁବନେଶ୍ୱର, ୦୭/୦୧(ନି.ପ୍ର): ରାତିର ତାପମାତ୍ର କମିଥିବା ବେଳେ ଗୁରୁବାର ସୃଷ୍ଟି ହୋଇଥିବା ୱେଷ୍ଟର୍ନ ଡିଷ୍ଟରବାଂଶ, ଯାହା ଆଫଗାନିସ୍ତାନ ଓ ତା'ର ଆଖପାଖ ଅଞ୍ଚଳରେ ସମୁଦ୍ର ପଉନଠାରୁ ପାଖାପାଖି ୩.୧ରୁ ୭.୬ କିମି ପର୍ଯ୍ୟନ୍ତ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଜି ସକାଳେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଯାହା ବାୟୁମଣ୍ଡଳରେ ସମୁଦ୍ର ପଉନଠାରୁ ୧.୫ କିମି ପର୍ଯ୍ୟନ୍ତ ବ୍ୟାପିଛି। ଏହାର ପ୍ରଭାବରେ ପୂର୍ବ ବଙ୍ଗୋପସାଗରରୁ ଜଳୀୟ ବାଷ୍ପ ଓଡ଼ିଶା ମଧ୍ୟକୁ ପ୍ରବେଶ କରୁଛି। ତେଣୁ ଆଗାମୀ ତିନି ଦିନ ରାତିର ତାପମାତ୍ରା ଦୁଇରୁ ତିନି ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହେବାର ସମ୍ଭାବନା ରହିଛି। ଏହାଛଡ଼ା ଘୂର୍ଣ୍ଣିବଳୟର ପ୍ରଭାବରେ ଆଗାମୀ ୧୦ ତାରିଖ ପରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ।

## ନାଇଟ୍ କର୍ଫ୍ୟୁ ଜାରି : ଖିଲାପ କଲେ କଡା କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର, ୦୭/୦୧ (ନି.ପ୍ର): କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି ଆଜି (ଶୁକ୍ରବାର)ଠାରୁ ରାଜ୍ୟର ସହରାଂଚଳଗୁଡ଼ିକରେ ନାଇଟ କର୍ଫ୍ୟୁ ଜାରି ହେବ। ଏହି ପରିପ୍ରେକ୍ଷୀରେ କଟକ-ଭୁବନେଶ୍ୱର ଦୈତ ନଗରୀରେ ଏହାକୁ କଡାକଡି ପାଳନ କରାଯିବ ବୋଲି କହିଛନ୍ତି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ। ରାତି ୯ଟାରୁ ସକାଳ ୫ଟା ଯାଏଁ ନାଇଟ୍ କର୍ଫ୍ୟୁ ଜାରି ରହିବ। ଏଥର ନିୟମ ଭାଙ୍ଗିଲେ କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦେଇଛନ୍ତି ପୋଲିସ କମିଶନର। ଏଥିପାଇଁ ଟ୍ୱିନ ସିଟିରେ ୨୫ ପ୍ଲାଟୁନ ଫୋର୍ସ ସହ ୧୦୦ ଅଫିସର ନିୟୋଜିତ ହେବେ ବୋଲି ସେ କହିଛନ୍ତି । ସେହିପରି ନାଇଟ କର୍ଫ୍ୟୁ ସମୟରେ ସମସ୍ତ ହୋଟେଲ, ରେଷ୍ଟୁରାଂଟ ଓ ଦୋକାନ ବଜାର ବନ୍ଦ ରହିବ। କୌଣସି ଦୋକାନ, ମଲ୍ କିମ୍ବା ରେଷ୍ଟୁରାଂଟ ନିୟମ ଖିଲାପ କଲେ ଅତି କମରେ ୭ ଦିନ ପାଇଁ ବନ୍ଦ କରାଯିବ।

## ସୋମବାରରୁ ଶ୍ରୀମନ୍ଦିର ବନ୍ଦ



ପୁରୀ,୦୭/୦୧(ନି.ପ୍ର): ସୋମବାର ଠାରୁ ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରୀମନ୍ଦିର ବନ୍ଦ । ଜାନୁଆରୀ ୩୧ ପର୍ଯ୍ୟନ୍ତ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଦ୍ୱାର ବନ୍ଦ ରହିବ । ସେବାୟତଙ୍କ ପ୍ରସ୍ତାବକ୍ରମେ ଏନେଇ ନିଷ୍ପତ୍ତି ନିଆଯାଇଛି । ଛତିଶା ନିଯୋଗ ଓ ପରିଚାଳନା କମିଟି ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି । ଶ୍ରୀମନ୍ଦିର ବନ୍ଦ ଥିଲେ ତେବେ ନୀତିକାନ୍ତି ପୂର୍ବଭଳି ଜାରି ରହିବ । ଜାନୁଆରୀ ୧୦ରୁ ଜାନୁଆରୀ ୩୧ ଯାଏଁ ଶ୍ରୀମନ୍ଦିର ବନ୍ଦ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି । ରାଜ୍ୟରେ କରୋନା ସଂକ୍ରମଣ ବ୍ୟାପୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି । କାରଣ ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ହଜାର ହଜାର ଲୋକଙ୍କର ଭିଡ ହେଉଥିଲା । କେବଳ ଟିକା ନେଇଥିବା ବ୍ୟକ୍ତିଙ୍କୁ ମନ୍ଦିର ଭିତରକୁ ପ୍ରବେଶ ଅନୁମତି ମିଳୁଥିଲା । ଟିକା ନେଇଥିବା ବ୍ୟକ୍ତି ମଧ୍ୟ ପୁଣିଥରେ ସଂକ୍ରମିତ ହେଉଥିବାର ଦେଖିବାକୁ ମିଳୁଛି ।

## ତପସ୍ୱିନୀ ବିବାଦ : ବୋହୂ ଘରକୁ ଗଲେ, ଶଶୁର ଘର ଛାଡିଲେ

ବ୍ରହ୍ମପୁର,୦୭/୦୧(ନି.ପ୍ର): ବ୍ରହ୍ମପୁରର ବହୁ ଚର୍ଚ୍ଚିତ ବୈବାହିକ ବିବାଦ ମାମଲାରେ ବୋହୂ ତପସ୍ୱିନୀ ଶ୍ୱଶୁର ଘରକୁ ଯିବା ପରେ ନୂଆ ମୋଡ ଆସିଛି । ମଧ୍ୟ ରାତ୍ରିରେ ଘର ଛାଡି ଚାଲି ଯାଇଛନ୍ତି ଶ୍ୱଶୁର ପ୍ରଦୀପ ସାହୁ । ନିଜକୁ ଅସୁରକ୍ଷିତ ମନେ କରୁଥିବା ନେଇ ଏକ ଭିଡିଓ ଜାରି କରି ଘର ଛାଡିବା ନେଇ ସୂଚନା ଦେଇଛନ୍ତି । ତପସ୍ୱିନୀଙ୍କୁ ଶ୍ୱଶୁର ଘରେ ରହିବା ପାଇଁ ଜିଲ୍ଲା ଜଜ ଅନୁମତି ଦେବାର ତିନି ଦିନ ପର୍ଯ୍ୟନ୍ତ ଘରକୁ ଯିବା ନେଇ ଦ୍ୱନ୍ଦ୍ୱ ଲାଗି ରହିଥିଲା । କୋର୍ଟଙ୍କ ରାୟରେ ଦ୍ୱନ୍ଦ୍ୱ ଥିବା ନେଇ ଶେଷ ମୁହୂର୍ତ୍ତରେ କହିଥିଲେ ତପସ୍ୱିନୀଙ୍କ ଶ୍ୱଶୁର । ଏପରିକି ପୁଣି ଥରେ ଘରର ଗେଟରେ ତାଲା ପକାଇ ଦେଇଥିଲେ । ହେଲେ ଶେଷରେ ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଉପର ଘରକୁ ଯାଇଥିଲେ ତପସ୍ୱିନୀ । ଏହାକୁ ବେଆଇନ କହିବା ସହ, ବିରୋଧରେ ଉପର କୋର୍ଟରେ ଆବେଦନ କରିବେ ବୋଲି କହିଛନ୍ତି ସୁମିତଙ୍କ ଓକିଲ ।

## ବିମାନଯାତ୍ରୀଙ୍କ ପାଇଁ ବିଏମସି ଗାଇଡ୍ ଲାଇନ୍‌ରେ ସଂଶୋଧନ

ଭୁବନେଶ୍ୱର, ୦୭/୦୧ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମସି) ବିଜୁ ପଟ୍ଟନାୟକ ଇଂଟରନ୍ୟାସ୍‌ନାଲ ଏୟାପୋର୍ଟ ପାଇଁ ଜାରି କରିଥିବା ଗାଇଡ୍‌ଲାଇନ୍ ରେ ସାମାନ୍ୟ ସଂଶୋଧନ କରିଛନ୍ତି। ନୂଆ ନିୟମ ଅନୁସାରେ ଏଣିକି ୭୨ ଘଂଟା ପୂର୍ବର ଆରଟି ପିସିଆର ଟେଷ୍ଟ କରିଥିବା ଯାତ୍ରୀଙ୍କୁ ଛାଡ଼ି ଅନ୍ୟ ସମସ୍ତଙ୍କର ଟେଷ୍ଟ ହେବ। ୭୨ ଘଂଟାର ନେଗେଟିଭ ରିପୋର୍ଟ ଥିବା ଯାତ୍ରୀଙ୍କୁ ବିନା ଟେଷ୍ଟରେ ଯିବାକୁ ଦିଆଯିବ। ଯଦି କୌଣସି ଯାତ୍ରୀଙ୍କଠାରେ କରୋନା ଲକ୍ଷଣ ଦେଖାଦିଏ, ତାହାହେଲେ ସେମାନଙ୍କୁ ଆଇସୋଲେସନ୍‌ରେ ରଖାଯିବା ସହିତ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ସଂଶୋଧିତ ଗାଇଡ୍ ଲାଇନ୍‌ରେ ବିଏମ୍‌ସି ଦର୍ଶାଇଛି। ଗତକାଲି ବିଏମସି ଗାଇଡ୍ ଲାଇନ୍ ଜାରି କରିଥିଲା ଯେ ଭୁବନେଶ୍ୱରକୁ ବିମାନରେ ଆସୁଥିବା ସବୁ ଯାତ୍ରୀଙ୍କର କରୋନା ଟେଷ୍ଟ ହେବ। ଯାତ୍ରୀମାନେ ଡବଲ୍ ଡୋଜ୍ ଟିକା ନେଇଥିଲେ ବା ନେଗେଟିଭ୍ ରିପୋର୍ଟ ଥିଲେ ମଧ୍ୟ ସେମାନଙ୍କର ଆରଟି-ପିସିଆର ଟେଷ୍ଟ କରାଯିବ। ରିପୋର୍ଟ ଆସିବା ପର୍ଯ୍ୟନ୍ତ ଯାତ୍ରୀମାନେ ହୋମ୍ ଆଇସୋଲେସନ୍‌ରେ ରହିବେ। ଯଦି ରିପୋର୍ଟ ପଜିଟିଭ୍ ଆସେ, ତା'ହେଲେ ପ୍ରୋଟୋକଲ୍ ଅନୁଯାୟୀ ପରବର୍ତ୍ତୀ ବ୍ୟବସ୍ଥା କରାଯିବ।

## ଡାକ୍ତରୀ ପାଠ୍ୟକ୍ରମ ନାମଲେଖାରେ ସୁପ୍ରିମକୋର୍ଟଙ୍କ ରାୟ

ଭୁବନେଶ୍ୱର,୦୭/୦୧(ନି.ପ୍ର): ନିଟ୍- ପିଜି ଓ ୟୁଜି ନାମଲେଖାକୁ ନେଇ କିଛି ଦିନ ହେବ ଯେଉଁ ବିବାଦ ଲାଗି ରହିଥିଲା ତାହା ଉପରେ ଏକପ୍ରକାର ପୂର୍ଣ୍ଣଛେଦ ପଡିଛି । ନାମଲେଖା ପାଇଁ କାଉଁସେଲିଂ ଆରମ୍ଭ କରିବାକୁ କେନ୍ଦ୍ର ସରକାରଙ୍କ ଆବେଦନର ଶୁଣାଣି କରି ବିଚାରପତି ଡିୱାଇ ଚନ୍ଦ୍ରଚୂଡ ଓ ଏଏସ ବୋପାନ୍ନା ରାୟ ଅନୁମତି ଦେଇଛନ୍ତି । ନାମଲେଖାରେ ଓବିସି ଏବଂ ଇଡବ୍ଲୁଏସଙ୍କୁ ପୂର୍ବରୁ ଦିଆଯାଉଥିବା ସଂରକ୍ଷଣକୁ ବଳବତର ରଖିବା ପାଇଁ ରାୟ ଦେଇଛନ୍ତି । ଖଣ୍ଡପୀଠ କହିଛନ୍ତି ନିଟ୍-ପିଜି ୨୦୨୧-୨୨ ଶିକ୍ଷାବର୍ଷ ନାମଲେଖା ପାଇଁ ୨୦୧୯ରେ ପାଣ୍ଡେ କମିଟି କରିଥିବା ସୁପାରୀଶକୁ ଆମେ ଗ୍ରହଣ କରୁଛୁ । ଅର୍ଥାତ ସର୍ବଭାରତୀୟ କୋଟାରେ ଓବିସିଙ୍କୁ ୨୭ ପ୍ରତିଶତ ସଂରକ୍ଷଣକୁ ମଂଜୁରୀ ଦେଇଛନ୍ତି ସୁପ୍ରିମକୋର୍ଟ । ଏଥିସହ ଇଡବ୍ଲ୍ୟୁଏସକୁ ୧୦ ପ୍ରତିଶତ ସଂରକ୍ଷଣକୁ ମଂଜୁରୀ ମିଳିଛି । ଜୁଲାଇ ୨୯ରେ କେନ୍ଦ୍ର ସରକାର ଏକ ବିଜ୍ଞପ୍ତି ଜାରି କରି ମେଡିକାଲ ଆଡମିସନ ପାଇଁ ଆୟୋଜିତ ନିଟ୍ ପରୀକ୍ଷାରେ ସର୍ବଭାରତୀୟ କୋଟାରେ ଓବିସି ବର୍ଗକୁ ୨୭ % ଓ ଆର୍ଥିକ ସ୍ତରରେ ଦୁର୍ବଳ ବର୍ଗକୁ ୧୦ % ସଂରକ୍ଷଣ ଦେବାକୁ ଘୋଷଣା କରିଥିଲେ । ଅର୍ଥନୀତିକ ଅନଗ୍ରସର ବର୍ଗ ପାଇଁ ପିତାମାତାଙ୍କ ବାର୍ଷିକ ଆୟକୁ ସବାଧିକ ୮ଲକ୍ଷ ରଖାଯାଇଥିଲା । ଏହାକୁ ବିରୋଧ କରି ସର୍ବାଧିକ ଅଢ଼େଇ ଲକ୍ଷ କରିବାକୁ ଆବେଦନକାରୀ ଦର୍ଶାଇ ଥିଲେ । ମାମଲା କୋର୍ଟରେ ବିଚାରାଧିନ ଥିବାରୁ ଚଳିତ ବର୍ଷ ପାଇଁ ନାମଲେଖା କାଉଁସେଲିଂ ହୋଇପାରିନଥିଲା । କରୋନା ସମୟରେ ରେସିଡେଂଟ ଡାକ୍ତରଙ୍କ ଉପରେ ଚାପ ପଡୁଥିବା ଦର୍ଶାଇ ତୁରନ୍ତ ନାମଲେଖା କାଉନସେଲିଂ କରିବାକୁ କିଛି ଦିନ ହେବ ଦେଶବ୍ୟାପି ଆନ୍ଦୋଳନକୁ ଓହ୍ଲାଇଥିଲା ରେସିଡେଂଟ ଡାକ୍ତର ଆସୋସିଏସନ । କେନ୍ଦ୍ର ସରକାରଙ୍କ ପକ୍ଷ ରଖି ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଓବିସିଙ୍କ ପାଇଁ ୨୭ % ଓ ଇଡବ୍ଲ୍ୟୁଏସ ବର୍ଗ ପାଇଁ ୧୦ ସଂରକ୍ଷଣ କରାଯାଇଛି । ଜାନୁଆରୀ ୨୦୧୯ରୁ ଏହା ଲାଗୁ ହୋଇଛି । ୟୁପିଏସସିରେ ବି ଏହି କୋଟା ଦିଆଯାଉଛି । ସିଟ୍ ସଂଖ୍ୟା ୨୫ ପ୍ରତିଶତ ବଢ଼ାଇ ଦିଆଯାଇଥିବାରୁ ସାଧାରଣ ବର୍ଗଙ୍କର କୌଣସି କ୍ଷତି ହେଉ ନାହିଁ । ତେବେ ଏହି ମାମଲାର ପରବର୍ତି ଶୁଣାଣି ମାର୍ଚ୍ଚ ମାସରେ ହେବ ।

# ରେଳମନ୍ତ୍ରୀଙ୍କ ଦିନିକିଆ ବାଲେଶ୍ୱର ଗସ୍ତ

## ନୀଳଗିରି ଷ୍ଟେସନର ଶିଳାନ୍ୟାସ, ଭଦ୍ରକ-ଭୁବନେଶ୍ୱର ମେମୋ ଟ୍ରେନ ବାଲେଶ୍ୱରକୁ ହେଲା ସମ୍ପ୍ରସାରିତ




ବାଲେଶ୍ୱର,୦୭/୦୧ (ନି.ପ୍ର): କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦିନିକିଆ ବାଲେଶ୍ୱର ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଥମେ ବାଲେଶ୍ୱର ରେଳ ଷ୍ଟେସନ ପରିସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଜିଲାବାସୀଙ୍କ ସହଯୋଗୀ ମନୋଭାବ ତଥା ଫକୀର ମୋହନ ସେନାପତିଙ୍କର ଏହି ଜନ୍ମମାଟିର ଆବେଗ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ କି ଜିଲ୍ଲାବାସୀଙ୍କ ସ୍ନେହ ଶ୍ରଦ୍ଧାରେ ମୁଁ ଋଣି ହୋଇ ଯାଇଥିଲି। ଏବେ ମୋ ପାଇଁ ଋଣ ସୁଝିବାର ବେଳ ଆସିଛି। ସମସ୍ତଙ୍କ ଆଶୀର୍ବାଦରୁ ମୁଁ କେନ୍ଦ୍ର ସରକାରଙ୍କର ଗୁରୁତ୍ୱପୂର୍ଣ୍ଣ ରେଳ ବିଭାଗର ମନ୍ତ୍ରୀ ହୋଇପାରିଛନ୍ତି। ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହାତ ଖୋଲି ଦେଇଛନ୍ତି। ପୂର୍ବରୁ ରେଳ ବଜେଟରେ ଓଡ଼ିଶାକୁ ବର୍ଷରେ ସର୍ବାଧିକ ୭ ଶହ କୋଟି ପର୍ଯ୍ୟନ୍ତ ମିଳୁଥିବା ବେଳେ ଏବେ ତାହା ୭ହଜାର କୋଟିରେ ପହଞ୍ଚିଛି। ବିକାଶ ପାଇଁ ପାଣ୍ଠିର ଅଭାବ ନାହିଁ ବରଂ ଦୃଢ଼ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ପୂର୍ବୋଦୟରୁ ଅର୍ଥାତ ଓଡ଼ିଶାରୁ ବିକାଶର ଧାରା ଆରମ୍ଭ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ। କେନ୍ଦ୍ର ଜଳଶକ୍ତି ଓ ଜନଜାତି ଉନ୍ନୟନ ବିଭାଗ ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଏଥିରେ ବିଶେଷ ଅତିଥି ଭାବେ ଯୋଗଦେଇ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ପ୍ରତି ଥିବା ବହୁବିଧ ସହଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ରେଳ କ୍ଷେତ୍ରରେ ଜିଲ୍ଲାର ବିକାଶକୁ ନିଶ୍ଚିତ ଗୁରୁତ୍ୱ ଦେବେ ବୋଲି ମନ୍ତ୍ରୀ ଶ୍ରୀ ଟୁଡୁ ଆଶା ପ୍ରକାଶ କରିଥିଲେ। ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଳମନ୍ତ୍ରୀଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ ନୀଳଗିରିକୁ ଆଜି ଯାତ୍ରୀବାହୀ ରେଳ ଚଳାଚଳ ସମ୍ଭବ ହେବାକୁ ଯାଉଛି ବୋଲି କହିଥିଲେ। ଆଗାମୀ ଦିନରେ ବି ଏହି ଧାରା ବଜାୟ ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ନୀଳଗିରିକୁ ଯାତ୍ରୀବାହୀ ଟ୍ରେନ ଚାଲିବା ଓ ବାଲେଶ୍ୱରରୁ ଭୁବନେଶ୍ୱରକୁ ସ୍ୱତନ୍ତ୍ର ଟ୍ରେନ ବ୍ୟବସ୍ଥା ଜିଲା ବିକାଶରେ ନୂଆଫର୍ଦ୍ଦ ▶▶ପୃଷ୍ଠା ୭

# ବଲାଙ୍ଗିର ଟ୍ରକ୍ ଟର୍ମିନାଲର ଶିଳାନ୍ୟାସ କଲେ ନରସିଂହ

ବଲାଙ୍ଗିର,୭/୧ (ନି.ପ୍ର): ବଲାଙ୍ଗିରର ଟ୍ରକ୍ ଟର୍ମିନାଲ ଏକ ବହୁ ପ୍ରତିକ୍ଷିତ ପ୍ରକଳ୍ପ । ଏହାକୁ ନେଇ ଅନେକ ଦିନର ଦାବୀ ତଥା ପରିକଳ୍ପନା ରହିଥିଲା । ୯ କୋଟି ୪୦ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ଏଠାକାର ଟ୍ରାଫିକ ସହିତ ମାଲ ପରିବହନ କ୍ଷେତ୍ରରେ ଥିବା ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ କରିବ । ଟ୍ରାଫିକ ତଥା ଅଂଚଳର ବ୍ୟବସାୟ ଦିଗରେ ଏହା ଏକ ବେଶ୍ ଉପଯୋଗି ପ୍ରକଳ୍ପ ବୋଲି ଆଜି ଟିଟିଲାଗଡ ରୋଡ ସ୍ଥିତ ବିଜାଖମନର ରାସ୍ତା କଡରେ ନିର୍ମାଣ ହେବାକୁ ଥିବା ଟ୍ରକ୍ ଟର୍ମିନାଲ ଭିତିପ୍ରସ୍ତର ଉତ୍ସବରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ, କେବଳ ଏହି ଗୋଟିଏ ଟ୍ରକ ଟର୍ମିନାଲ ଏଠାରେ ଥିବା ସମସ୍ତ ଟ୍ରାଫିକ ସମସ୍ୟାର ସମାଧାନ କରି ନପାରେ ସେଥିପାଇଁ ବଲାଙ୍ଗିର ସହରରେ ଥିବା ଟ୍ରକ ମାନଙ୍କ ପାଇଁ ଆଉ ଏକ ଟର୍ମିନାଲର ଆବଶ୍ୟକତା ରହିଛି । ଏହାକୁ ନେଇ ଅନେକ ଥର ଜିଲ୍ଲା ପ୍ରଶାସନ ସହିତ ଆଲୋଚନା ସରିଛି । ଏ ଦିଗରେ ମଧ ସଫଳତା ମିଳିବ ବୋଲି ଆଶା କରାଯାଉଛି । ଏଠାରେ ସୂଚନାଯୋଗ୍ୟ ଯେ, ଏହି ଟ୍ରକ୍ ଟର୍ମିନାଲରେ ଟ୍ରକ୍ ତଥା ଡ୍ରାଇଭର ଓ ମାଲିକମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗର ବ୍ୟବସ୍ଥା କରାଯାଇଛି । ଏଠାରେ ଅନେକ ଦୋକାନ, କାର୍ଯ୍ୟାଳୟ, ଡ୍ରାଇଭର ତଥା କର୍ମଚାରୀଙ୍କ ପାଇଁ ଡର୍ମିଟୋରି, ଢାବା ବା ହୋଟେଲ ବ୍ୟବସ୍ଥା, ଟ୍ରକ୍ ମରାମତି ୟୁନିଟ୍, ଉଭୟ ମହିଳା ଓ ପୁରୁଷ ଶୌଚାଳୟ ବ୍ୟବସ୍ଥା ରହିଛି । ଏତଦ୍ ବ୍ୟତିତ ପରିସର ଭିତରେ ଏକ ଡିଜେଲ ପମ୍ପର ବ୍ୟବସ୍ଥା ମଧ କରାଯିବା ନେଇ ନିଷ୍ପତି କରାଯାଇଛି ବୋଲି ଜାତୀୟ ରାଜପଥ ନିର୍ବାହି ଯନ୍ତ୍ରୀ ଜୟନ୍ତ ନାୟକ ସୂଚନା ଦେଇଛନ୍ତି । ଆହୁରି ଏଠାରେ ଏକକାଳିନ ସମସ୍ତ ସୁବିଧା ସୁଯୋଗ ସହିତ ପ୍ରାୟ ୭୭ଟି ଟ୍ରକ୍ ରହିପାରିବ । ଏହି ପ୍ରକଳ୍ପ ନିର୍ମାଣ ଦାୟୀତ୍ୱରେ ଥିବା ଏଜେନ୍ସି ଏଭିଆର ଇନ୍ ?ଫ୍ରାଟେକ ଗତ ଡିସେମ୍ବର ୨୩ ରେ ଚୁକ୍ତି ପତ୍ର ସ୍ୱାକ୍ଷରିତ କରିଥିବା ବେଳେ ଏକ ବର୍ଷ ଭିତରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ବୋଲି ଉପସ୍ଥିତ ନିର୍ବାହି ଯନ୍ତ୍ରୀ ଜନସାଧାରଣ ଏବଂ ସମ୍ବାଦଦାତାଙ୍କୁ ପ୍ରକାଶ କରିଛନ୍ତି । ଆଜିର ଏହି ଭିତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ନିର୍ମାଣ ସଂସ୍ଥା ତରଫରୁ ବିଶାଲ ଅଗ୍ରୱାଲ, ନିରଜ ଅଗ୍ରୱାଲ, ଟ୍ରକ୍ ମାଲିକ ସଂଘର ରାଜ୍ୟ କାର୍ଯ୍ୟକାରି ସଭାପତି ବିରେନ୍ଦ୍ର ମିଶ୍ର, ଲୁଲୁ ପଟ୍ଟନାୟକ, ସୁଧାଂଶୁ ପଣ୍ଡା, ଟୁନା ସାହୁ, ଶୁଭ୍ରାଂଶୁ ପଣ୍ଡା, ଜୟନାରାୟଣ ବହିଦାର, ଭାଗ୍ୟ ପଣ୍ଡା, କୁଲଦିପ ସିଂଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ ।

# ଦେବାଶିଷ ମେମୋରିଆଲ କ୍ରିକେଟ ଉଦଘାଟିତ : ଶଗଡି ଓ କାଜିପାଟଣା ବିଜୟୀ

କୋରେଇ,୭/୧ (ନି.ପ୍ର): ପଥରପଦା ଗ୍ରାମର ଷଷ୍ଠ ତମ ଦେବାଶିଷ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଆଜି ଉଦ୍‌ଘାଟିତ ହୋଇଛି । ଏହି ପ୍ରତିଯୋଗିତାରେ ମୋଟ ୧୬ ଦଳ ଅଂଶ ଗ୍ରହଣ କରିଛନ୍ତି । ଏହି ପ୍ରତିଯୋଗୀତାକୁ ଅତିଥି ଭାବେ ଶିକ୍ଷାବିତ୍ ମଦନ ମୋହନ ବେହରା, ସମାଜସେବୀ ସନ୍ତୋଷ କୁମାର ବେହେରା, ଶ୍ରୀନିବାସ ବେହେରା ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଆଜିର ଖେଳର ପ୍ରଥମାର୍ଦ୍ଧରେ ମହିଁଷପୁର ବନାମ ଶଗଡି ମଧ୍ୟରେ ହୋଇଥିଲା । ମହିଁଷପୁର ପ୍ରଥମେ ଟସ ଜିଣି ବ୍ୟାଟିଙ୍ଗ କରିବାର ନିଷ୍ପତି ନେଇ ନିର୍ଦ୍ଧାରିତ ୧୦ ଓଭର ମଧ୍ୟରୁ ୮ ଓଭରରେ ସମସ୍ତ ୱିକେଟ ହରାଇ ୫୪ ରନ ସଂଗ୍ରହ କରିଥିଲା । ଜବାବରେ ଶଗଡି ୪.୩ ଓଭରରେ ୨ ୱିକେଟ ହରାଇ ୫୫ ରନ କରି ବିଜୟୀ ହୋଇଥିଲା । ଦ୍ୱିତୀୟାର୍ଦ୍ଧ ଖେଳ କାଜିପାଟଣା ବନାମ ଜହ୍ନା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜହ୍ନା ପ୍ରଥମେ ଟସ ଜିଣି ବ୍ୟାଟିଙ୍ଗ କରିବାର ନିଷ୍ପତି ନେଇ ୧୨ ଓଭରରେ ସମସ୍ତ ୱିକେଟ ହରାଇ ୯୪ ରନ ସଂଗ୍ରହ କରିଥିଲା । ଜବାବରେ କାଜିପାଟଣା ୧୧.୪ ଓଭରରେ ସମସ୍ତ ୱିକେଟ ହରାଇ ୮୦ ରନ କରି ପରାଜୟ ବରଣ କରିଥିଲା । ଫଳରେ ଆଜି ଶଗଡି ଓ ଜହ୍ନା ବିଜୟୀ ହୋଇଛନ୍ତି । ଏହି ଖେଳକୁ ରାଜେଶ ବେହେରା, ବନମାଳୀ ବେହେରା ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଦିବ୍ୟ ରଂଜନ ବେହେରା ଓ ଧାରାବିବରଣୀ ଗଣେଷ ବାରିକ୍, ଜୟଦେବ ବେହେରା ପ୍ରମୁଖ ପ୍ରଦାନ କରିଥିଲେ । ଶୁକ୍ରବାର ପାଣିକୋଇଲି ବନାମ ଭୋଟକା ଓ ଟୁଲଗେଟ ୧୧ ବନାମ ପଥରପଦା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ଅମୀୟ କୁମାର ବେହେରା ସୂଚନା ଦେଇଛନ୍ତି ।

# ୧୦ ତାରିଖରେ ବାଜିବ ଚଳିତବର୍ଷର ପ୍ରଥମ ରଥଘଂଟ

ପୁରୀ,୭/୧ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ଜୁଲାଇ ୧ ଶୁକ୍ରବାର ଦିନ ପଡୁଛି । ଏଥିପାଇଁ ପୂର୍ବରୁ ରଥକାଠ ଚିହ୍ନଟ ପାଇଁ ଆଜ୍ଞାମାଳ, ମହାପ୍ରସାଦ ଧରି ଏକ ପ୍ରତିନିଧି ଦଳ ନୟାଗଡ଼ ଜଙ୍ଗଲକୁ ଗସ୍ତ କରିବେ । ଜାନୁଆରୀ ୧୦ରେ ରଥଯାତ୍ରା ପାଇଁ ରଥକାଠ ଚିହ୍ନଟ ଉଦ୍ଦେଶ୍ୟରେ ଚଳିତବର୍ଷର ପ୍ରଥମ ରଥଘଂଟ ବାଜିବ ବୋଲି କୁହାଯାଇଛି । ଏହି ଦଳରେ ରଥ ଅମିନ, ଭୋଇସର୍ଦ୍ଦାର, ଶ୍ରୀମନ୍ଦିର ପ୍ରଶାସନ ଅଧିକାର , ରଥ ତତ୍ୱାବଧାରକ ଓ ଅନ୍ୟମାନେ ଗସ୍ତ କରିବେ । ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ, ମାହାର୍ଦ୍ଦ, ଲଡୁ ମହାପ୍ରସାଦ, ନଡ଼ିଆ ଓ ପୂଜାର୍ଚ୍ଚନା ପାଇଁ ସମସ୍ତ ସାମଗ୍ରୀ ନେଇ ଯିବେ । ନୟାଗଡ଼ ଦଶପଲ୍ଲା ରେଞ୍ଜ ଅନ୍ତର୍ଗତ ବଡ଼ରାଉଳ ଜଙ୍ଗଲରେ ଏହି ରଥକାଠ ଚିହ୍ନଟ କରାଯିବ । ଏହା ପୂର୍ବରୁ ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରି ଅନୁମତି ନେବା ପରେ ଜଙ୍ଗଲକୁ ପ୍ରବେଶ କରିବେ ଟିମ୍ । ରଥକାଠ କଟାଯିବା ପରେ ଏହି କାଠକୁ ଟ୍ରକ୍ ଯୋଗେ ପୁରୀ ଅଣାଯିବ । ଶ୍ରୀପଚଂମୀ ସରସ୍ୱତୀ ପୂଜା ଦିନ ରଥକାଠ ଅନୁକୂଳ କରାଯାଇ ରଥ ଖଳାରେ ଭୂମିଷ୍ଠ କରାଯିବ । ପରେ ମଇ ୩ ତାରିଖ ମଙ୍ଗଳବାର ଅକ୍ଷୟ ତୃତୀୟା ତିଥିରେ ରଥଖଳାରେ ତିନୋଟି ୧୨ ଫୁଟିଆ ଧଉରାକାଠ ପୂଜାର୍ଚ୍ଚନା କରାଯାଇ ରଥ ନିର୍ମାଣ କାର୍ଯ୍ୟ କରାଯିବ । ମଇ ୧୪ ନୃସିଂହ ଜନ୍ମ ଉପଲକ୍ଷେ ଗୁଜ ଅନୁକୂଳ କରାଯିବ । ମଇ ୨୨ ତାରିଖ ରବିବାର ଦିନ ଶ୍ରୀକ୍ଷେତ୍ର ଭଉଁରୀ ଉପଲକ୍ଷେ ଚକଡ଼େରା କରାଯିବ । ଜୁନ୍ ୧୪ ତାରିଖ ମଙ୍ଗଳବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁ ସ୍ନାନବେଦୀରେ ୧୦୮ ଗରା ଅଭିଭନ୍ତିତ ଜଳରେ ଚତୁର୍ଦ୍ଧାମୂର୍ତି ସ୍ନାନବେଦୀରେ ସ୍ନାନ କରିବେ । ପରେ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ । ଜଳସ୍ନାନ ଯୋଗୁଁ ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୋଇ ୧୪ ଦିନ ଅଣସର ପିଣ୍ଡିରେ ଅବସ୍ଥାନ କରିବେ । ୨୯ ତାରିଖ ବୁଧବାର ଦିନ ମହାପ୍ରଭୁ ନବଯୌବନ ବେଶରେ ରତ୍ନ ସିଂହାସନ ଉପରେ ବିଜେ କରିବେ । ଜୁଲାଇ ୧ ଶୁକ୍ରବାର ଦିନ ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରାରେ ଭକ୍ତଙ୍କୁ ବଡ଼ଦାଣ୍ଡରେ ଦର୍ଶନ ଦେବା ପାଇଁ ରତ୍ନସିଂହାସନ ଛାଡ଼ି ଚତୁର୍ଦ୍ଧାମୂର୍ତି ରଥକୁ ବିଜେ କରିବେ । ଜନ୍ମବେଦି ତଥା ଯଜ୍ଞବେଦି ଆଡ଼ପମଣ୍ଡପରେ ପ୍ରଭୁ ବିଜେ କରିବା ପରେ ଭକ୍ତମାନେ ଆଡ଼ପ ଅଭଡ଼ା ପାଇବାର ସୌଭାଗ୍ୟ ଅର୍ଜନ କରିବେ । ସିନ୍ଧୁନନ୍ଦିନୀ ଲକ୍ଷ୍ମୀଙ୍କୁ ରଥଯାତ୍ରାରେ ପ୍ରଭୁ ଶ୍ରୀଜଗନ୍ନାଥ ନେଇ ନଥିବାରୁ ରାଗ ଜର୍ଜରିତ ହୋଇ ୫ ତାରିଖ ହେରାପଚଂମୀ ତିଥିରେ ରଥକାଠ ଭାଙ୍ଗିବେ । ୮ ତାରିଖରେ ଆଡ଼ପମଣ୍ଡପରେ ଚତୁର୍ଦ୍ଧାମୂର୍ତିଙ୍କୁ ଭକ୍ତମାନେ ସନ୍ଧ୍ୟା ଦର୍ଶନ କରି ମହାପୂଣ୍ୟ ଅର୍ଜନ କରିବେ । ନବଦିନ ଯାତ୍ରା ସାରି ୯ତାରିଖରେ ମହାପ୍ରଭୁ ବାହୁଡ଼ାଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ରଥାରୁଢ ହୋଇ ସିଂହଦ୍ୱାରକୁ ଆସିବେ । ୧୦ ତାରିଖରେ ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ । ମହଣ ମହଣ ସୁନାରେ ମହାପ୍ରଭୁ ରଥ ଉପରେ ଭକ୍ତମାନଙ୍କୁ ଦର୍ଶନ ଦେବେ । ସେହିଦିନ ମଧ ହରିଶୟନ ଏକାଦଶୀ ପଡୁଛି । ଜୁଲାଇ ୧୧ରେ ଗରୁଡ଼ ଶୟନ ଓ ଅଧରପଣା ନୀତି ଅନୁଷ୍ଠିତ ହେବ । ଅଧରଚୁମ୍ବି ତୁମ୍ବାକୃତି ମାଟିହାଣ୍ଡି ପାତ୍ରରେ ଅଧରପଣା ଅର୍ପଣ କରାଯିବ । ଚଣ୍ଡିଚାମୁଣ୍ଡା ଭୂତପ୍ରେତ, ରଥାରୁଢ ପାର୍ଶ୍ୱ ଦେବାଦେବୀମାନେ ଅଧରପଣା ପାଇ ପ୍ରିତ ହେବେ । ୧୨ ତାରିଖ ମଙ୍ଗବାର ଦିନ ନିଳାଦ୍ରି ବିଜେ କରି ଚତୁର୍ଦ୍ଧାମୂର୍ତି ରତ୍ନସିଂହାସନରେ ବିରାଜମାନ କରିବେ । ୧୩ ତାରିଖ ବୁଧବାର ଦିନ ଭକ୍ତମାନେ ଶ୍ରୀମନ୍ଦିରରେ ପ୍ରଥମ ମହାପ୍ରସାଦ ନୀଳାଚଳ ଅବଢା ପାଇ ମହାପୂଣ୍ୟ ଅର୍ଜନ କରିବେ ।

ଏଠାରେ ଉଲ୍ଲେଖଯୋଗ୍ୟ, ୨୦୨୦,୨୦୨୧ ଦୁଇବର୍ଷ ଧରି କରୋନା କଟକଣା ଯୋଗୁଁ ଭକ୍ତମାନେ ରଥଟଣାରୁ ବଂଚିତ ହେବା ସହ ସେବାୟତ ବିଧିରକ୍ଷା କରି ରଥ ଟାଣିଥିଲେ । ଚଳିତବର୍ଷ କରୋନା କଟକଣା ଓ ଓମିକ୍ରନ ସଂକ୍ରମଣକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ରାଜ୍ୟ ପ୍ରଶାସନ ପରିସ୍ଥିତିକୁ ଦେଖି କ'ଣ କରାଯିବ ସେ ସମ୍ପର୍କରେ ନିଷ୍ପତି ନେବେ ।

## ଝୋଟର ବ୍ଲିଚିଂ ଓ ଡାଇଙ୍ଗ ସମ୍ବନ୍ଧୀୟ ତାଲିମ

କେନ୍ଦ୍ରାପଡ଼ା,୭/୧ (ନି.ପ୍ର): କେନ୍ଦ୍ରାପଡା ଜଝାଙ୍ଗ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ମହିଳା ଚାଷୀ ମାନଙ୍କୁ ଝୋଟର ବ୍ଲିଚିଂ ଓ ଡାଇଙ୍ଗ ସମ୍ବନ୍ଧୀୟ ଏକ ତାଲିମ ପ୍ରଦାନ କରାଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ସୂର୍ଯ୍ୟନାରାୟଣ ମିଶ୍ରଙ୍କ ଦ୍ୱାରା ଝୋଟକୁ ସଫା (ବ୍ଲିଚିଂ)କରି ବିଭିନ୍ନ ପ୍ରକାର ରଙ୍ଗ ଦେଇ ଏହାକୁ ଆକୃଷ୍ଟ କରାଯାଇ କଂଚାମାଲ କୁ ମୂଲ୍ୟଯୁକ୍ତ ସାମଗ୍ରୀ ଉତ୍ପାଦନ କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ରରେ ୨୦ଜଣ ମହିଳା ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ବୈଜ୍ଞାନିକ ନମିତା ମହାପାତ୍ର ଏହାକୁ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଓଏଲ୍‌ଏମ୍ ଡିପିସି ସତ୍ୟଭାମା ଦାସ, ଡ଼ଃ ମାନସ ରଞ୍ଜନ ବେହେରା, ଡ଼ଃ ପ୍ରଭଞ୍ଜନ ମିଶ୍ର, ନାବାର୍ଡ ଅଧିକାରୀ ଅଶୋକ କୁମାର ଆଚାର୍ଯ୍ୟ, ରାଜେଶ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇ ମହିଳା ଚାଷୀ ମାନଙ୍କୁ ଝୋଟ ଉତ୍ପାଦନ କରି ବିଭିନ୍ନ ପ୍ରକାର ସାମଗ୍ରୀ ତିଆରି କରିବା କୌଶଳ ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ ।

## ୨ ଗୋଟି ଜାତୀୟ ସେବା ଯୋଜନା ଶିବିର ଉଦ୍‌ଘାଟିତ

ନୂଆପଡା,୭/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ସ୍ଥିତ ସ୍ୱୟଂଶାସିତ କଲେଜ ଜାତୀୟ ସେବା ଯୋଜନା ଏନଏସଏସ)ର ୨ଟି ଶୀତକାଳୀନ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । କଲେଜ ଅଧକ୍ଷ ଗଙ୍ଗାଧର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶୀତକାଳୀନ ଶିବିରରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ କଲେଜ ଅଧକ୍ଷ ମେଜର ଡଃ ରାମଚନ୍ଦ୍ର ମିଶ୍ର ଯୋଗଦାନ କରି ଶିବିରର ଶୁଭ ଉଦ୍‌ଘାଟନ କରି ଛାତ୍ରଛାତ୍ରୀ ମାନଙ୍କୁ ଜାତୀୟ ସେବା ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅଶ୍ୱିନୀ ପାଢୀ, ଡଃ ତରୁଣ କୁମାର ପ୍ରଧାନ ପ୍ରମୁଖ ନିଜର ଅନୁଭୂତି ଜ୍ଞାପନ କରିଥିଲେ । ୨ ଗୋଟି ଶିବିର ୨୫ ଜଣ ସ୍ୱେଚ୍ଛାସେବା ଛାତ୍ରୀଙ୍କୁ ନେଇ ମହିଳା ୟୁନିଟ କୋଟିପଦର ଗ୍ରାମରେ ଏବଂ ୨୫ ଜଣ ସ୍ୱେଚ୍ଛାସେବୀ ଛାତ୍ରଙ୍କୁ ନେଇ ପୁରୁଷ ୟୁନିଟ ଚିଚେର ଗ୍ରାମରେ ୭ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଯଥା କରୋନା ସଚେତନତା, ଭୋଟର ଅଧିକାର, ପଂଚାୟତ ନିର୍ବାଚନ, ମାନବାଧିକାର, ଗ୍ରାମରେ ସ୍ୱଚ୍ଛତା ଉପରେ ଉପରେ ଅନୁଷ୍ଠିତ ହେବ । ଜାତୀୟ ସେବା ଯୋଜନା ସଂଯୋଜିକା ପ୍ରଣତୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଚିତରଞ୍ଜନ ଜେନା, ଶୁଭ୍ରାଂଶିସ ବାରିକ, ମୀନା ସାହା ଉପସ୍ଥିତ ଥିଲେ । ଶେଷରେ ସୁରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରାଣୀ ସମ୍ପଦ ସମସ୍ୟାକୁ ନେଇ ଜିଲ୍ଲା ପ୍ରଶାସନ ସହ ଆଲୋଚନା କଲେ ତେଜେଶ୍ୱର

କେନ୍ଦ୍ରାପଡ଼ା,୭/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଥିବା ବିଭିନ୍ନ ପ୍ରାଣୀ ସମ୍ପଦ ସଂପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଓଡିଶା ଖଦୀ ଓ ଗ୍ରାମ୍ୟଦ୍ୟୋଗ ବୋର୍ଡର ପୂର୍ବତନ ସଭାପତି ତେଜେଶ୍ୱର ପରିଡାଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ଓ ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ତ୍ରିଲୋଚନ ଦାସ, ଉପକଣ୍ଠ ଚିକିତ୍ସା ଅଧିକାରୀ ଡ଼ଃ ରବି ନାରାୟଣ ପଟ୍ଟନାୟକଙ୍କ ସହ ଆଲୋଚନା କରି ସମାଧାନ ପାଇଁ ଦାବି ଜଣାଇଛନ୍ତି । ବାରିମୂଳ ଠାରେ ଥିବା ସରକାରୀ ଘାସଫାର୍ମ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଥିବାରୁ ଏହାର ପୁନରୁଦ୍ଧାର ପାଇଁ ଦାବିକରି ଗୋଖାଦ୍ୟ ପ୍ରସ୍ତୁତି, ଉନ୍ନତମାନର ଘାସଚାରା ରୋପଣ, ଏଠାରେ ଥିବା ପୋଖରୀର ପୁନରୁଦ୍ଧାର କରାଯାଇ ମାଛଚାଷ, ଏହାର ସୁରକ୍ଷା ପାଇଁ ପାଚେରୀ ନିର୍ମାଣ କରାଗଲେ ଜିଲ୍ଲାର ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ଗୋଖାଦ୍ୟ ଯୋଗାଇ ଦିଆଯାଇ ପାରିବ ବୋଲି ପ୍ରସ୍ତାବ ରଖିଥିଲେ । ଏହି ଘାସ ଫାର୍ମର ପୁନରୁଦ୍ଧାର ସହ କାର୍ଯ୍ୟକ୍ଷମ କରାଗଲେ ପ୍ରାୟ ୧୫ଜଣ ବ୍ୟକ୍ତି ନିଯୁକ୍ତି ପାଇପାରିବେ । ସେହିଭଳି ଜିଲ୍ଲାରେ ଥିବା ଅନେକ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଡାକ୍ତର ନଥିବାରୁ ଗୋରୁଗାଇ, ଛେଳି , ମେଣ୍ଢା ଆଦି ରଖିଥିବା କୃଷକ ମାନେ ଚିକିତ୍ସା ସେବା ପାଇପାରୁ ନାହାଁନ୍ତି । ଡେରାବୀଶ , ଗରଦପୁର, ମାର୍ଶାଘାଇ ପ୍ରଭୃତି ବ୍ଲକରେ ପ୍ରାଣୀଧନ ନିରିକ୍ଷକ ନଥିବାରୁ ଜଣେ ଜଣେ କର୍ମଚାରୀଙ୍କୁ ୩-୪ଟିକେନ୍ଦ୍ରର ଦାୟିତ୍ୱ ଦିଆଯାଇ ଥିବାରୁ କୃଷକ ମାନଙ୍କ ପଶୁ ସମ୍ପଦ ଉପଯୁକ୍ତ ଚିକିତ୍ସା ପାଇପାରୁ ନାହିଁ । ୨୦୧୮ ମସିହାର ଲଗାଣ ବର୍ଷାରେ ଗରଦପୁର ବ୍ଲକର ୩୮ ଜଣ ଚାଷୀଙ୍କର ଗୃହପାଳିତ ପ୍ରାଣୀ ମୃତ୍ୟୁ ବରଣ କରିଥିଲେ ମଧ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇ ନଥିବା ଶ୍ରୀ ପରିଡା ଉପସ୍ଥାପନ କରିଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ ସମାଜସେବୀ ଗୁରୁଚରଣ ଜେନା, କୃପାସିନ୍ଧୁ ପ୍ରଧାନ, ଧନେଶ୍ୱର ମୁଦୁଲି, ଅରୁଣ କୁମାର ପଣ୍ଡା, ସୁରେଶ ଦାସ, ଧରଣୀଧର ବେହେରା ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ ।

## ଉପଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କଲେ ଚାଷୀ

ବ୍ରହ୍ମପୁର,୭/୧ (ନି.ପ୍ର): ଆଜି ଓଡ଼ିଶା କୃଷକ ସଭା, ବ୍ରହ୍ମପୁର ପକ୍ଷରୁ ଆଙ୍କୁଲିର ଚାଷୀମାନେ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ବିଭିନ୍ନ ଦାବୀ ନେଇ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ମୁଖ୍ୟ ସମସ୍ୟା ହେଲା ଚାଷୀମାନେ ଧାନ ବିକ୍ରି ପାଇଁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟା ଦୂର କରିବା ସହିତ ଚାଷୀଙ୍କ ଧାନ ବିକ୍ରି ଓ ବିକ୍ରି ଟଙ୍କା ସହଜରେ ପାଇବା ପାଇଁ ବ୍ୟବସ୍ଥା କରିବା ନିମନ୍ତେ ନିବେଦନ କରିଛନ୍ତି । ସେମାନଙ୍କ ଦାବୀ ମୁତାବକ, ଆଙ୍କୁଲିରେ ଧାନ ମଣ୍ଡି ଖୋଲାଯାଉ, ଭାଗ ଚାଷୀଙ୍କର ଧାନ କିଣାଯାଉ, ଚାଷୀଙ୍କୁ ସଙ୍ଗେ ସଙ୍ଗେ ଟଙ୍କା ଦିଆଯାଉ, ବାତ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦିଆଯାଉ । ଆଜିର ଏହି କାର୍ଯ୍ୟକ୍ରମରେ ଯୁଧିଷ୍ଠିର ବେହେରା, ବାବୁଲା ନାୟକ, ଶିବ ପ୍ରସାଦ ମହାପାତ୍ର, ରଞ୍ଜନ ପାତ୍ର, ନରସିଂହ ସାହୁ, କେଶବ ଗୌଡ଼, କୃଷ୍ଣ ନାହାକ, ବାଉରୀ ପ୍ରଧାନ ପମୁଖ ନେତୃତ୍ୱ ନେଇଥିଲେ । ବ୍ରହ୍ମପୁର ଉପଜିଲ୍ଲାପାଳଙ୍କୁ ସଂଗଠନ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରି ଆଲୋଚନା କରିଥିଲେ ।

## ହୋଟେଲ, ଇଟାଭାଟିରୁ ୨ ଶିଶୁ ଶ୍ରମିକ ଉଦ୍ଧାର

ଜୟପୁର ,୭/୧ (ନି.ପ୍ର): ବୈପାରିଗୁଡା ଓ ଜୟପୁର ନିକଟସ୍ଥ ନୂଆ ବସଷ୍ଟାଣ୍ଡ, ଖ୍ରୀଷ୍ଟିଆନପେଟା , ବାରିଣିପୁଟରେ ଥିବା ହୋଟେଲ, ଚା ଦୋକାନ , ଇଟାଭାଟିରେ ଚଢାଉ କରି ୨ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଜିଲ୍ଲା ଶ୍ରମ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଚାଇଲ୍ଡ ଲାଇନର ମିଳିତ ଭାବେ ଚଢାଉ କରିଥିଲେ । ଉଦ୍ଧାର ଶିଶୁ ଶ୍ରମିକମାନଙ୍କୁ ସିଡବ୍ଲୁସି କୁ ହସ୍ତାନ୍ତର କରାଯାଇଛି । ଏହି ଚଢାଉରେ ଜିଲ୍ଲା ଶ୍ରମ ଅଧିକାରୀ ପ୍ରସନ୍ନ କୁମାର ପାଣିଗ୍ରାହୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ସିଡବ୍ଲୁସି ଅଧକ୍ଷ ପ୍ରଭାତ କୁମାର ବିଡିକା, ସହକାରି ଶ୍ରମ ଅଧିକାରୀ ପଦ୍ମ ଚରଣ ପଣ୍ଡା, ଚୈତନ୍ୟ ପ୍ରସାଦ ମାଝୀ, ଗ୍ରାମୀଣ ଶ୍ରମ ନୀରିକ୍ଷକ ପୁର୍ଣ୍ଣିମା ଢୁରୁକା, ପ୍ରୋଗ୍ରାମ ମ୍ୟାନେଜର ବିନାୟକ ସାନ୍ତ୍ରା, ଚାଇଲ୍ଡ ଲାଇନର ହେମନ୍ତ କୁମାର ବେହେରା, ମନୋଜ ପଟ୍ଟନାୟକ ସହ ପୋଲିସ ଉପସ୍ଥିତ ଥିଲେ ।

# ଓମିକ୍ରନ ସଚେତନତା ପାଇଁ ଫିରିଙ୍ଗିଆ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ

କନ୍ଧମାଳ,୭/୧ (ନି.ପ୍ର): ସାରା ରାଜ୍ୟରେ ବର୍ତମାନ ଓମିକ୍ରନ ପାଇଁ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ଏହାର ମୁକାବିଲା ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପ୍ରଶାସନ ତରଫରୁ ମଧ୍ୟ ଏହି ଓମିକ୍ରନ ସଚେତନତା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମୀରଞ୍ଜନ ମହନ୍ତଙ୍କ ଅଧକ୍ଷତାରେ ବ୍ଲକ ପରିସରରେ ଥିବା ସଭାଗୃହ ଠାରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏହି ବୈଠକ ରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ କହଁରଙ୍କ ସମେତ ଫିରିଙ୍ଗିଆ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ , ଗୋଛାପଡା ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ,ବ୍ଲକ ମହିଳା ଓ ଶିଶୁବିକାଶ ଅଧିକାରୀ ହରପ୍ରିୟା ମେହେର , ଗୋଷ୍ଠୀ ସ୍ୱାସ୍ଥ୍ୟଅଧିକାରୀ ଡାକ୍ତର ମିଳନ କୁମାର ପ୍ରଧାନ , ଫିରିଙ୍ଗିଆ ରାଜସ୍ୱ ନିରୀକ୍ଷକ ରୀତାଞ୍ଜଳି ବେହେରା, ସମସ୍ତ ପଂଚାୟତ ର କାର୍ଯ୍ୟନିର୍ବାହୀ ଅଧିକାରୀ ଆଇସିଡିଏସ ସୁପରଭାଇଜର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ରେ ପ୍ରତ୍ୟେକ ପଂଚାୟତ ମାନଙ୍କରେ ଡାକବାଜି ଯନ୍ତ୍ର ସାହାଜ୍ୟ ରେ ସଚେତନତା କରିବା ସହ , ବାହାର ରାଜ୍ୟ ଓ ଜିଲ୍ଲା ରୁ ଆସୁଥିବା ବ୍ୟକ୍ତି ବିଶେଷ ମାନଙ୍କ ଉପରେ ନଜର ରଖିବା । ବ୍ଲକ ରେ କରେନା ସମୟରେ ଖୋଲାଯାଇଥିବା କଂଟ୍ରୋଲ ରୁମ ଗୁଡିକୁ ପୁଣି ଥରେ ତ୍ୱରାନ୍ୱିତ କରିବା , ପୋଲିସ ଓ ପ୍ରଶାସନ ରମିଳିତ ଭାବରେ ସହର ଠାରୁ ଆରମ୍ଭ କରି ଗ୍ରାମାଂଚଳ ପର୍ଯ୍ୟନ୍ତ ଜନସଚେତନତା କରିବା ଓ ଟିକାକରଣ କୁ ଅଧିକ ମାତ୍ରାରେ ଗୁରୁତ୍ୱ ଦେବା ପାଇଁ ନିଷ୍ପତି ନିଆଯାଇଥିଲା ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ବିଭିନ୍ନ ବିଭାଗର ଅଭିଭାବକ ଓ ଶିକ୍ଷକ ବୈଠକ

କେନ୍ଦ୍ରାପଡ଼ା,୭/୧ (ନି.ପ୍ର): ଆଜି ତୁଳସୀ ମହିଳା ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ, ଇଂରାଜୀ ଶିକ୍ଷା, ଗୃହ ବିଜ୍ଞାନ ଓ ସଂସ୍କୃତ ବିଭାଗ ପକ୍ଷରୁ ଅଧାପକ ଓ ଅଭିଭାବକ ବୈଠକ ପୃଥକ ପୃଥକ ଭାବେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅଧକ୍ଷ ପ୍ରଫେସର ରଞ୍ଜିତ୍ ରଞ୍ଜନ ସାହୁ, ଓ ବରିଷ୍ଠ ଅଧାପିକା ଡ଼ ପ୍ରମିଳାରାଣୀ ବେହେରା ଓ ନାକ୍ ସଂଯୋଜକ ଡ଼ ମଥୁରୀ ଚରଣ ନାୟକ ଯୋଗଦେଇ ଅଭିଭାବକମାନଙ୍କୁ ବୈଠକର ଉଦ୍ଦେଶ୍ୟ ତଥା ଛାତ୍ରୀମାନଙ୍କ ଭବିଷ୍ୟତ ଗଠନରେ ସହଯୋଗ କାମନା କରିଥିଲେ । ବିଭିନ୍ନ ବିଭାଗୀୟ ମୁଖ୍ୟ ମଞ୍ଜୁଶ୍ରୀ ସ୍ୱାଇଁ, ପ୍ରଜ୍ଞା ମହାନ୍ତି, ଜୟଶ୍ରୀ ବେହେରା, ସବିତା ଦାସ ଓ ଡ଼ ପଦ୍ମଜା କବି ଶତପଥୀ ବୈଠକରେ ଛାତ୍ରୀମାନଙ୍କର ସୁବିଧା ଅସୁବିଧା ଓ ସେମାନଙ୍କର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ । ବୈଠକରେ ବହୁସଂଖ୍ୟକ ଅଭିଭାବକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ । ଅନୁଷ୍ଠାନର ଓ ଛାତ୍ରୀମାନଙ୍କର ଉନ୍ନତି ନିମନ୍ତେ ଅଭିଭାବକମାନେ ନିଜ ନିଜ ମତାମତ ପରିପ୍ରକାଶ କରିଥିଲେ ।

# ବନ୍ଦନା ଖଟୁଆ କେନ୍ଦ୍ରାପଡାର ନୂତନ ବିଡିଓ ଭାବେ ନିଯୁକ୍ତ

କେନ୍ଦ୍ରାପଡ଼ା,୭/୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକର ନୂତନ ବିଡିଓ ଭାବେ ବନ୍ଦନା ଖଟୁଆ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଗୁରୁବାର ଅପରାହ୍ନରେ ଶ୍ରୀମତୀ ଖଟୁଆ ବ୍ଲକରେ ପହଁଚି ଦାୟିତ୍ୱ ଗ୍ରହଣ କରିଥିଲେ । ପୂର୍ବରୁ ସେ କଟକର ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ । କେନ୍ଦ୍ରାପଡାର ପୂର୍ବତନ ବିଡିଓ ଅଶ୍ୱିନୀ କୁମାର ଦାସ ଙ୍କ ଜଳେଶ୍ୱରକୁ ବଦଳି ହୋଇଛି । ତେବେ ପୂର୍ବତନ ବିଡିଓ ଶ୍ରୀ ଦାସଙ୍କ ବଦଳିରେ ଅସନ୍ତୋଷ ପ୍ରକାଶ କରିଥିବା ସରପଂଚ ମାନେ ତାଙ୍କ ବଦଳି ବାତିଲ ପାଇଁ ଜିଲ୍ଲାପାଳଙ୍କ ଠାରେ ଦାବି କରିବା ସହ ଆଜି ବ୍ଲକ ପରିସରରେ ରୁଣ୍ଡ ହୋଇ ବଦଳି ବାତିଲ ପାଇଁ ଦାବିକରି ହୋହାଲ୍ଲା କରିଥିଲେ । ନୂତନ ଭାବେ ଯୋଗ ଦେଇଥିବା ବିଡିଓ ଶ୍ରୀମତୀ ଖଟୁଆ ବ୍ଲକ ଅଧକ୍ଷ ଶିବ ପ୍ରସାଦ ଭୋଳଙ୍କ ପ୍ରକୋଷ୍ଠକୁ ଯାଇ ସୌଜନ୍ୟ ମୂଳକ ସାକ୍ଷାତ କରିବା ସହ ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟକୁ ଆଗେଇ ନେବେ ବୋଲି ପ୍ରତିଶୃତି ଦେଇଥିଲେ । ତେବେ ନୂତନ ବିଡିଓଙ୍କ ଯୋଗଦାନ ଖବର ପାଇ ପୂର୍ବତନ ବିଡିଓଙ୍କ ଦ୍ୱାରା ଉପକୃତ ହୋଇଥିବା କିଛି ଠିକାଦାର ଓ ସରପଂଚ ମାନେ ବ୍ଲକ ପରିସରରେ ମେଳିହୋଇ ହୋହାଲ୍ଲା କରିବା ସହ ପୁରୁଣା ବିଡିଓଙ୍କୁ ଛାଡିବୁ ନାହିଁ ବୋଲି ପାଟିତୁଣ୍ଡ କରିଥିଲେ । ଏହାକୁ ନେଇ ବ୍ଲକ ପରିସରରେ ଉତେଜନ ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ବଦଳି କାର୍ଯ୍ୟକାରୀ ହୋଇଥିଲେ ମଧ ପୂର୍ବତନ ବିଡିଓ ରିପୋର୍ଟ ଲେଖା ହେଲା ବେଳକୁ ଦାୟିତ୍ୱ ହସ୍ତାନ୍ତର କରିନଥିବା ଜଣାପଡିଛି ।

## ଗୋଟିଏ ଟଙ୍କାର ଚାଉଳ ପାଇଁ କୋଟିଏ ଟଙ୍କାର ଜୀବନକୁ ବାଜି

କନ୍ଧମାଳ,୭/୧ (ନି.ପ୍ର): କଥାଟି ଅପ୍ରାସଙ୍ଗିକ ମନେ ହେଲେ ବେ ନିରାଟ ସତ । ଯେଉଁଠି ଭାଗ୍ୟକୁ ଆଦରି ଦୀର୍ଘ ବର୍ଷ ଧରି ବିପଦ ସଂକୁଳ ସ୍ଥିତିରେ ଭରାନଦୀ ଭିତରେ ଯାତାୟତ କରନ୍ତି ଗ୍ରାମବାସୀ । ରାସ୍ତା ଅଭାବରୁ ଏକ ପ୍ରକାର ଅଭିଶପ୍ତ ଜୀବନ ବିତାଉଛନ୍ତି କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ମହାସିଂ ପଂଚାୟତର ଇନ୍ଦିରାଜା, ଲାଦାନପଡା, ବାଡିପଙ୍ଗା ଓ ସାଇନ ପଡା ପଂଚାୟତର ବିକାଙ୍ଗିଆ.ଜାଗରି ସୁଗା ଓ ନନ୍ଦାମାହା ଗ୍ରାମବାସୀ । ଏହି ସବୁ ଗ୍ରାମକୁ ସମ୍ପୂର୍ଣ୍ଣ ବିଛିନ୍ନ କରି ରଖିଛି ଖଡଗ ନଦୀ । ନଦୀ ଉପରେ ପୋଲ ନିର୍ମାଣ ହୋଇ ନଥିବାରୁ ଗ୍ରାମବାସୀ ସରକାରୀ ସହାୟତା ପାଇଁ ହେଉ କିମ୍ବା କୌଣସି ଯୋଜନାରେ ସାମିଲ ହେବାକୁ ହେଲେ ଜୀବନକୁ ବାଜି ଲଗାଇ ପାର ହେଉଛନ୍ତି । ଏଭଳିକି ଟଙ୍କିକିଆ ଚାଉଳ ସଂଗ୍ରହ କରିବାକୁ ମଧ ଏମାନେ ନଦୀ ପାର ହୋଇ ଯାତାୟତ କରିଥାନ୍ତି । ଚାଉଳକୁ ମୁଁଡରେ ବୋହି ନଦୀ ପାର ହେବା ଏମାନଙ୍କ ନିତିଦିନିଆ ଘଟଣା ହୋଇଗଲାଣି । ନଦୀ ପାର ହୋଇ ସେମାନେ ମହାସିଂ ପଂଚାୟତରେ ପହଂଚି ଚାଉଳ ଆଣି ଫେରିବା ବେଳେ ବିଭିନ୍ନ ସମୟରେ ନଦୀରେ ପଡି ସେମାନେ ଆହତ ମଧ ହୋଇଛନ୍ତି । ବର୍ଷା ଦିନେ ବିନା ନାବିକରେ ଡଙ୍ଗାରେ ନଦୀ ପାର ହୋଇ ଯାତାୟତ କରୁ ଥିବା ବେଳେ ଅନ୍ୟ ସମୟରେ ଅଂଟାଏ ପାଣିରେ ଯାଆନ୍ତି । ରାସ୍ତାଟିଏ ନଥିବାରୁ କିଏ ରୋଗ ଗ୍ରସ୍ତ ହେଲେ କିମ୍ବା ପ୍ରସୂତୀଟିଏ କଷ୍ଟ ପାଉଥିଲେ ମଧ ଡାକ୍ତରଖାନା ନେବାରେ ଏମାନଙ୍କ ରାହା ନାହିଁ । ଅନେକ ସମୟରେ ଗୁରୁତର ରୋଗୀ ମାନଙ୍କ ପ୍ରାଣ ହାନୀ ହେଉଥିବା କହନ୍ତି ଗ୍ରାମବାସୀ । ଇନ୍ଦିରାଜୀ ଗ୍ରାମରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ସ୍କୁଲ ଟିଏ ଥିଲେ ମଧ ଉଚ୍ଚ ଶିକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ । ଅଧିକାଂଶ ଅଭିଭାବକ ଭୟରେ ସେମାନଙ୍କ ପିଲାଙ୍କୁ ବାହାରକୁ ପିଲାମାନଙ୍କୁ ପଢାଇବା ପାଇଁ ଛାଡନ୍ତି ନାହିଁ । ନଦୀ ରେ ପୋଲ ନଥିବାରୁ ଏହି ସବୁ ଗ୍ରାମର ଲୋକେ ଶିକ୍ଷା,ସ୍ୱାସ୍ଥ୍ୟ ଓ ଗମନା ଗମନ ସହିତ ଆବାସ ଯୋଜନାରୁ ବଂଚିତ ରହିଛନ୍ତି । ଗାଁକୁ ରାସ୍ତା ନଥିବା ଏମାନଙ୍କ ପାଇଁ ସାଜିଛି ବିକାଶରେ ବାଧକ । ବାରମ୍ବାର ଦାବି କଲେ ମଧ ଶୁଣିବାକୁ କେହି ନାହିଁ ।

## ବଲାଙ୍ଗିର ବନବିଭାଗ ପକ୍ଷରୁ ପକ୍ଷୀ ଗଣନା ଆରମ୍ଭ

ବଲାଙ୍ଗିର,୭/୧ (ନି.ପ୍ର): ବଲାଙ୍ଗିର ବନବିଭାଗ ପକ୍ଷରୁ ୨୦୨୨ ପକ୍ଷୀ ଗଣନା ଗତକାଲି ୫ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ଏହା ଜିଲ୍ଲାର ୧୧ ଗୋଟି ରେଞ୍ଜରେ ଥିବା ବଡ ପୋଖରୀ ଜଳଶୟ ଝରଣା ତଥା ପକ୍ଷୀ ରହୁଥିବା ଓଦା ଅଂଚଳରେ କରାଯାଇଛି । ଏହାଦ୍ୱାରା ରହୁଥିବା ବହିରାଗତ ବିଦେଶୀ ମୂଳରୁ ଏଠାକୁ ଆସୁଥିବା ପକ୍ଷୀ ମାନଙ୍କର ଉପରେ ବିଶେଷ ଅନୁଧାନ ପାଇଁ ଜିଲ୍ଲା ବନବିଭାଗ ପ୍ରଶାସନ ଦିଆଯାଇଥିବା ସୂଚନା ଆଧାରିତ ଗଣନା କରିଛନ୍ତି ଯାହାର କାମ ଚାଲିଛି । ଖୁବ୍ ଶୀଘ୍ର ପ୍ରାୟ ସପ୍ତାହ ମଧରେ କାମ ସାରିଲା ପରେ ସର୍ବ ସାଧାରଣଙ୍କ ଗୋଚରାର୍ଥେ ତଥ୍ୟକୁ ସାର୍ବଜନୀନ କରାଯିବ ବୋଲି ବନଅଧିକାରୀ ନୀତିଶ କୁମାର ସୂଚନା ଦେଇଛନ୍ତି ।

## ଚା'ର ପ୍ରଭାବ



ଅଧିକ ପରିମାଣରେ ଚା' ଓ କଫି ପିଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ ନୁହେଁ ବୋଲି ବିଶେଷଜ୍ଞଙ୍କ ମତ। ଖାଲିପେଟରେ ଚା ପିଇଲେ ତାହା ଆମ ପାଚନ କ୍ରିୟା ଉପରେ କୁପ୍ରଭାବ ପକାଇଥା, । ନିକଟରେ କିନ୍ତୁ ସିଙ୍ଗାପୁର ବିଶ୍ୱବିଦ୍ୟାଳୟର ପ୍ରାଧାପକ ଫେଙ୍ଗ ଲୁଇ ନିଜ ସହଯୋଗୀଙ୍କ ସହ ଏକ ଗବେଷଣାର ଫଳାଫଳ ଘୋଷଣା କରିଛନ୍ତି । ୨୦୧୫-୨୦୧୮ ପର୍ଯ୍ୟନ୍ତ ଅନୁଧାନ ଚାଲିଥିବା ବେଳେ ଏଥିରେ ବୟସ୍କ ପିଢ଼ି ସାମିଲ ହୋଇଥିଲେ । ମୋଟ ୩୬ଜଣ ଲୋକଙ୍କୁ ନିଆଯାଇ ଏମାନଙ୍କ ଗତିବିଧିକୁ ଅନୁଧାନ କରାଯାଇଥିଲା । ଏଇ ବର୍ଗର ଲୋକ ପ୍ରତ୍ୟହ ନାଲି ଚା, କଳା ଚା', ଓ କ୍ଷିର ଚା ପିଉଥିଲେ । ଚା' ପିଇବା ଦ୍ୱାରା ଏମାନେ ଫୂର୍ତ୍ତି ଅନୁଭବ କରୁଥିବାର ଦେଖାଯାଇଥିଲା । ସକାଳ ଜଳଖିଆ ଓ ସନ୍ଧ୍ୟାବେଳେ ପ୍ରତ୍ୟହ ଚା ପିଇବା ସହ ଏହା ସହ ବିସ୍କୁଟ ମଧ ଖାଇଥାନ୍ତି । ଗୋଟିଏ ଦିନ ଚା ନ ପିଇଲେ ସେମାନେ ଚିଡ଼ଚିଡ଼ା ହେବା ସହ ଦିନର ଅନ୍ୟ ସମୟରେ ମଧ ଭଲ ଭାବେ ଖାଉନଥିବାର ଦେଖା ଯାଇଥିଲା । ଏଣୁ ବିଶେଷଜ୍ଞଙ୍କ ମତରେ ଦିନକୁ ଅନ୍ତତଃ ଥରୁଟିଏ ଜଣେ ବ୍ୟକ୍ତି ଚା' ପିଇବା ଆବଶ୍ୟକ ।

## ଉଚ୍ଚ ରକ୍ତଚାପ କମାଉଥିବା ପାନୀୟ

ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଫ୍ଲୋରିଡ଼ା ଭିଭେ ସ୍ୱାସ୍ଥ୍ୟ ସଂସ୍ଥାର ପରିଚାଳକ ତଥା କେତେକ ଗବେଷକ ସ୍ୱାସ୍ଥ୍ୟକର ପାନୀୟକୁ ନେଇ ଯେଉଁ ସନ୍ଦର୍ଭ ପ୍ରକାଶ କରିଥିଲେ । ତାହା ବହୁ ସ୍ଥାନରେ ପରୀକ୍ଷିତ ହୋଇ ଜଣାପଡ଼ିଛି ଯେ ଏହାର ନିୟମିତ ସେବନ ଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ ହୋଇଥାଏ । ଏଗୁଡ଼ିକ ହେଲା:

**ମନ୍ଦାରଫୁଲ ଚାହା:** ଗାଢ଼ ଲାଲ ମନ୍ଦାରଫୁଲରୁ ଏହା ପ୍ରସ୍ତୁତ କରାଯାଇଥାଏ । ଇରାନ ଓ ମଧ ପ୍ରାଚ୍ୟ ଦେଶରେ ଏହାର ପ୍ରଚଳନ ଖୁବ ଅଧିକ ଓ ଏକ ସର୍ବେକ୍ଷଣରୁ ଜରାପଡ଼ିଛି ଯେ ତୁଳନାତ୍ମକ ଭାବେ ଏଠାକର ବାସିନ୍ଦା ଉଚ୍ଚ ରକ୍ତଚାପରେ କମ ଆକ୍ରାନ୍ତ ହୁଅନ୍ତି । ଏଥିରେ ଥିବା ଫାଇଟୋ କେମିକାଲ ପ୍ରାକୃତିକ ଏସିଇ ଇନିହିବିଟର ଭଳି କାମ କରି ରକ୍ତ ଚାପ ନିୟନ୍ତ୍ରଣ କରେ । ଦିନକୁ ଦୁଇ କପରୁ ତିନି କପ ସେବନ ରକ୍ତ ଚାପ ସହ କୋଲେଷ୍ଟେରଲ କମାଇବାରେ ସାହାଯ୍ୟ କରେ ।

**ବିଟ୍ ରସ:** ଅଷ୍ଟ୍ରେଲିଆର ମେଲବର୍ଣ ଫିଜିକାଲ ବାୟୋଲ୍ୟାବରେ ୨୦୧୪ ୧୫ ମସିହାରେ ବିଟର ଔଷଧୀୟ ଗୁଣକୁ ନେଇ ପରୀକ୍ଷା ପରେ ଜଣାପଡ଼ିଲା ଯେ ଦିନକ ଗୋଟିଏ ବା ଦୁଇଟି ବିଟର ରସ ସେବନ ଦ୍ୱାରା ରକ୍ତଚାପ କମେ । ବିଟରେ ଅଧିକ ନାଇଟ୍ରେଟ୍ ଥିବାରୁ ଏହା ଶରୀରରେ ନାଇଟ୍ରାଇଟରେ ପରିଣତ ହୁଏ ଏବଂ ରକ୍ତନଳୀ ପ୍ରସାରିତ କରି ରକ୍ତଚାପ କମାଏ । ଏହାଛଡ଼ା ବିଟରେ ଥିବା ପଟାସିୟମ ଓ ଫୋଲେଟ ମଧ ରକ୍ତଚାପ କମ କରେ । ରକ୍ତଚାପ ଯୋଗୁ ହୃଦପିଣ୍ଡର ମାଂସପେଶୀ ନମନୀୟତା ହରାଉଥିବବବାରୁ ହୃଦରୋଗ ସୃଷ୍ଟି କରେ । ବିଟ ରସ ହୃତପିଣ୍ଡ ମାଂସପେଶୀରେ ଅମ୍ଳଜାନ ପରିମାଣ ବଢ଼ାଇ ଏହାର ନମନୀୟତା ରକ୍ଷା କରିଥାଏ ।

**ବେଦନା ରସ:** ଏଥିରେ ମଧ ମନ୍ଦାର ଚାହାଭଳି ପ୍ରାକୃତିକ ଏସିଇ ଇନହିଟିଟର ଥାଏ ଯାହା ରକ୍ତଚାପ କମାଏ । ତାଛଡ଼ା ଏଥିରେ ପଟାସିୟମ ଥିବାରୁ ମଧ ରକ୍ତଚାପ କମାଇବାରେ ସହାୟକ । କୁଇନ ମାର୍ଗାରେଟ ବିଶ୍ୱବିଦ୍ୟାଳୟ ଏଡିନବର ଓ ସ୍କଟଲାଣ୍ଡରେ ହୋଇଥିବା ଗବେଷଣାରୁ ଜଣାପଡ଼ିଛି ଯେ ରକ୍ତି ଚାପ ସହ ଏହା ରକ୍ତନଳୀ ଭିତରେ ଜମିଥିବା ଚର୍ବି ମଧ କମାଏ ।

**କ୍ରାନ ବେରିରସ:** ଏଥିରେ ଥିବା ନାଇଟ୍ରେଟ ରକ୍ତଚାପ କମାଇବାରେ ସାହାଯ୍ୟ କରେ । ଏହି ରସରେ ଥିବା କାରଣ ବିରୋଧୀ ଶକ୍ତି ରକ୍ତନଳୀ ଭିତରେ ସୃଷ୍ଟି ହୋଇଥିବା କ୍ଷତକୁ ଆରୋଗ୍ୟ କରିଥାଏ ।





## ଆଖିତଳ କଳାଦାଗର ଉପଚାର



କାମର ଚାପ ସହ ଅତ୍ୟଧିକ ଚିନ୍ତା କଲେ ଆଖି ତଳେ କଳାଦାଗ ହୋଇଥାଏ । ଏହା ଯୁବତୀ ଓ ମହିଳାଙ୍କର ମୁଖ ମଣ୍ଡଳର ସୌନ୍ଦର୍ଯ୍ୟକୁ ହ୍ରାସ କରେ । ଏଥିରୁ ରକ୍ଷା ପାଇବାକୁ ଚାହୁଁଥିଲେ ନିୟମିତ ଭାବେ ଘରୋଇ ଉପଚାର କରନ୍ତୁ ।

- ତରଭୁଜ ଏକ ଗ୍ରୀଷ୍ମଦିନିଆ ଫଳ ହୋଇଥିବା ସତ୍ତ୍ୱେ ଏବେ ଅନ୍ୟ ଋତୁରେ ମଧ ସହଜରେ ଉପଲବ୍ଧ ହେଉଛି । ଆଖି ତଳ କଳାଦାଗରୁ ରକ୍ଷା ପାଇବାକୁ ଚାହୁଁଥିଲେ ଏହା ଏକ ଉତ୍ତମ ଫଳ । ଦୈନିକ ତରଭୁଜ ରସ ପିଇବା ସହ ଏହାକୁ ଯେ କୌଣସି ପ୍ୟାକରେ ମିଶାଇ ଲଗାଇ ପାରିବେ । ତ୍ୱଚାରେ ଚମକ ଆସିବା ସହ ଆଖି ତଳ କଳାଦାଗ ମଧ ଦୂରେଇଯାଏ ।
- ଟମାଟୋ ରସ ଆଖି ତଳ କଳାଦାଗରେ ଲଗାଇବା ପରିବର୍ତ୍ତେ ଟମାଟୋ ରସ ପିଇବା ସହ ନିଜ ରୋଷେଇରେ ଏଇ ପରିବାର ବ୍ୟବହାର କରନ୍ତୁ । ଟମାଟୋ ତ୍ୱଚାର ଉତ୍ତମ ବନ୍ଧୁ ବୋଲି ବିଶେଷଜ୍ଞଙ୍କ ମତ । ୧ମାସ ଦୈନିକ ଖାଲି ପେଟରେ ଟମାଟୋ ରସ ପିଇଲେ ଫରକ ଜାଣିପାରିବେ ।
- ପେସ୍ତା ବାଦାମ ତେଲ ଏବେ ବଜାରରେ ସହଜରେ ଉପଲବ୍ଧ । ଏହି ତେଲକୁ ଆଖି ତଳ କଳାଦାଗରେ ଲଗାଇ ହାଲକା ଭାବେ ମାଲିସ କରନ୍ତୁ । ଦେଖିବେ, ଦିନ କେଇଟାରେ କଳାଦାଗ ଦୂରେଇଯିବ । ଭିଟାମିନ 'ଇ'ରେ ଭରପୂର ତେଲ ଆଖିର ଜ୍ୟୋତି ମଧ ବଢ଼ାଏ ।
- ଭୋଜନରେ ସବୁଜ ପନିପରିବା ଖାଇବା ସହ କଫି ଗୁଣ୍ଡକୁ ଅଧ ଚାମଚ ପାଣିରେ ମିଶାଇ ଆଖି ତଳ କଳାଦାଗରେ ଲଗାଇ ୧୦ମିନିଟ ପରେ ଧୋଇନେବେ ।




## ପତଳା କରିବ ଫଳ



ମେଦ ବହୁଳତା ଏବେ ଅଧିକାଂଶଙ୍କୁ ଏପରି ଆକ୍ରାନ୍ତ କରିଛି ଯେ ସେମାନେ, ପତଳା ହେବା ଲାଗି ବିଭିନ୍ନ ପ୍ରକାର ଚେଷ୍ଟା ଚଳାଇଛନ୍ତି । ଏଥିପାଇଁ ଅନେକେ ଡାଏଟିଂ ବା ଖାଦ୍ୟ ନିୟନ୍ତ୍ରଣ କରୁଛନ୍ତି । ତେବେ କେବଳ ଖାଦ୍ୟ ଛାଡ଼ିବାରେ ମନ ମୁତାବକ ଫଳ ମିଳିନଥାଏ । କେତେକ ଜିନିଷ ଖାଇବା ଦ୍ୱାରା ବି ଓଜନ କମାଇପାରିବେ । ଏପରି କେତୋଟି ଫଳ ରହିଛି ଯାହା ହଜମ ହେବାରେ ବହୁତ କ୍ୟାଲୋରୀ ଦରକାର ହୁଏ ଏବଂ ମେଟାବଲିଜିମ ବଢ଼ାଏ । ତେଣୁ ଶରୀରରେ ଫ୍ୟାଟ୍ ଜମିବା କମେ । ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ ଏପରି ୫ଟି ଫଳ ଓଜନ କମାଇବାରେ ବେଶ ସହାୟକ ।

**ସେଓ:-** ଏଥିରେ ପେକ୍ଟିନ କମ୍ପାଉଣ୍ଡ ରହିଛି ଯାହା ଶରୀରକୁ ବିଷାକ୍ତ ତତ୍ତ୍ୱ ମୁକ୍ତ କରିଥାଏ । ଏହା ସହିତ ଫାଇବର ଏବଂ ଆମିନୋ ଏସିଡ ଥିବାରୁ ହଜମକ୍ରିୟା ସୁସ୍ଥ ରଖେ । ତେଣୁ ପ୍ରତିଦିନ ଗୋଟିଏ ଲେଖାଏଁ ସେଓ ଖାଆନ୍ତୁ ।

**ତରଭୁଜ:** ଏହା କମ କ୍ୟାଲୋରୀର ଫଳ ହୋଇଥିବାର ଏହାକୁ ପର୍ଯ୍ୟାପ୍ତ ପରିମାଣରେ ଖିଆ ଯାଇପାରେ । ଏଥିରେ ଥିବା ଆର୍ଜିନାଇନ ଶରୀରରେ ଚର୍ବି ଜମିବାକୁ ଦିଏ ନାହିଁ ।

**ନଡ଼ିଆ:** ମେଟାବେଲିଜିମ ବଢ଼ାଇବା ଲାଗି ଏହା ଖୁବ ଉପଯୋଗୀ । ହଜମକ୍ରିୟା ସୁସ୍ଥ ରଖେ । ବିଶେଷକରି ପଇଡ଼ ଶରୀରକୁ ମେଦମୁକ୍ତ ରଖିବା ଲାଗି ଗୁରୁତ୍ୱପୂର୍ଣ୍ଣ ।

**ଲେମ୍ବୁ:-** ଚର୍ବି ହ୍ରାସ କରିବାରେ ଏହା ଖୁବ ସହାୟକ । ଜିରା ସହିତ ଲେମ୍ବୁ ଖାଇଲେ ବେଶୀ ଫଳଦାୟକ ହୋଇଥାଏ । ପ୍ରତିଦିନ ସନ୍ଧ୍ୟାରେ ଏକ ଚାମଚ ଜିରା ପିଇବା ପାଣିରେ ଭିଜାଇ ଦିଅନ୍ତୁ । ସକାଳୁ ଖାଲିପେଟରେ ଏହି ଜିରା ଚୋବାଇ ଖାଇବେ ବଳକା ପାଣିକୁ ହାଲକା ଉଷୁମ କରି ସେଥିରେ ଫାଳେ ଲେମ୍ବୁ ଚିପୁଡ଼ି ଏକ ଚାମଚ ମହୁ ମିଶାଇ ଚା ପିଇବା ପରି ପିଅନ୍ତୁ । ଏହି ପ୍ରୟୋଗ କରିବା ସମୟରେ ଜଳଖିଆ ନଖାଇ ସିଧା ଦ୍ୱିପ୍ରହର ଖାଦ୍ୟ ଖାଇବେ । ଖାଇବା ପୂର୍ବରୁ ୧ପ୍ଲେଟ୍ ସାଲାଡ଼ ଖାଇବା ସହ ଖାଦ୍ୟରେ ସବୁଜ ପନିପରିବା ରହିବା ପ୍ରତି ଧ୍ୟାନ ଦେବେ । ଖାଇସାରିବା ପରେ ହାଲକା ଉଷୁମ ପାଣି ପିଇବା ଉଚିତ । ରାତିରେ ଶୋଇବାର ୨-୩ ଘଣ୍ଟା ପୂର୍ବରୁ ଖାଇଦିଅନ୍ତୁ ।



**ସପେଟା:-** ପ୍ରତି ଋତୁରେ ମିଳୁଥିବା ସପେଟା ଓଜନ କମାଇବାରେ ବେଶ ସହାୟକ । ଏହାକୁ ଗୋଟା କିମ୍ବା ଜୁସ କରି ବ୍ୟବହାର କରିପାରିବେ । ସପେଟା ହଜମ କ୍ରିୟା ସୁସ୍ଥ ରଖେ । ଏଥିରେ କାର୍ବୋହାଇଡ୍ରେଟସ ଥାଏ ଏବଂ ଫ୍ୟାଟର ପରିମାଣ କମ ଥିବାବେଳେ ଏହା ମେଟାବଲିଜମ ପ୍ରକ୍ରିୟା ସଠିକ ରଖି ଓଜନ କମାଇବାରେ ସହାୟକ ହୁଏ ।

## ଏକାପଣର ବିକଳ୍ପ

କିଛି ଲୋକ ଏମିତି ଥାଆନ୍ତି ଯେଉଁ ମାନଙ୍କୁ ଏକୁଟିଆ ରହିବାକୁ ଭଲଲାଗେ ଓ ସେମାନେ ସ୍କୁଲ ବା କଲେଜ ପଢ଼ିବା ବେଳେ ସେତେ ବେଶି ସାଙ୍ଗ ବନାଇ ପାରନ୍ତି ନାହିଁ, ଯେତିକି ସାଙ୍ଗ ସାଧାରଣରେ ଗୋଟିଏ ପିଲା ବନେଇଥାଏ । ସାଙ୍ଗ ଥାନ୍ତି ବିପଦ ଆପଦରେ ସାହାଯ୍ୟ କରିବା ପାଇଁ, କିନ୍ତୁ ସେହି ଏକୁଟିଆ ରହୁଥିବା ପିଲାଟିର ସାହାଯ୍ୟକାରୀ କେହିନଥିବା କଥା କହି ହେବନାହିଁ ଯେହେତୁ ସେ ବେଶି ସାଙ୍ଗ ବନେଇ ନାହିଁ ଇଶ୍ୱର ଜୀବଜଗତର ସୃଷ୍ଟିକର୍ତ୍ତା, କୁହାଯାଏ ଯାହାର କେହି ନାହାନ୍ତି ତାର ଭଗବାନ ଅଛନ୍ତି । ଆମ ଜୀବନରେ କୌଣସି ପ୍ରକାର ସାହାଯ୍ୟ ବା କୌଣସି ଜିନିଷ ଆଶା କରିବା ଆମ ପକ୍ଷେ ହୋଇପଡ଼େ ନିରର୍ଥକ । କିନ୍ତୁ ଏହି ସମୟରେ ଆମେ ଯଦି ଇଶ୍ୱରଙ୍କୁ ସ୍ମରଣ କରି ମନରେ ତାଙ୍କ ନାମ ସୁମରି ଆଗକୁ ବଢ଼ି ଚାଲିବା ତେବେ ଆମର କୌଣସି ଅନିଷ୍ଟ ହୁଏ ନାହିଁ , ସବୁକାମ ସୁରୁଖୁରେ ହୋଇଯାଏ । ଯେଉଁମାନେ ସମାଜଠାରୁ ଦୂରରେ ରୁହନ୍ତି ସେମାନଙ୍କର ଏକମାତ୍ର ମାହାର ପାଲଟନ୍ତି ଇଶ୍ୱର, ଯାହାଙ୍କ ପାଇଁ ସେମାନେ ସାମାଜିକ ଜୀବନଠାରୁ ବେଶୀ ପ୍ରାଧାନ୍ୟ ଦିଅନ୍ତି ନିଜ କର୍ମ ଓ ଇଶ୍ୱରଙ୍କ ଉପରେ । ଏନେଇ ଅନେକ ଗବେଷଣା ମଧ କରାଯାଇଛି, ଯେଉଁଥିରେ ଗବେଷକମାନେ କହିଛନ୍ତି ଯଦି କୌଣସି ବ୍ୟକ୍ତି ସମାଜ ସହ ଭଲଭାବେ ମିଶୁ ନାହିଁ ବା ଜାତି ପାଇଁ ସେ ଏଭଳି କାର୍ଯ୍ୟ କରୁଛି, କଥାଟି ହେଲା ସେ ଇଶ୍ୱରଙ୍କ ପ୍ରତି ଅଗାଢ଼ ବିଶ୍ୱାସ ରହିଛି ଇଶ୍ୱରଙ୍କ ସହ ସଂଲଗ୍ନ ହେବା ଦ୍ୱାରା ଜୀବନରେ ଯେତେ ବାଧା ବିପତ୍ତି ଆସିଲେ ସୁଦ୍ଧା ଏମାନଙ୍କୁ ସବୁବେଳେ ମିଳିଯାଏ ସବୁ ବାଧା ବିପତ୍ତିରୁ ମୁକ୍ତି । ସେଥିପାଇଁ ଆମେ ସମସ୍ତେ ଝଡ଼ ଝଞ୍ଜାର ସାମ୍ନା କରିପାରିବା ।

## ସହଜରେ କରନ୍ତୁ ହେୟାର ଷ୍ଟାଇଲ

ସବୁ ସମୟରେ ପ୍ରାୟତଃ ଗୃହିଣୀମାନେ କାର୍ଯ୍ୟବ୍ୟସ୍ତ । ତା ଭିତରେ ବୁଲିବା ପାଇଁ ଅବା ଅନ୍ୟ କୌଣସି ଉତ୍ସବରେ ଯୋଗ ଦେବାକୁ ପଡ଼ିବ ନିଶ୍ଚୟ । ଏହି ବ୍ୟସ୍ତତା ଭିତରେ ଘରଣୀମାନେ କିଭଳି ନିଜର ହେୟାର ଷ୍ଟାଇଲ ସହଜରେ ଆକର୍ଷଣୀୟ କରିପାରିବେ ? ଏ ସମ୍ପର୍କରେ କେତୋଟି ଟିପ୍ସ.....



ପ୍ରଥମେ ସବୁ ଚୁଟିକୁ ବଡ଼ କଳା ରବରରେ ଭଲକରି ବାନ୍ଧି ଦିଅନ୍ତୁ । ତାହା ଉପରେ ଏକ ବଡ଼ ମୋଟା ରବର ବ୍ୟାଣ୍ଡଦେଇ ଅଳ୍ପ ଚୁଟି ହାତରେ ଧରନ୍ତୁ, ଏହାକୁ ଗୁଡ଼ାଇ ଦେଇ ରବର ଭିତରେ ଭଲ କରି ଖୋସି ଦିଅନ୍ତୁ । ସେହିପରି ଅଳ୍ପ ଅଳ୍ପ କରି ସବୁ ଚୁଟିକୁ ପୂରା ରବର ଚାରି ପାଖରେ ଗୁଡ଼ାଇ ଦିଅନ୍ତୁ । ଧ୍ୟାନ ରଖିବେ ଯେଭଳି ରବର ଜଣାନପଡ଼େ । ଶେଷରେ ଖୋସା ମଝିରେ ବଜାରରେ ମିଳୁଥିବା ସୁନ୍ଦର ଷ୍ଟୋନର ପିନ ଦେଇଦିଅନ୍ତୁ । ଦେଖିବେ ଏହାଦ୍ୱାରା ଆପଣଙ୍କ ଖୋସା ଏତେ ସୁନ୍ଦର ଦେଖାଯିବ କେହି ଜାଣି ପାରିବେ ନାହିଁ, ଘରେ ଏହି ଖୋସା କରିଛନ୍ତି ବୋଲି । ପ୍ରଥମ ପରି ସବୁ ଚୁଟିକୁ କୁଣ୍ଡାଇ ଏକ ରବରେ ବାନ୍ଧି ଦିଅନ୍ତୁ । ଏହାପରେ ଆଉ ଏକ ମୋଟା ରବର ଦେଇ ଚାରି ପାଖରୁ ରବର ସହ ଚୁଟିରେ ଟାଇଟ କରି ବବିପିନ ଲଗାଇ ଦିଅନ୍ତୁ । ଏହାପରେ ପ୍ରଥମ ଖୋସାପରି ଅଳ୍ପ ଚୁଟିକୁ ହାତରେ ନେଇ ସିଧା ମୋଡ଼ି ସାରିବା ପରେ ଗୋଲକରି ମୋଡ଼ି ଫୁଲ ଆକୃତି ଦିଅନ୍ତୁ । ଏହାପରେ ଫୁଲକୁ ରବର ଉପରେ ଲଗାଇ ତା ମଝିରେ ବବିପିନ ଲଗାଇ ଦିଅନ୍ତୁ । ସେହିପରି ସବୁ ଚୁଟିକୁ ପୁରା ରବର ଚାରି ପାଖରେ ଲଗାଇ ଦିଅନ୍ତୁ । ଯେଭଳି ରବର ଦେଖା ନଯାଏ ।



## ଅଣ୍ଟା ଯନ୍ତ୍ରଣାର ଘରୋଇ ଉପଚାର

- ବସିବା ସମୟରେ ଏପରି ବସନ୍ତୁ ଯେମିତି ଆପଣଙ୍କୁ ଆରାମ ଲାଗିବା ସହ ଅଣ୍ଟା ଉପରେ ଚାପ ପଡ଼ିବ ନାହିଁ । ଉଠିବା ସମୟରେ ସତର୍କତାର ସହ ଉଠନ୍ତୁ । ଯଦି ଟିକେ ଏପଟ ସେପଟ ହୋଇଗଲା ତେବେ ଅଣ୍ଟା ଉପରେ ପ୍ରେସର ପଡ଼ିବା ସହ ଅଣ୍ଟା ସମସ୍ୟା ଦେଖାଦେଇପାରେ ।
- ଯଦି କୌଣସି ସ୍ଥାନରେ ଠିଆ ହୋଇ ରହୁଛନ୍ତି ତେବେ ସିଧା ଠିଆ ହୁଅନ୍ତୁ ।
- ନଇଁକରି କାମ କରୁଥିଲେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଣ୍ଟାକୁ ସିଧାକରି କିଛି ସମୟ ଠିଆ ହୁଅନ୍ତୁ। କିଛି ସମୟ ବିଶ୍ରାମ ନେଲେ କାମର ପ୍ରଭାବ ଅଣ୍ଟା ଉପରେ ପଡ଼ି ନଥାଏ ।
- ଅତି ଓଜନିଆ ନ ଜିନିଷ ଉଠାନ୍ତୁ ନାହିଁ । କାରଣ ଏହାର ସିଧାସଳଖ ପ୍ରଭାବ ଅଣ୍ଟା ଉପରେ ହିଁ ପଡ଼ିଥାଏ ।
- ଅଧିକ ମୋଟା ଗଦିରେ ବସନ୍ତୁ ନାହିଁ କି ଶୁଅନ୍ତୁ ନାହିଁ ।
- ଅଣ୍ଟାକୁ ଫିଟ୍ ରଖିବା କିଛି ବ୍ୟାୟାମ କରନ୍ତୁ ।
- ଯଦି କାର ଚଳାଉଛନ୍ତି ତେବେ ସବୁବେଳେ ୯୦ ଡିଗ୍ରୀ ପୋଜରେ ବସି ଡ୍ରାଇଭକରନ୍ତୁ ।
- ଯଦି କିଛି ଅଣ୍ଟାଜନିତ ସମସ୍ୟା ରହିଛି ତେବେ ଅଣଦେଖା ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



## କୁକୁର ପୋଷିଲେ ହୃଦଘାତ ଆଶଙ୍କା କମ୍

କୁକୁରପ୍ରେମୀମାନଙ୍କ ପାଇଁ ଖୁସି ଖବର ! ଘରେ କୁକୁର ପୋଷୁଥିବା ଲୋକମାନଙ୍କ ନିକଟରେ ହୃଦଘାତ ହେବାର ଆଶଙ୍କା କମ୍ ରହିଥାଏ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । କୁକୁର ପୋଷିବା ଦ୍ୱାରା ହୃଦଘାତ ଜନିତ ମୃତ୍ୟୁ ଆଶଙ୍କା ୨୨ ପ୍ରତିଶତ କମିଯାଇଥାଏ ବୋଲି 'ଆମେରିକା ହାର୍ଟ ଆସୋସିଏସନ ପକ୍ଷରୁ କରାଯାଇଥିବା ଏହି ଅଧ୍ୟୟନରେ ଦାବି କରାଯାଇଛି । କେବଳ ହୃଦଘାତ ନୁହେଁ କୁକୁର ପୋଷୁଥିବା ଲୋକମାନଙ୍କ ନିକଟରେ ହୃଦୟ ସମ୍ବଧିତ ଅନ୍ୟାନ୍ୟ ରୋଗ ହେବାର ଆାଙ୍କା ମଧ କମ ରହିଥାଏ । ପୂର୍ବରୁ କରାଯାଇଥିବା ବିଭିନ୍ନ ଅଧ୍ୟୟନଗୁଡ଼ିକରେ ଏହା ଜଣାପଡ଼ିଥିଲା ଯେ, କୁକୁର ପୋଷୁଥିବା ଲୋକମାନେ କମ ଉଚ୍ଚ ରକ୍ତଚାପର ଶିକାର ହୋଇଥାନ୍ତି। ସଦ୍ୟ କରାଯାଇଥିବା ଅଧ୍ୟୟନରୁ ମିଳିଥିବା ତଥ୍ୟାନୁଯାୟୀ, କୁକୁର ପୋଷିବା ଦ୍ୱାରା ଘରେ ସକାରାତ୍ମ ପରିବେଶ ପରିବେଶ ସୃଷ୍ଟି ହୋଇଥାଏ । ଯାହା ମଣିଷର ମାନସିକସ୍ଥିତିକୁ ସ୍ଥିର ରଖିବାରେ ସହାୟକ ହୋଇଥାଏ ଫଳରେ ହୃଦୟ ସୁସ୍ଥ ରୁହେ । ଏହା ବ୍ୟତୀତ କୁକୁର ପୋଷୁଥିବା ଲୋକମାନେ କୁକୁରକୁ ବୁଲାଇବା ବାହାନାରେ ନିଜ ବ୍ୟସ୍ତ ଜୀବନରୁ ସମୟ କାଢ଼ିବାକୁ ବାଧ ହୁଅନ୍ତି । ଏହା ଏକ ପ୍ରକାର ଶାରୀରିକ ପରିଶ୍ରମ ହୋଇଥିବାରୁ କୁକୁରକୁ ପ୍ରତ୍ୟେକ ଦିନ ବୁଲାଇବା ବ୍ୟାୟାମ ଭଳି କାର୍ଯ୍ୟ କରିଥାଏ । ଏଣୁ ଅନ୍ୟମାନଙ୍କ ତୁଳନାରେ କୁକୁର ପୋଷୁଥିବା ଲୋକଙ୍କ ଶରୀରରେ କୋଲେଷ୍ଟ୍ରଲର ମାତ୍ରା କମ ରହିଥାଏ । ପ୍ରତ୍ୟେକ ଦିନ ପୋଷ୍ୟ ଜୀବଜନ୍ତୁଙ୍କ ସଂସ୍ପର୍ଶରେ ରହିବା ଦ୍ୱାରା ଶରୀରରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି ହୋଇଥାଏ ବୋଲି ମଧ ବିଜ୍ଞାନରେ ଦାବି କରାଯାଇଛି ।



## ବୁଦ୍ଧିମତ୍ତା ବଢ଼ାଏ ଫଳମୂଳ

ତଟକା ଫଳମୂଳ ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ । ବିଶେଷ ଭାବରେ ଏହାକୁ ଯଦି ଆମେ ବ୍ରେକଫାଷ୍ଟରେ ସାମିଲ କରିବା ତେବେ ତାହାର ଉପକାରୀ ଗୁଣକୁ ଉପଲବ୍ଧି କରିହେବ । ଫଳମୂଳ ଖାଇବା ଦ୍ୱାରା ବୁଦ୍ଧିମତ୍ତାର ବିକାଶ ଘଟିଥାଏ । ଏପରି ଏକ କୌତୂହଳପୂର୍ଣ୍ଣ; ତଥ୍ୟ ନିକଟରେ ଲୋକଲୋଚନକୁ ଆସିଛି । 'ତଟକା ଫଳମୂଳ ଓ ବୁଦ୍ଧିମତ୍ତା' ବିଷୟବସ୍ତୁ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ପୁଷ୍ଟି ବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ । ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମୀତ ବ୍ରେକଫାଷ୍ଟରେ ତଟକା ଫଳମୂଳ ଖାଇବାକୁ ପରାମର୍ଶ ଦିଆଯାଇଥିଲା । ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଏହାଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତାର କିପରି ବିକାଶ ହେଉଛି ତାହାକୁ ତନ୍ନତନ୍ନ କରି ନିରୀକ୍ଷଣ କରାଯାଇଥିଲା । ଆଶ୍ଚର୍ଯ୍ୟଜନକ ଭାବରେ ଏହଂାକୁ ଖାଇବା ଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତାର ବିକାଶ ହେଉଥିବାର ସେମାନେ ଜାଣିପାରିଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଅନ୍ୟପକ୍ଷରେ ବ୍ରେକଫାଷ୍ଟ ନିୟମିତ କରିବା ସହ ଏହି ତାଲିକାରେ ତଟକା ଫଳମୂଳ ସାମିଲ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସୁରକ୍ଷା ଆଗ ରାଜନୀତି ପଛ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଞ୍ଜାବ ଗସ୍ତବେଳେ ଯେଉଁଭଳି ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଘଟିଲା ଏବଂ ସେଥିଯୋଗୁଁ ପ୍ରଧାନମନ୍ତ୍ରୀ ଫିରୋଜପୁର ନିକଟବର୍ତ୍ତୀ ଏକ ଫ୍ଲାଏଓଭର ଉପରେ ପ୍ରାୟ କୋଡ଼ିଏ ମିନିଟ ପର୍ଯ୍ୟନ୍ତ ଅଟକି ରହିବା ପରେ ତାଙ୍କର ଯାତ୍ରା ରଦ୍ଦ କରି ଫେରିଲେ, ତାହା ଯେତିକି ନିନ୍ଦନୀୟ ସେତିକି ମାତ୍ରାରେ ଅସ୍ୱୀକାର୍ଯ୍ୟ । ଏହି ଘଟଣାକୁ ନେଇ ସାରା ଦେଶରେ ଏବେ ଚର୍ଚ୍ଚା ଜୋର ଧରିଛି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପଞ୍ଜାବ ସରକାରଙ୍କୁ ବିସ୍ତୃତ ରିପୋର୍ଟ ତଲବ କରାଯାଇଛି । ଘଟଣାର ତଦନ୍ତ କରିବା ସକାଶେ ପଞ୍ଜାବ ସରକାର ଏକ ଦୁଇଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ଏଭଳି ଘଟଣା ଯେଭଳି ଭବିଷ୍ୟତରେ ପୁନରାବୃତ୍ତି ନହୁଏ ସେଥିପାଇଁ ସର୍ବୋଚ୍ଚ ନ୍ୟାୟାଳୟରେ ମଧ୍ୟ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି । ଘଟଣାଟି ବେଶ୍ ଗମ୍ଭୀର ଏବଂ ଏହାକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ଜୋର ଧରିବା ସ୍ୱାଭାବିକ । ଏପରିକି ପ୍ରଧାନମନ୍ତ୍ରୀଙ୍କ ଗସ୍ତବେଳେ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟିକୁ ନେଇ ଖୋଦ୍ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ଉପ-ରାଷ୍ଟ୍ରପତି ଏମ.ଭେଙ୍କେୟା ନାଇଡୁ ମଧ୍ୟ କ୍ଷୋଭ ପ୍ରକଟ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ଏଭଳି ତ୍ରୁଟି ଘଟିବା ବାସ୍ତବିକ୍ ଚିନ୍ତାର ବିଷୟ । କାରଣ ଅତୀତରେ ଏଭଳି ସୁରକ୍ଷା ବ୍ୟବସ୍ଥାର ତ୍ରୁଟିକୁ ନେଇ ଦୁଇ ଦୁଇଜଣ ପ୍ରଧାନମନ୍ତ୍ରୀଙ୍କ ପ୍ରାଣହାନି ଘଟିସାରିଛି ଏବଂ ସଦ୍ୟତମ ଘଟଣାଟି ଘଟିଛି ଭାରତ-ପାକିସ୍ତାନ ସୀମାର ମାତ୍ର ଦଶ କିଲୋମିଟର ଦୂରରେ । ପ୍ରଧାନମନ୍ତ୍ରୀ ହୁଅନ୍ତୁ ଅବା ଅନ୍ୟ ଯେକୌଣସି ଭିଭିଆଇପି ସେମାନଙ୍କ ଗସ୍ତକ୍ରମକୁ ନେଇ କିଭଳି ସୁରକ୍ଷା ବ୍ୟବସ୍ଥା ଆପଣାଯିବ ସେଥିନେଇ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି । ଏହା ସଦାବେଳେ ବିଧିବଦ୍ଧ ଭାବେ ଅନୁସରଣ କରାଯାଇଥାଏ ଏବଂ କରାଯିବା ମଧ୍ୟ ବାଞ୍ଛନୀୟ । କିନ୍ତୁ ବୁଧବାର ଦିନ ପ୍ରତିକୂଳ ପାଗ ଯୋଗୁ ଭଟିଣ୍ଡା ଠାରୁ ହୁସୈନୱାଲି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟର ଯାତ୍ରାକୁ ଶେଷ ମୁହୂର୍ତ୍ତରେ ବଦଳା ଯାଇଥିଲା ଏବଂ ସେ ଏହି ୧୧ କିଲୋମିଟର ସଡ଼କ ପଥରେ ଯିବାଲାଗି ସ୍ଥିର କରାଯାଇଥିଲା । ପ୍ରଧାନମନ୍ତ୍ରୀଙ୍କ ସଡ଼କ ପଥ ଯାତ୍ରା ପାଇଁ ପଞ୍ଜାବ ସରକାର କେବଳ ସବୁପ୍ରକାର ସୁରକ୍ଷା ବନ୍ଦୋବସ୍ତ କରିବା କଥା ନୁହେଁ, ତାହାକୁ କାର୍ଯ୍ୟକାରୀ କରିବା ମଧ୍ୟ ତାଙ୍କର ଦାୟିତ୍ୱ । ପୁଣି ପଞ୍ଜାବ ପୁଲିସବଳ ସହିତ ପ୍ରଧାନମନ୍ତ୍ରୀଙ୍କ ନିରାପତ୍ତା ଦାୟିତ୍ୱରେ ଥିବା 'ସ୍ପେଶାଲ୍ ପ୍ରୋଟେକ୍ସନ୍ ଗ୍ରୁପ୍' (ଏସପିଜି) ଏବଂ ଗୁଇନ୍ଦା ବିଭାଗ ଘନିଷ୍ଠ ଯୋଗସୂତ୍ରରେ କାର୍ଯ୍ୟତଃ ରହିଥାନ୍ତି । ପ୍ରଧାନମନ୍ତ୍ରୀଙ୍କ ଯାତ୍ରାର ଶେଷମୁଣ୍ଡରେ ଯଦି ଆନ୍ଦୋଳନରତ କୃଷକମାନେ ଫ୍ଲାଏଓଭରକୁ ବନ୍ଦ କରିବା ଲାଗି ଯୋଜନା କରିଥିଲେ ତାହାର ସୁରାକ ପଞ୍ଜାବ, ଏସପିଜି ଏବଂ ଇଣ୍ଟେଲିଜେନ୍ସ ବ୍ୟୁରୋ ନପାଇବା ବିସ୍ମୟକର ମନେହୁଏ । ପ୍ରତୀୟମାନ ହୁଏ, ପ୍ରଧାନମନ୍ତ୍ରୀ ଆନ୍ଦୋଳନସ୍ଥଳ ପର୍ଯ୍ୟନ୍ତ ପହଞ୍ଚିବାଯାଏ ସଭିଏଁ ଏଭଳି ଆନ୍ଦୋଳନ ଓ ପଥ ଅବରୋଧ ସଂପର୍କରେ ଅନଭିଜ୍ଞ ଥିଲେ, ଯାହାକି ଚିନ୍ତାର ବିଷୟ । ଏହି ଘଟଣାକୁ ନେଇ କଂଗ୍ରେସ ଏବଂ ବିଜେପି ଦଳ ପରସ୍ପର ଉପରେ ଦୋଷାରୋପ କରିବା ପରିବର୍ତ୍ତେ ଏହାର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପ୍ରତି ଅଧିକ ସଚେତନ ହେବା ଆବଶ୍ୟକ । ଘଟଣାର ତଦନ୍ତ ଅବଶ୍ୟ ହେବା ଜରୁରି ଏବଂ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ମଧ୍ୟ ବାଞ୍ଛନୀୟ । କିନ୍ତୁ ଭବିଷ୍ୟତରେ ଯେଭଳି କୁତ୍ରାପି ଏଭଳି ଘଟଣା ନଘଟେ ତାହା ମଧ୍ୟ ସୁନିଶ୍ଚିତ ହେବା ଆବଶ୍ୟକ । ଆନ୍ଦୋଳନରତ କୃଷକମାନେ ଏଭଳି ଅବରୋଧ କରିବା ମଧ୍ୟ କାହାରି ସମବେଦନା ହାସଲ କରିପାରିବେ ନାହିଁ । ପ୍ରଧାନମନ୍ତ୍ରୀ ନିର୍ବାଚନ ରାଲିରେ ଯୋଗ ଦେବାକୁ ଯାଉଥିଲେ ସୁଦ୍ଧା ରାଜ୍ୟ ପାଇଁ ୪୨,୭୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କରିବା ମଧ୍ୟ ତାଙ୍କ ଗସ୍ତର ଅନ୍ୟତମ ଉଦ୍ଦେଶ୍ୟ ଥିଲା । ଏହା ରାଜ୍ୟର ସାମଗ୍ରିକ ପ୍ରଗତି ପାଇଁ ଉଦ୍ଦିଷ୍ଟ । ତେଣୁ ପ୍ରସଙ୍ଗଟି ଦେଶର ପ୍ରଧାନମନ୍ତ୍ରୀ ପଦ ମର୍ଯ୍ୟାଦା ସହିତ ଜଡ଼ିତ । ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂହ ଚନ୍ନି ଯେଉଁ ଦୃଢ଼ତାର ସହିତ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ଆବଶ୍ୟକ ହେଲେ ପ୍ରାଣବଳି ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ମତ ଦେଇଛନ୍ତି, ସେହି ଦୃଢ଼ତାର ସହିତ ଘଟଣାର ବିଧିବଦ୍ଧ ତଦନ୍ତ କରାଇ ଏଥିପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ପଞ୍ଜାବ ଭୂମି ତା'ର ଆତିଥ୍ୟ ପାଇଁ ସର୍ବତ୍ର ସୁପରିଚିତ । ସେଠାରେ ଦେଶର ଶାସନମୁଖ୍ୟଙ୍କ ପ୍ରତି ଏଭଳି ଆଚରଣ ପ୍ରଦର୍ଶନ ଆଦୌ ସମୀଚୀନ ନୁହେଁ । ଘଟଣାର ତଦନ୍ତ ପରେ ଯିଏ ଦାୟୀ ବୋଲି ରିପୋର୍ଟ ପ୍ରକାଶ ପାଉ ପଛେ, ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ଭବିଷ୍ୟତରେ ଯେଭଳି କୌଣସି ପ୍ରକାର ତ୍ରୁଟି ବିଚ୍ୟୁତି ନଘଟେ ତାହା ସୁନିଶ୍ଚିତ କରିବା ଦିଗରେ ସଭିଏଁ ସଚେତନ ହେବା ଜରୁରି ।

## ସାହିତ୍ୟକ୍ଷେତ୍ର : ଧର୍ମକ୍ଷେତ୍ର ନା ଯୁଦ୍ଧକ୍ଷେତ୍ର



ମାୟାଧର ନାୟକ

ରସିକ ରାଜ୍ୟ ହିସାବରେ ଓଡିଶାର ପଟାନ୍ତର ପୃଥିବୀରେ ବିରଳ । ଏଠି ବିଳାସ ଓ ସମ୍ଭୋଗରେ ଦିନ କଟିଯାଉଥିଲା । ଓଡିଶାର ସାହିତ୍ୟ ସୂଚନା ଦେଉଛି – ଏଠି ମରୁଡି ନଥିଲା, ଭ୍ରଷ୍ଟାଚାର, ଦୁର୍ନୀତି ନଥିଲା, ହତ୍ୟା, ଲୁଣ୍ଠନ, ରାହାଜାନୀ, ବ୍ୟଭିଚାର କିଛି ନଥିଲା – ଏପରିକି ବିଶ୍ୱର ମହାଖଣି ଦୁର୍ନୀତି ବି ନ ଥିଲା । ଏଠି ସବୁ ନାରୀମାନେ ସତୀ ଥିଲେ, ସବୁ ପୁରୁଷମାନେ ବ୍ରହ୍ମଚାରୀ ଥିଲେ ।

ରସିକ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କଠାରୁ ଆରମ୍ଭ କରି କବିସୂର୍ଯ୍ୟ ବଳଦେବ ରଥଙ୍କ ପର୍ଯ୍ୟନ୍ତ ଗାଧୁଆ ତୁଠରେ ରାଜଜେମାଙ୍କ ଭିଜାଭିଜା ଶାଢିର ଚମତ୍କାର ଯୌବନକୁ କବିତାରେ ବର୍ଣ୍ଣନା କରିଛନ୍ତି । ଏପରିକି ଆଧୁନିକ ଯୁଗର ମହାନ କବି ସଚ୍ଚି ରାଉତରାୟ ଗାଁରେ ବୁଲୁବୁଲୁ ପୋଖରୀକୂଳ ଗାଧୁଆ ତୁଠରେ ଗାଧୋଉଥିବା ନାରୀର ଛୋଟପୁଅଟି ତାଙ୍କୁ ବାପା ବୋଲି ଡାକିଦେବାରୁ ସେଇ ଅପୂର୍ବ ସୁନ୍ଦରୀ ନାରୀଟି ଲାଜେଇଯାଇ ଓଦାଲୁଗାର କାନି ଯାବୁଡି ମୁରୁକି ହସି ଦେଇଥିଲା । ସଚ୍ଚି ବାବୁଙ୍କ କଲମ ବୋଲ ମାନିଲା ନାହିଁ – ଘରକୁ ଆସି କବିତାଟିଏ ଲେଖିଦେଲେ – 'ବାପା ବାପା ପକାଇଲା ହୁରି' ! ଏମାନେ କାହାକୁ ଛାଡି ନାହାଁନ୍ତି - ଫୁଲକୁ ଛାଡିନାହାଁନ୍ତି କି ଫୁଲେଇକୁ ଛାଡିନାହାଁନ୍ତି ।

ଆଜିର ସାହିତ୍ୟକୁ କହିବାକୁ କ୍ଷୋଭ ଲାଗେ ଯେ - ମୁଖ୍ୟତଃ ଚରିତ୍ରହୀନତାର ସାହିତ୍ୟ । ଘଟଣା, ଚରିତ୍ର ଓ ପରିସ୍ଥିତିର ପରିଧିରେ ସାହିତ୍ୟ ସେଇ ଲୋହିତ କେନ୍ଦ୍ର, ଯାହା ବିଧାତାପୁରୁଷର ନାଭିକେନ୍ଦ୍ରଠାରୁ ସୁଦ୍ଧା କିଛି କମ୍ ନୁହେଁ । ଏହି ଲୋହିତ କେନ୍ଦ୍ରର କମ୍ପନ ସମାଜକୁ ଥରାଇ ଦିଏ, ସଂସ୍କୃତିକୁ ଜୀବନ୍ୟାସ ଦିଏ ଏବଂ ସମୟକୁ ରଖିଦିଏ ହାତମୁଠାରେ । ସେ ସାହିତ୍ୟ କିନ୍ତୁ ଆଜି କେଉଁଠି ? ସର୍ଜନା ନାମରେ ଆଜି ଅପର୍ଯ୍ୟାପ୍ତ ଆବର୍ଜ୍ଜନା । ଆଜିର ଜୀବନଧାରା ସାହିତ୍ୟ ପାଇଁ ଅବାନ୍ତର ହୋଇପଡିଲାଣି ।

ସକ୍ରେଟିସ୍ ଦିନ ଦି'ପହରେ ବତି ଜାଳି ମଣିଷ ଖୋଜିଲାପରି ଆଜି ସାହିତ୍ୟକୁ ମଧ୍ୟ ଏ ଦାରୁଣ ଦୁଷ୍କାଳ ମ୍ମରେ ପୁନଃଆବିଷ୍କାର କରିବାକୁ ପଡିବ, ସନ୍ଧାନ କରିବାକୁ ପଡିବ ଉପାଦେୟ ବିଷୟବସ୍ତୁ ସହ ଉପଯୁକ୍ତ ଚରିତ୍ର । ଲେଖକଟିଏ ପ୍ରଥମେ ମଣିଷଟିଏ ହେବା ନିହାତି ଜରୁରୀ । ଫକୀରମୋହନ ରାମଚନ୍ଦ୍ର ମଂଗରାଜ ପରି ଅମଣିଷକୁ ନିଜ ସାହିତ୍ୟର ସ୍ପର୍ଶ ଦେଇ ବିଶ୍ୱବିଦିତ କରାଇ ସାରିଛନ୍ତି । ଏହାର ମୂଳକାରଣ ହେଉଛି – ସାରିଆ-ଭଗିଆ ଭଳି ମଣିଷ ଉପରେ ଜୁଲମ୍ ତାଙ୍କ ଆଖିରେ ଆଣିଥିଲା ଅସରନ୍ତି ବେଦନାର ଛାପ । ମଣିଷ ପ୍ରତି ଶୁଭେଚ୍ଛା ଓ ଅମଣିଷ ପ୍ରତି ପ୍ରତିବାଦ ପ୍ରତ୍ୟେକ ସତ୍‌ସାହିତ୍ୟର ସ୍ୱଧର୍ମ ।

ମାଟିର ମହାକବି ଶାରଳା ଦାସଙ୍କ ଠାରୁ ଆରମ୍ଭ କରି ମଣିଷର ମୂର୍ତ୍ତିକାର ଫକୀରମୋହନଙ୍କ ପର୍ଯ୍ୟନ୍ତ ଆମ ସାହିତ୍ୟରେ ବାଟି ବାଟି କିଆରି କି ଅନାନ୍ତୁ, ଦେଖିବେ ଫୁଲଫସଲର ପ୍ରାଞ୍ଜଳ ପ୍ରାଚୁର୍ଯ୍ୟ । ଅଥଚ ଏକ ଦୀର୍ଘ ବ୍ୟବଧାନ ପରେ ଅଳ୍ପ କେତେକ ବ୍ୟତିକ୍ରମକୁ ବାଦ ଦେଲେ ଆମେ ଏବେ ଲକ୍ଷ୍ୟ କରୁଛୁ ଯେ - ଓଡିଆସାହିତ୍ୟ ହରାଇ ବସିଛି ତା'ର ମୂଳ ଚରିତ୍ର । ବୃଦ୍ଧି ପ୍ରକଟିତ ହେଉଛି, ମାତ୍ର ସେ ବୃଦ୍ଧିବିବେକବର୍ଜିତ ଓ ବିଚାରବିହୀନ । କୁରୁକ୍ଷେତ୍ରକୁ ଯେତେବେଳେ ବ୍ୟାସ ବର୍ଣ୍ଣନା କଲେ, ସେତେବେଳେ ସେ ଯୁଦ୍ଧକ୍ଷେତ୍ରକୁ ଧର୍ମକ୍ଷେତ୍ରରେ ବିବର୍ତ୍ତିତ କଲେ । ଆମ ସମୟର ବ୍ୟାସମାନେ କିନ୍ତୁ ସାହିତ୍ୟ ପରି ଏକ ଧର୍ମକ୍ଷେତ୍ରକୁ ଯୁଦ୍ଧକ୍ଷେତ୍ରରେ ପରିବର୍ତ୍ତନ କରିସାରିଛନ୍ତି । ଏ ପ୍ରକାର ଓଲଟ ଢାଂଚା ଆମ ମାନସିକତାରୁ ମାନବତାବାଦକୁ ମୂଳପୋଛ କରିସାରିଛି କହିଲେ କିଛି ଅତ୍ୟୁକ୍ତି ହେବନାହିଁ ।

ସାହିତ୍ୟର ବିଷୟବସ୍ତୁ କ'ଣ ? ଯାହା ଲକ୍ଷ୍ୟ କରାଯାଉଛି - ଆଜି ବସ୍ତୁ ହିଁ ବିଷୟ ! ଅଥଚ ବିଶ୍ୱସାହିତ୍ୟର ଅମର ଅର୍ଘ୍ୟସବୁ ଭାବଭିତିକ । ସାହିତ୍ୟକୁ ନେଇ ଲେଖକଟିଏ କେବେହେଲେ ବାଣିଜ୍ୟ ବା ବ୍ୟବସାୟ କରେନା – ଲେଖା ତା'ର ବୃତି ନୁହେଁ, ପ୍ରବୃତି । ଏବେ କିନ୍ତୁ ଦେଖାଯାଉଛି - ଅଧିକାଂଶ ଲେଖକ ବଜାର ଆଗରେ ଆତ୍ମସମର୍ପଣ କରିସାରିଥିବା ଏକ ଏକ ଅସହାୟ ଅସ୍ତିତ୍ୱ । ଲେଖକର ଯାହା ଛଳଛଳ ଭାବ - ଆଜି ସାହିତ୍ୟରେ ତା'ର ଘୋର ଅଭାବ । ବହିଟିଏ ଲେଖିଲା ବେଳକୁ ତା'ର ମନେପଡୁଛି – ବଜାରର ତାଗିଦା ଓ ଚାହିଦା, ଅତଏବ ଦୁଃଖର ସହ ଘୋଷଣା କରିବାକୁ ପଡୁଛି ଯେ - ବର୍ତ୍ତମାନର ସାହିତ୍ୟ ବଜାରୀକରଣ ପ୍ରକ୍ରିୟାରେ ପ୍ରଚୁର ଭାବରେ ଉତ୍ପୀଡିତ ।

ବଜାରୀ ବିଷୟବସ୍ତୁ ଆଜି ସାହିତ୍ୟର ମୁଖ୍ୟ ଉପାଦାନ । ଘଟଣା ଅଛି – ଚରିତ୍ର ନାହିଁ – ମୂଲ୍ୟ ଅଛି – ମୂଲ୍ୟବୋଧ ନାସ୍ତି । ଆମ ଶୋଭାଯାତ୍ରା ମଫସଲରୁ ମହାନଗରୀକୁ ମୁହାଁଉଥିଲାବେଳେ ଆମ ସାହିତ୍ୟର ଦଶା ଏମିତି । ଆଜିର ଦ୍ରୁତ ଶିଳ୍ପାୟନ ସାହିତ୍ୟକୁ କରିସାରିଛି ସୁଖକର ସାମଗ୍ରୀ ମଧ୍ୟ । ସାହିତ୍ୟ କହିଲେ - ଆମେ କେବଳ ବୁଝୁଛୁ – ଗୁଡିଏ ବ୍ୟବହାରିକ ଓ ବୈଷୟିକ ତଥ୍ୟ ଉପରେ ପରିପୁଷ୍ଟ ଗଦାଗଦା ବହିର ପାହାଡ, ଯେଉଁଠି ସମାଜର ଚାପାକାନ୍ଦଣା ଶୁଭେନା - ଆଉ ଶୁଭେନା ଇତିହାସର ଆର୍ତ୍ତନାଦ ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟକୁ ଆସିବା – ସାହିତ୍ୟ ଓ ସରକାର । ପୂର୍ବେ ସାମନ୍ତବାଦୀ ବ୍ୟବସ୍ଥାରେ ସୁଦ୍ଧା ସାହିତ୍ୟକୁ ଯେଉଁ ରାଜକୀୟ ପୃଷ୍ଠପୋଷକତା ମିଳୁଥିଲା – ତା'ର ଶ୍ରେଷ୍ଠ ନମୁନା ସ୍ୱରୂପ ଆମେ ବିକ୍ରମାଦିତ୍ୟଙ୍କ ଅମଳରେ ମହାକବି କାଳିଦାସଙ୍କ କଥା ଉଲ୍ଲେଖ କରିପାରିବା । ଗୋଟିଏ ଶ୍ଳୋକପାଇଁ ଗୋଟିଏ ସୁନାମୋହର ଥିଲା ସେଦିନର ରାଜକୀୟ ପୃଷ୍ଠପୋଷକତାର ଅପୂର୍ବ ଇସ୍ତାହାର । ଆଜି କିନ୍ତୁ ଯିଏ ସାହିତ୍ୟ ଲେଖେ – ସେ ଯଦି ପ୍ରକୃତ ସାଧକ, ତା'ହେଲେ ତା'ର ସମଗ୍ର ଜୀବନ ଉକ୍ରଟ ଦାରିଦ୍ର୍ୟର ଉର୍ଦ୍ଧ୍ୱଶ୍ୱାସ । ଏଭଳିକି – ଗଂଗାଧରଙ୍କ ପରି ସ୍ୱଭାବକବିଙ୍କ ସ୍ୱର ମଧ୍ୟ ମନରୁ ଲିଭିନାହିଁ । 'ଦରିଦ୍ରତା ପଙ୍କପୂର୍ଣ୍ଣ ମୋ ଜୀବନସର' ତା'ଛଡା ସାଧକ ସାହିତ୍ୟିକଙ୍କର ଜୀବନ ସହିତ ଦାରିଦ୍ର୍ୟ କିପରି ଏକୀଭୂତ – ବିଦ୍ରୋହୀ କବି କାଜି ନଜରୁଲ ଇସଲାମଙ୍କର ଏ ଶାଣିତ ପଂକ୍ତି ମଧ୍ୟ ଏ କ୍ଷେତ୍ରରେ ସ୍ମରଣୀୟ । 'ହେ ଦାରିଦ୍ର୍ୟ ତୁମେ ମୋତେ କରିଛ ମହାନ ।'

ବନ୍ଧୁଗଣ ! ଗଂଗାଧରଙ୍କଠାରୁ ଆରମ୍ଭ କରି ନଜରୁଲଙ୍କ ପର୍ଯ୍ୟନ୍ତ ମହାନ ସାହିତ୍ୟିକମାନେ ପରମ ଉଦାରତାର ସହିତ ଆମମାନଙ୍କୁ ବିମଳ ଆନନ୍ଦ ଦେବାପାଇଁ ନିଜନିଜ ନିଷ୍ପେଷିତ ଜୀବନରେ ଚରମ ଦାରିଦ୍ର୍ୟକୁ ବରଣ କରିନେଲେ ବୋଲି ଆମେ କ'ଣ ସମସ୍ତପ୍ରକାର କର୍ତବ୍ୟବୋଧ ବିସ୍ମୃତ ହୋଇ ସାହିତ୍ୟିକଶ୍ରେଣୀକୁ ଏକ ଚିରଦୁର୍ଗତ ଦଳିତ ଦରିଦ୍ର ଗୋଷ୍ଠୀରେ ସବୁଦିନପାଇଁ ଥଇଥାନ କରି ରଖିଥିବା ?

ଏ କ୍ଷେତ୍ରରେ ସାହିତ୍ୟ ପ୍ରତି ସରକାରଙ୍କର ଭୂମିକା ଏକ ପଙ୍ଗୁର ଭୂମିକା । ସରକାରୀ ନିଷ୍କ୍ରିୟତାର ଶିକାର ଆଜିର ସାହିତ୍ୟ । ଯେଉଁ ସରକାର ଏ ମାଟିର ପାତାଳରୁ ମଧ୍ୟ ଲକ୍ଷ ଲକ୍ଷ କୋଟି ଟଙ୍କା ଲୁଟି ଚାଲିଛି – ସେଥିରୁ କାଣିଚାଏ ମଧ୍ୟ ସାହିତ୍ୟ ପାଇଁ ଖର୍ଚ୍ଚ କରିବାକୁ ନାରାଜ । କେନ୍ଦ୍ରରୁ ରାଜ୍ୟକୁ ମିଳୁଥିବା କୋଟି କୋଟି ଟଙ୍କାର ସହାୟତା ରାଶି ଖର୍ଚ୍ଚ ନ କରିପାରି ରାଜ୍ୟ ସରକାର କେନ୍ଦ୍ରକୁ ଫେରାଇ ଦେବାକୁ ବାଧ୍ୟ । ମାତ୍ର ସାହିତ୍ୟର ଶୋଷପାଇଁ ବୁନ୍ଦେ ଜଳଦାନ କରିବାରେ ମଧ୍ୟ ଏ ରାଜ୍ୟରେ କି ସରକାରୀ କାର୍ପଣ୍ୟ ! ପାଠାଗାରମାନଙ୍କ ପାଇଁ ପୁସ୍ତକ ମନୋନୟନ ସମୟରେ ପ୍ରକୃତ ଲେଖକ ସାଧକମାନଙ୍କର ସୃଷ୍ଟି ଉପେକ୍ଷିତ । ବହି କହିଲେ – ବର୍ତ୍ତମାନ ଯାହା ଲେଖା ଯାଉଛି – ସେଥିରୁ ଅଧିକାଂଶ ଭବିଷ୍ୟତର ଠୁଙ୍ଗା ।

ଅସଲ ସାହିତ୍ୟର ଅନୁକୂଳ ବାତାବରଣ ସୃଷ୍ଟି କରିବା ଦିଗରେ ତା'ହେଲେ ସରକାର ପଛାଉଛନ୍ତି କାହିଁକି ? ସମ୍ଭବତଃ ଅସଲ ସାହିତ୍ୟ ଯେଉଁ ସଜାଗତା ଓ ସଚେତନତା ସୃଷ୍ଟି କରିବାରେ ସମର୍ଥ, ସେଥିପ୍ରତି ସରକାର ଆତଙ୍କିତ । କାରଣ - ଅସଲ ସାହିତ୍ୟ – ଶିଶୁକୁ ଯୀଶୁଖ୍ରୀଷ୍ଟ କରେ ଏବଂ ତରୁଣକୁ କରେ ତୀବ୍ର ତଲ୍‌ୱାର୍ । ସରକାର କ'ଣ ଠିକାଦାର କିମ୍ବା ଖଣିମାଲିକଙ୍କ ଅପେକ୍ଷା ଯୀଶୁଖ୍ରୀଷ୍ଟ ଆଉ ତଲୱାରମାନଙ୍କୁ ଖୋଲାମନରେ ଗ୍ରହଣ କରିପାରିବ ! କୌଣସି ରାଷ୍ଟ୍ରର ଶାସନତନ୍ତ୍ର କିମ୍ବା କୌଣସି ରାଜ୍ୟର ସରକାର ବିପ୍ଳବକୁ ବରଦାସ୍ତ କରିପାରେନା । ଅସଲ ସାହିତ୍ୟ ପାଠ କରେ ଏ ବିପ୍ଳବର ବୀଜମନ୍ତ୍ର । ସରକାରଙ୍କର ପ୍ରତିବିପ୍ଳବୀ ଚରିତ୍ର ଅସଲ ସାହିତ୍ୟର ଶୁଭାରମ୍ଭ କ୍ଷେତ୍ରରେ ତେଣୁ ଘୋର ବାଧକ ହେବାକୁ ବାଧ୍ୟ । ମୁଁ ଦାବୀ କରୁଛି – ସାହିତ୍ୟକୁ ଏବେଠୁଁ ସରକାର ଶିଳ୍ପର ମାନ୍ୟତା ଦେବାକୁ ଘୋଷଣା କରନ୍ତୁ, ନହେଲେ ଅଦୂର ଭବିଷ୍ୟତରେ ଏପରି ଦୁଃସ୍ଥିତି ସୃଷ୍ଟି କରିବ ସାହିତ୍ୟର ସ୍ୱାସ୍ଥ୍ୟ ପ୍ରତି ଏକ ଘୋର ସଂକଟ ।

ଏବେ ଓଡିଆସାହିତ୍ୟର ସାଂପ୍ରତିକ କ୍ଷେତ୍ରରେ ଭଦ୍ର ଓ ଭବ୍ୟ ଲେଖକମାନଙ୍କର ଭାଗ୍ୟ ବିଡମ୍ବିତ ଓ ବିପର୍ଯ୍ୟସ୍ତ । ବାହାରିଛନ୍ତି ବ୍ୟୁହରଚନାକାରୀ ଦଳେ ଗୃହଯୋଦ୍ଧା – ଯେଉଁମାନେ ନିଜ ଘରେ ନିଜେ ନିଆଁ ଲଗାଇ ସାହିତ୍ୟର ଶୀତରତୁକୁ ବେଶ୍ ଆରାମ୍‌ରେ ପୁଆଁଇଚାଲିଛନ୍ତି ଓ ପୁହାଇଚାଲିଛନ୍ତି । ସେମାନେ ସାହିତ୍ୟକୁ ନେଇ ବିବାଦୀୟ ବ୍ୟାପାରଗୁଡିକୁ ବିସ୍ତାରିତ କରିଚାଲିଛନ୍ତି ଏବଂ ସଜ୍ଜନ ଲେଖକଲେଖିକାମାନଙ୍କ ଲାଂଛିତ କରି ନାରକୀୟ ଆନନ୍ଦଲାଭ କରୁଛନ୍ତି । ଗୋଟିଏ ବହି ଯଦି ପୁରସ୍କାର ପାଇଲା, ତେବେ ପୁରସ୍କୃତ ଲେଖକ / ଲେଖିକା ଏବେ ପୁଲକିତ ହେବେ କଣ ଓଲଟି ଆତଙ୍କିତ ଅବସ୍ଥାରେ କାଳାତିପାତ କରୁଛନ୍ତି । କାରଣ ଏ ପୁରସ୍କାର ତାଙ୍କୁ ତିରସ୍କାରଆଡେ ମୁହାଁଇନେଇପାରେ, ବିତର୍କର ଭଉଁରିରେ ସେମାନେ ହୋଇପାରନ୍ତି ନିର୍ଘାତ ନୟାନ୍ତ ! ମୁଁ ଘୋର ନିନ୍ଦା କରୁଛି ପରଶ୍ରୀକାତର ନିନ୍ଦୁକ ବିତର୍କସ୍ରଷ୍ଟାବର୍ଗଙ୍କୁ – ଯେଉଁମାନେ ସାଧନାରତ ଲେଖକ/ଲେଖିକାମାନଙ୍କୁ ଅଭିନନ୍ଦନ ଦେବା ବଦଳରେ ଉପହାର ଦେଉଛନ୍ତି ଅପନିନ୍ଦା ଓ ଅପଖ୍ୟାତି । ଦୁଃଖର ବିଷୟ ଯେ ଏ ନିନ୍ଦୁକମାନେ ପାଠକ ନୁହନ୍ତି, ଏମାନେ ଲେଖକଶ୍ରେଣୀ ମ୍ମରେ ଛପିରହିଥିବା କିଛି ଛଦ୍ମବେଶୀ ବିଭୀଷଣ – ଗୃହଶତ୍ରୁ ! ମିଡିଆଠୁ ଟିଭି ଚ୍ୟାନେଲଯାଏଁ ସବୁଠି ଏମାନେ ସକ୍ରିୟ – ବିତର୍କର ବିଷଚକ୍ର ଦ୍ୱାରା ଏମାନେ ଅସୁସ୍ଥ କରିଚାଲିଛନ୍ତି ଆମ ସାହିତ୍ୟକୁ । ଏମାନଙ୍କୁ ପ୍ରୋତ୍ସାହନ ନେଇ ଆମେ କ'ଣ ସାହିତ୍ୟ ପ୍ରତି ପ୍ରବଂଚନା କରୁନାହୁଁ ? ବର୍ତ୍ତମାନ ଏ କଥା ପ୍ରକୃତରେ ବିଚାରିବାର ବେଳ ।

ଲେଖକମାନେ ମଂଚ ହେଉ କି ପଂଚତାରକା ହୋଟେଲର ବର୍ଣ୍ଣାଢ୍ୟ ପରିସର ହେଉ – ସବୁ ପ୍ରକାର ମୋହ ଛାଡି ଗୌତମ ବୁଦ୍ଧଙ୍କ ପରି ଅଶ୍ୱତ୍ଥ ବୃକ୍ଷ ମୂଳେ ଅନ୍ତତଃ ଧ୍ୟାନସ୍ଥ ନ ହେଲେ ନାହିଁ – ରାସ୍ତାକଡର ବରଗଛ ତଳେ ଏକାଠି ହୁଅନ୍ତୁ । ସେଇ ରାସ୍ତାରୁ ଆରମ୍ଭ ହେଉ ସାହିତ୍ୟର ସେମିନାର, ସାହିତ୍ୟିକଙ୍କର ଶୁଭଶୋଭାଯାତ୍ରା ।


♥ ଯାଜପୁର ରୋଡ, ଯାଜପୁର

ମୋ : ୯୮୬୧୦୩୪୧୬୩


## ବିଶ୍ୱର ବଡ ଆତଙ୍କ : କରୋନା



ଇଂ. ବିଦ୍ୟାଧର ପଣ୍ଡା

ବିଶ୍ୱର ସବୁଠାରୁ ବଡ ଶତ୍ରୁ ଏବଂ ଆତଙ୍କ ଏବେ କରୋନା ଭୂତାଣୁ। ନିଜର ରୂପରଙ୍ଗ ବଦଳେଇ କେତେବେଳେ କୋଉ ନାଁରେ ଆସି ମଣିଷର ଜୀବନନେଇ ଚାଲିଯାଉଛି, କିଛି ଜାଣିହେଉନି। ଜାଣୁଜାଣୁ ଶହଶହ ଲୋକ ଆରପାରିରେ ପହଁଚିଯାଉଛନ୍ତି। ମଝିରେ ଡେଲ୍‌ଟା ଭାରିୟାଂଟ୍ କେବଳ ତିନିଚାରି ଦିନ ଭିତରେ ଏକ ସୁସ୍ଥ ସବଳ ମଣିଷକୁ ମାରିଦେବାକୁ ସମର୍ଥ ହେଉଥିଲାବେଳେ ଏବକାର ନୂଆ ଭାରିୟାଂଟ୍ ଓମିକ୍ରନ୍ ଲୋକଙ୍କୁ ଦୁର୍ବଳ କରୁଛି ସତ, କିନ୍ତୁ ଜୀବନରେ ମାରିଦେବା ପରି ମାରାତ୍ମକ ନୁହେଁ ବୋଲି କିଛି ଅଭିଜ୍ଞ ଡାକ୍ତର କହୁଛନ୍ତି। ହେଲେ ଆମେ ସାବଧାନ ରହିବା ଉଚିତ୍। ନୂଆବର୍ଷରେ ନୂଆକଥା ନୂଆ ନୂଆ କିଛି ସହଜ ଅଭ୍ୟାସକୁ ଆପଣେଇ ଆମେ ନିଶ୍ଚିତ ଭାବରେ ଏଇ କଠିନ ସମୟରେ ନିଜର ସୁରକ୍ଷା କରିପାରିବା। ସେଇ ସବୁ ପୁରୁଣା କଥା ଯାହା ସମସ୍ତେ ହଜାରଥର ଆଗରୁ ଶୁଣିଛେ। ବାରମ୍ବାର ହାତକୁ ଭଲରେ ଧୋଇବା। ବାହାରକୁ ବାହାରିଲେ ପ୍ରଥମେ ମାସ୍କ ପିନ୍ଧିବା। ୨୦୨୨ମସିହାକୁ ସ୍ୱାଗତ କରିବା ଆଳରେ ନୂଆ ବନ୍ଧୁଙ୍କୁ ଭେଟିବା ସମୟରେ ଦୂରରୁ ନମସ୍କାର କରିବା, କେବେହେଲେ କୋଳାକୋଳି ବା ଆଲିଙ୍ଗନ କରିବାନି। ବନ୍ଧୁ ବି ଜାଣନ୍ତି ଏହା କରୋନାର କାଳ, ତେଣୁ କେହି କିଛି ଖରାପ ଭାବିବାର ପ୍ରଶ୍ନ ଉଠୁନି। ଜୀବନରେ ଥିଲେ କେତେ ନୂଆବର୍ଷ ଆସିବ ଆଉ ଯିବ, ତେଣୁ ଏହି ୨୦୨୨ରେ ଅମେ ସତର୍କ ରହିବା ଅନିବାର୍ଯ୍ୟ।

ଆଜି ସମଗ୍ର ବିଶ୍ୱରେ କରୋନା ଏକ ମାରାତ୍ମକ ବ୍ୟାଧି ରୂପେ ଆତଙ୍କ ସୃଷ୍ଟି କରିଛି। ଏଯାବତ୍ ଏହାର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଔଷଧ ବାହାରିପାରିନି। କିଏ କହୁଛି ଟୀକାକରଣ ଶତକଡା ସତୁରି ତ କିଏ କହୁଛି ଶତକଡା ଅଶି। ଯେପର୍ଯ୍ୟନ୍ତ ଏପରି ଶତକଡା ଭାଗମାପରେ କଥା ରହିଛି ସେପର୍ଯ୍ୟନ୍ତ ପକେଟରେ ସାନିଟାଇଜର୍ ଶିଶିଟିଏ ରଖି ମୁହଁରେ ମାସ୍କବାନ୍ଧି ପଦାକୁ ବାହାରିଲେ ଶତକଡା ଶହେରୁ ଶହେ ନିରାପଦ। ଆଜିକାଲି ଏସବୁ ଭୋଜିଭାତର ଦିନ। ପଢାଲିଖା କଲେଜ ପଢୁଆ ପିଲାଗୁଡା ଯଦି କରୋନାକୁ ଭୁଲି ଏମିତି ଖୋଲା ପଡିଆରେ ଶହଶହ ମେଳି ହୋଇ ଦଣ୍ଡନାଚ କରିବେ ତେବେ ସମାଜ ତାଙ୍କଠାରୁ କଣ ଶିଖିବ! ଏକ ଶିକ୍ଷିତ ନାଗରିକ ହିସାବରେ ନିଜନିଜର ଦାୟିତ୍ୱ ପାଳନ ନକଲେ ସରକାର କଣ କରିପାରିବ! ଆଜିଦିନରେ ଗଣମାଧ୍ୟମରେ ପ୍ରତ୍ୟେହ କରୋନାରୋଗର ସଚେତନତା ଉପରେ ଯେତେକଥା କୁହା ଯାଉଛି, ସମସ୍ତେ ଏହା ବିଷୟରେ ପ୍ରାୟ ସବୁକଥା ଜାଣି ସାରିଲେଣି। କିନ୍ତୁ ଏହାକୁ ଯେତିକି ଗୁରୁତ୍ୱ ଦେବାକଥା ସେତିକି ଦେଉନଥିବାରୁ ଅନେକ ଲୋକ ଆଜି ଜୀବନ ହରେଇ ସାରିଲେଣି। ଏବେ ସରକାର ମଧ୍ୟ ପୁଣିଥରେ ତାଲାବନ୍ଦି କଥା ଚିନ୍ତା କଲେଣି। ତାଲାବନ୍ଦି ହେଲେ ନିମ୍ନ ମାଧ୍ୟମିକ ଏବଂ ଦିନ ମଜୁରିଆ ମାନଙ୍କର ଯେପରି ଅସୁବିଧା ହେଉଛି, ସେହି ମାନେ ହିଁ କେବଳ ଜାଣନ୍ତି। ଭୋକଉପାସରେ ପେଟରେ ଓଦାକନା ଦେଇ ଦିନ କାଟିବାକୁ ହେଉଛି, ସାମାନ୍ୟ ଦେହଖରାପ ହେଲେ ବି ପବ୍ଲିକ୍ ଟ୍ରାନ୍ସପୋର୍ଟ ଅଭାବରୁ ଘରେ ରହି ମରିଯାଉଛନ୍ତି ପଛେ ରିଜର୍ଭ ଗାଡିକରି ଡାକ୍ତରଖାନାକୁ ଯାଇ ହେଉନି। ଛାତ୍ରଛାତ୍ରୀଙ୍କ ପଢାକଥା ନକହିଲେ ଭଲ। ଏମିତି ଅନେକ ଅଗଣିତ କଷ୍ଟ କଥା ଆମେ ଅଙ୍ଗେ ନେଭେଇଛେ, ତାର ପୁଣିଥରେ ପୁନରାବୃତ୍ତି ହେବାକୁ ଯାଉଛି। କିନ୍ତୁ ଏହା ଅଳ୍ପବହୁତେ ଆମ ହାତରେ ଅଛି। ସରକାର ହାତରେ ଅଳ୍ପ, ଆମ ହାତରେ ବେଶି ଥିବା ମନେହୁଏ। ତେଣୁ ସମସ୍ତଙ୍କୁ ଅନୁରୋଧ ନୂଆବର୍ଷର ସ୍ୱାଗତ ମହୋତ୍ସବ ଗୁଡିକୁ ଏବର୍ଷ ପାଇଁ ଟିକେ ଏଡାଇ ନିଜମନକୁ ସମ୍ଭାଳିନେଇ ଭୋଜିଭାତରୁ ଦୂରରେ ରହିଲେ ଚଳନ୍ତାନି !


♥ ଖ-୧୭/୧୫, ପଂଚସଖା ନଗର, ଡୁମୁଡୁମା, ଭୁବନେଶ୍ୱର-୧୯

ଜି; ଖୋର୍ଦ୍ଧା, ଓଡ଼ିଶା,

ମୋ-୯୪୩୯୧୨୮୦୫୦








### ଭକ୍ତ ସାଲବେଗ

ବୀରକିଶୋର ନାୟକ

ଭକତ ବତ୍ସଳ ପ୍ରଭୁ ଜଗନ୍ନାଥ
ଭକତର ପ୍ରାଣଧନ,
ଜାତି, ଧର୍ମ ଠାରୁ ଉର୍ଦ୍ଧ୍ୱରେ ସିଏ ଯେ
କୃପାମୟ ଭଗବାନ ।

ଭକ୍ତ ସାଲବେଗ ମୁସଲିମ ହୋଇ
ଶ୍ରେଷ୍ଠ ଭକ୍ତ ବୋଲାଇଲେ,
ଜଗନ୍ନାଥଙ୍କର କୃପା ଲାଭ କରି
ନିଜ ନାମ ରଖିଗଲେ ।

ଭାରତେ ମୋଗଲ ରାଜତ୍ୱ କାଳରେ
ସମ୍ରାଟ ଯେ ଜାହାଙ୍ଗୀର,
ଲାଲବେଗ ନାମେ ଓଡିଶା ଆସିଲେ
ବଙ୍ଗଳକ୍ଷର ସୁବେଦାର ।

ଲାଲବେଗ ଦିନେ ବୁଲୁଥିଲେ ଗ୍ରାମ
ଦାଣ୍ଡମୁକୁନ୍ଦପୁରରେ,
ପୁରୀ ଅନ୍ତର୍ଗତ ଅଖ୍ୟାତ ପଲ୍ଲୀ ଯେ
ପିପିଲିର ନିକଟରେ ।

ବିଧବା ବ୍ରାହ୍ମଣୀ ନାମ ଯେ ଲଳିତା
ସ୍ନାନସାରି ଫେରୁଥିଲେ,
ତା ରୂପେ ମୋହିତ ହୋଇ ଲାଲବେଗ
ବାଧ୍ୟକରି ବିଭାହେଲେ ।

ତାଙ୍କରି ଔରଷୁ ଭକ୍ତ ସାଲବେଗ
ଜନ୍ମ ହେଲେ ଓଡ଼ିଶାରେ,
ଖ୍ରୀଷ୍ଟାବ୍ଦ ପନ୍ଦର ଶହ ବୟକ୍ଷନବେ
ସେପଟ୍ମ୍ବର ଷୋହଳରେ ।

ମାତା ଲଳିତା ଯେ ପୂଜା କରୁଥିଲେ
ପ୍ରଭୁ ଜଗନ୍ନାଥେ ନିତି,
ସେହି ପ୍ରଭାବରେ ସାଲବେଗଙ୍କର
ବଢିଥିଲା ପ୍ରଭୁପ୍ରିତି ।

ଜଗନ୍ନାଥ ଆଉ କୃଷ୍ଣଙ୍କ ନାମରେ
ଭଣିଲେ ଭକ୍ତି ସଙ୍ଗୀତ,
ହେଲେ ସିଏ କବି ଭାବ ଭକତିର
ପୂଜି ନିତି ଜଗନ୍ନାଥ ।

ଖ୍ରୀଷ୍ଟାବ୍ଦ ଷୋହଳ ଶହ ଛୟାଳିଶୀ
ଇହଲୀଳା ସାଙ୍ଗ ବର୍ଷ,
ଏବେ ବି ତାଙ୍କର ଅମର ସୃଜନୀ
ଗାଉଛି ତାଙ୍କର ଯଶ ।


♥ ଖଣ୍ଡବନ୍ଧ, ଢେଙ୍କାନାଳ ।
(ମୋ) ୮୮୪୭୮୪୨୨୯୭


### ଶୂନ୍ୟ ଅବଶୋଷ

ସୁଧାକର ରାଉତ



ତୁମ ମୋ ସମ୍ପର୍କ ଦୁର୍ବୋଧ କବିତା
କିଛି ହେଲା ନାହିଁ ବୁଝି
ଯେଉଁ ଶୂନ୍ୟସ୍ଥାନ ରହିଲା ତହିଁରେ
କେହି ପାରିଲେନି ଖୁଜି।

ପ୍ରୀତି ଅଗଣାରେ ଅଗଣିତ ଫୁଲ
ଫୁଟିଥିଲା ମହକାଇ
ଜୀବନର ଉଷାକାଳେ ତା ତୋଳିଲେ
କେତେ ଉତଫୁଲିତ ହୋଇ।

ମଧ୍ୟାହ୍ନରେ ଦୁହେଁ ଆତ୍ମମଗ୍ନ ଭୋଳେ
ବୟସ ପାତ୍ରକୁ ଏଡ଼ି
ରୂପେଲି ଜୋଛନା ଜୁଆରକୁ ଧରି
ହାତ ମୁଠାରେ ଜାବୁଡି।

ସପନେ ଜହ୍ନକୁ ଛୁଇଁବାକୁ ଯାଇ
ଶୀଘ୍ର ପାହିଗଲା ରାତି

ଉଦାସୀ ନିଛାଟିଆ ମନକୁ ନେଇ
ସାୟଂ କାଳଯାଏ ବିତି।

ଅତୀତରେ ସେଇ ସୁଦୀର୍ଘ ପଥର
ଅନ୍ତହୀନ ଅଭିପ୍ସା
ପ୍ରତାରଣାର କୁଝଟୀକା ମଧ୍ୟରେ
ଦିଶେ ଝାପ୍‌ସା ଝାପ୍‌ସା।

ବଞ୍ଚିବାର ଶୂନ୍ୟ ଅବଶୋଷ ନେଇ
ଦେଖୁଛି ଯେହ୍ନେ କଙ୍କାଳ
ସମ୍ପର୍କର ରଙ୍ଗ ଚିହ୍ନିଲା ବେଳକୁ
ସରିସରି ଆସେ କାଳ।


ପ୍ରତାପନଗରୀ, କଟକ
(ମୋ) ୮୨୪୯୯୩୨୭୯୨


### ବୁଦ୍ଧିହୀନ

ରାହାସ କୁମାର ବେହେରା



ବୁଦ୍ଧିହୀନ ଜନ ପର ବୁଦ୍ଧିଆ
ନକରି କରଜ ହୁଏ ସୁଧିଆ
ଭାଙ୍ଗିଯାଏ ଘର ମିଳେନି ଶାନ୍ତି
ନକରିଣ ପାପ ଖୋଜଇ ମୁକ୍ତି ।

ନାହିଁ ଭାବପ୍ରୀତି ଛନକେ ଛାତି
ସବୁ ମୂର୍ଖମୀର ଏ କରାମତି
ସଂସାର ଦାଣ୍ଡରେ ମାଡ଼ଇ ଡର
ବିନା କାରଣରେ ଆସଇ ଜର ।

ଡାକନ୍ତି ଗୁଣିଆ ବଇଦ ନିତି
କେମିତି ମିଳିବ ଏଥୁ ଆଶ୍ୱସ୍ତି
ରୋଜଗାର ହେବ ବିନା କାରଣେ
ଥିବ ସିଂହାସନ ଅଳସ ପଣେ ।

ଦେଖି ସଜବାଜ ବୋକାମୀ ଭୀତି
ଭଣ୍ଡ ବାବାଙ୍କର ବଢଇ ପ୍ରୀତି
କେତେ ପାଂଚକରି ମାରି କଇଁଚି
ପିତୃ ସଂଚା ଧନ ନିଅନ୍ତି ଟାଂଚି ।

ଅକର୍ମା ଆଯୋଗା ଅଜଗରକୁ
ରହିଥାଏ ନିଦ୍ରା କାଳକାଳକୁ
ଅଳସୁଆ ମୁହେଁ କଳା ଯେ ଦେବ
ତେବେ ସୁଖ ଯାଇ ଧାର୍ଯ୍ୟ ହୋଇବ ।


♥ ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ: ୭୫୯୦୧୫
(ମୋ) ୯୪୩୮୧୧୪୩୬୮


### ଜ୍ୟୋତ୍ସ୍ନା ବିହାର

ନିରଞ୍ଜନ ସାହୁ



ରୂପା ଝରା ଏଇ ଚାନ୍ଦିନୀ ରାତିର
ମାୟାରେ ଯାଇଛି ପଡି
ଭାବନା ରାଇଜେ ହଜି ଯାଉଯାଉ
ସମୟ ଯାଉଛି ଗଡି ।

ତନ୍ଦ୍ରା ଆସିଗଲେ ଝୁଙ୍କି ପଡି ଯେବେ
ଅଳସ ଯାଉଛି ଭାଙ୍ଗି
ଦେଖୁଛି ମୋ ଆଗେ ସ୍ୱପ୍ନ ମାନଚିତ୍ର
ସତେ କି ହୋଇଛି ଟାଙ୍ଗି
ପରିକଳ୍ପନାରେ ପାଗ ବଦଳୁଛି
ଖରା, ଶୀତ, ବର୍ଷାଝଡି ।

ମରୀଚିକା ନୁହେଁ ସତ ପାଲଟୁଛି
ସପନ ଦେଖୁଛି ଯେତେ
ଅନେକ ଦୂରକୁ ଦେଖି ପାରୁଛି ମୁଁ
ଛବି ଆଙ୍କି କେତେକେତେ
ବିଭୋର ପଣରେ ବିମୁଗ୍ଧ କବି ମୁଁ
ବାସ୍ତବତା ଦେଇ ତଡି ।


♥ ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
(ମୋ) ୯୯୩୮୭୪୧୫୮୩



## କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୭୫)

# ଶିବଧନୁ ଭଗ୍ନ



(ପୂର୍ବ ପ୍ରକାଶିତ ଉତ୍ତାରୁ)

"ଜନକ ରାଜା ବିଶ୍ୱାମିତ୍ର ଋଷି ଓ ରାମ ଲକ୍ଷ୍ମଣଙ୍କୁ ସେ କିପରି ଶିବଧନୁ ପାଇଲେ ସେ କଥା କହିଲେ।" ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ବିଶ୍ୱାମିତ୍ର ରାମ ଓ ଲକ୍ଷ୍ମଣ ସେ କଥା ଶୁଣି ଚମତ୍କୃତ ହେଲେ। ଜନକ ଋଷି ତାଙ୍କ କଥା ଜାରି ରଖିଥିଲେ।

- ହେ ବ୍ରହ୍ମର୍ଷି, ଏ ପର୍ଯ୍ୟନ୍ତ ଧନୁକୁ ଉଠାଇବାକୁ କୌଣସି ବୀର ବା ରାଜକୁମାର ସକ୍ଷମ ହୋଇନାହାନ୍ତି।



ମୋ କନ୍ୟା ସୀତା ଅତ୍ୟନ୍ତ ସୁନ୍ଦରୀ। ତାଙ୍କୁ ବିବାହ କରିବାକୁ ଅନେକ ରାଜା ଇଚ୍ଛୁକ। ମାତ୍ର ଶିବ ଧନୁକୁ ଉଠାଇବାକୁ କେହି ସକ୍ଷମ ହୋଇନାହାଁନ୍ତି। ସୀତାଙ୍କୁ ବିବାହ କରବାକୁ ଲଙ୍କାପତି ରାବଣ ମଧ୍ୟ ଆଗ୍ରହୀ ଥିଲା। ସେଥିଲାଗି ସେ ପୁଷ୍ପକ ବିମାନରେ ଆକାଶରେ ରହି ତାର ଦୂତକୁ ପଠାଇଥିଲା। ମାତ୍ର ଶିବଧନୁ ଭଗ୍ନ କରିବାକୁ ସେ ଆସିଲା ନାହିଁ। ରାବଣ ଶିବଧନୁର ମହତ୍ତ୍ୱ ଜାଣିଥିଲା। ତେଣୁ ସେ ଭୟରେ ଶିବଧନୁ ଭଗ୍ନ କରିବାକୁ ଆସିଲାନି।

ମହାବୀର ପର୍ଶୁରାମ ମଧ୍ୟ ଆସିଥିଲେ। ମାତ୍ର ଶିବଧନୁକୁ ଦେଖି ନମସ୍କାର ହୋଇ ଫେରିଗଲେ।

ହେ ମହାମୁନି ଆପଣ ଇଚ୍ଛା ପ୍ରକଟ କରିଛନ୍ତି। ତେଣୁ ଶିବଧନୁ ନିଶ୍ଚୟ ଏହି ବାଳକଙ୍କୁ ଦେଖାଇବି। ଆସନ୍ତାକାଲି ମୋ ସଭାଗୃହକୁ ଅନେକ ରାଜା ଆସୁଛନ୍ତି। ପୁଣି ଥରେ ସେମାନେ ଶିବଧନୁ ଭଗ୍ନ କରିବାକୁ ଚେଷ୍ଟା କରିବେ। ରାମ ଲକ୍ଷ୍ମଣ ମଧ୍ୟ ଶିବ ଧନୁକୁ ଦେଖିପାରିବେ।

ମହାରାଜା ଜନକଙ୍କ ସଭାଗୃହରେ ଅନେକ ରାଜାଙ୍କ ଭିଡ଼ ଲାଗିଥିଲା। ସମସ୍ତେ ଚାହୁଁଥିଲେ ଶିବଧନୁ ଭଗ୍ନ କରି ସୀତାଙ୍କୁ ପତ୍ନୀ ରୂପେ ପାଇବାକୁ। ବିଶ୍ୱାମିତ୍ରଙ୍କ ସହିତ ରାମ ଲକ୍ଷ୍ମଣ ସଭାଗୃହରେ ପ୍ରବେଶ କରିଥିଲେ। ତାଙ୍କୁ ଦେଖି ସେଠାରେ ଉପସ୍ଥିତ ରାଜା ଓ ଅନ୍ୟମାନ ଆଶ୍ଚର୍ଯ୍ୟ ଚକିତ ହୋଇ ଯାଇଥିଲେ। ଶ୍ରୀରାମଙ୍କ ରୂପକାନ୍ତି ଥିଲା ସେପରି। ସେଠାରେ ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତି ଧନ୍ୟ କାରଣ ସେମାନେ ଶ୍ରୀ ବିଷ୍ଣୁଙ୍କ ଅବତାର ରୂପ ଦର୍ଶନ କଲେ।

ବିଶ୍ୱାମିତ୍ର ଓ ଲକ୍ଷ୍ମଣଙ୍କୁ ଜନକ ରାଜା ପାଛୋଟି ନେଇ ଉପଯୁକ୍ତ ଆସନରେ ବସାଇଲେ। ତାପରେ ସେ ରାଜାମାନଙ୍କୁ ଆହ୍ୱାନ କଲେ ଶିବଧନୁରେ ଗୁଣ ଚଢ଼ାଇବାକୁ। ଏ କଥା ମଧ୍ୟ କହିଲେ, ଯିଏ ଶିବ ଧନୁରେ ଗୁଣ ଦେଇପାରିବ, ତାଙ୍କୁ ସୀତା ପତ୍ନୀ ରୂପେ ମିଳିବ।

ଜନକ ରାଜାଙ୍କ ସଭା ଗୃହରେ ଉପସ୍ଥିତ ଥିବା ରାଜାମାନେ ଜଣେ ଜଣେ ଯାଇ ଶିବଧନୁ ପାଖରେ ପହଂଚିଲେ। ଶିବଧନୁରେ ଗୁଣ ଦେବା ଦୂରର କଥା, ସେମାନେ ଶିବଧନୁକୁ ଟେକି ପାରିଲେନି। କିଛି ରାଜା ଶିବଧନୁ ଟେକିବାକୁ ଚେଷ୍ଟା କରି ତଳେ ପଡ଼ିଗଲେ ଓ କ୍ଷତାକ୍ତ ହେଲେ। ରାଜାମାନେ ଲାଜ ପାଇ ନୀରବରେ ସଭାଗୃହରେ ବସି ରହିଲେ।

ଏହି ସମୟରେ ରାଜା ଜନକ ବିଶ୍ୱାମିତ୍ରଙ୍କ ଇଙ୍ଗିତ ଦେଲେ- ଆପଣ ରାମ ଲକ୍ଷ୍ମଣଙ୍କୁ ଶିବଧନୁ ଦେଖିବାକୁ ଆଦେଶ ଦିଅନ୍ତୁ। ବିଶ୍ୱାମିତ୍ର ରାମ ଲକ୍ଷ୍ମଣଙ୍କ ଆଡ଼େ ଚାହିଁଲେ। ପ୍ରଥମେ ରାମ ଉଠିଲେ ଓ ତାଙ୍କ ପଛେ ପଛେ ଲକ୍ଷ୍ମଣ ଉଠିଲେ। ସେମାନେ ଧୀରେ ଧୀରେ ଧନୁ ରଖାଯାଇଥିବା ସ୍ଥାନକୁ ଗଲେ।

ରାମ ଓ ଲକ୍ଷ୍ମଣଙ୍କୁ ଶିବ ଧନୁ ଆଡ଼କୁ ଯିବାର ଦେଖି ସେଠାରେ ଥିବା ଅନେକ ରାଜା ହସିଲେ ଓଓ କହିଲେ- ବଡ଼ ବଡ଼ ଶକ୍ତିଶାଳୀ ଓ ବଳୁଆ ରାଜା ପାରିଲେନି। ଦେଖ ଦେଖ, ବାଳକଙ୍କୁ ଦେଖ, ସେମାନେ ଶିବଧନୁ ଭାଙ୍ଗିବାକୁ ଯାଉଛନ୍ତି।

ସେଠାରେ ଥିବା ଅନେକ ଲୋକ ଏ କଥା କହିଲେ- କିଏ ଜାଣେ, ବଡ଼ମାନେ ଯାହା କରି ନପାରିଲେ, ଏହି ସାନ ବାଳକ ହିଁ ତା କରି ଦେଖାଇବେ। ଅନେକ ସାନ କଥା ହିଁ ଅସାଧ୍ୟ ସାଧନ କରେ। ତେଣୁ ଏ ସାନ ବାଳକ ଯେ ଶିବଧନୁ ଭଗ୍ନ ନକରିବେ- ସେ କଥା କହି ହେବନି।

ରାମଚନ୍ଦ୍ର ଧୀରେ ଧୀରେ ଶିବଧନୁ ଆଡ଼କୁ ଅଗ୍ରସର ହେଲେ। ପଛରେ ତାଙ୍କ ସାନ ଭାଇ ଲକ୍ଷ୍ମଣ। ରାମ ଲକ୍ଷ୍ମଣଙ୍କ ରୂପକାନ୍ତି ସମସ୍ତଙ୍କୁ ମୁଗ୍ଧ କରିଥିଲା। ସୀତାଙ୍କ ତାଙ୍କ ସଖୀମାନେ ଥଟ୍ଟା ପରିହାସ କରିଥିଲେ।

ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଶ୍ରୀରାମ ଶିବଧନୁକୁ ଏକ ପୁଷ୍ପପରି ଟେକି ଧରିଲେ ଓ ଧୀରେ ଧୀରେ ଧନୁରେ ଗୁଣ ଦେଲେ। ଧନୁକୁ ତାଙ୍କ କର୍ଣ୍ଣମୂଳ ଯାଏ ଟାଣି ଗୁଣ ଦେବାମାତ୍ରେ ଶିବଧନୁ ଦୁଇ ଖଣ୍ଡ ହୋଇ ଭଗ୍ନ ହେଲା।

"ଭଗ୍ନ ହେଲା ସରାଶନ ଦୁଇଗଡ଼ ହୋଇ"।

ପିଲାମାନେ, ଶ୍ରୀରାମ ଭଗବାନଙ୍କ ବିଷ୍ଣୁଙ୍କ ଅବତାର। ତାଙ୍କ ପତ୍ନୀ ମା' ସୀତା ହେବେ- ଏ କଥା ବିଧି ନିର୍ଦ୍ଦିଷ୍ଟ ଥିଲା। ଏତିକି କହି ମିନା ଅପା ରାମାୟଣ କଥା ସାରିଲେ।

(କ୍ରମଶଃ)

♥ (ମୋ) ୯୯୮୦୩୦୦୭୫୧

## ଆସ ପିଲେ ଧାଇଁ ଧାଇଁ

### ସୁବ୍ରତ ମଲିକ

ଖରା ହୁଏ ଟାଇଁ ଟାଇଁ
କୁନା ମୁନା ସବୁ ବାହାରେ ବୁଲନି
ଘରେ ଖେଳ ଗୀତ ଗାଇ
ପଙ୍ଖା ବୁଲେ ଘାଇଁ ଘାଇଁ
ପଦା ଗଲେ ସାଥେ ଛତା ଜୋତା ଜଳ
ନେବାକୁ ଭୁଲିବ ନାହିଁ ।
ଝାଞ୍ଜି ବହେ ସାଇଁ ସାଇଁ
ଗମଗମ ହୋଇ ଝାଳଟା ବହୁଛି
ପଡ଼ିଛିକି ଦେହେ ଘାଇ ।
ମୁଣ୍ଡ ବିନ୍ଧେ ଝାଇଁ ଝାଇଁ
ବିଚରା ବାଟୋଇ ବିଶ୍ରାମ ନେବାକୁ
ଖୋଜେ ସବୁଆଡ଼େ ଛାଇ ।
ଗଛ କୁହେ ଭାଇ ଭାଇ
ମୋତେ ଯଦି ତୁମେ ରୋପଣ କରିବ
ଖରାକୁ ଡରିବ ନାଇଁ ।
ଆସ ପିଲେ ଧାଇଁ ଧାଇଁ
ଯେଉଁଠି ଦେଖିବା ଅଛି ଖାଲି ସ୍ଥାନ
ଗଛ ଲଗାଇବା ଯାଇ ।

+ମଙ୍ଗଳପୁର, ଅସୁରାଳି, ଭଦ୍ରକ
ମୋ: ୭୦୦୮୩୧୫୯୧୬

## କବିତା

ତୁମ ପାଇଁ



## ଟୁଉକୁ ମୂଷି

### ମଂଜୁ ଦାସ

ଆ... ଲୋ ଧାଇଁ ଟୁଉକୁ ମୂଷି
ସାଥୀ ହୋଇକି ପଢ଼ିବା ବସି।
ଗଣେଶଙ୍କର ବାହାନ ବୋଲି
କେତେ ଚାତରେ ଦେଖଉ ଚାଲି।
ପାଠ ଦିଅନ୍ତି ଦିଅଁ ଗଣେଶ
ପାଉ ତାଙ୍କଠୁ କେତେ ଆଶିଷ।
ଖାଉ ତାଙ୍କରି ରାଶି ଲଡୁକୁ
ଅଭାବ ତୋର କୋଉ କଥାକୁ।
ହେଲେ କଥାଟେ ବୁଝିପାରେନି
ବଇରୀ କିଆଁ ବହି ବସ୍ତାନି।
ମୁନିଆଁ ଦାନ୍ତେ କରି ଟୁକୁରା
ଅଳିଆ କରୁ ଘରଟା ସାରା।
ସେଇଥି ପାଇଁ ଭାବୁ ତୁ ଭେଲ।
ଏ ଦୃଷ୍ଟ ବୁଦ୍ଧି କରନା ଜମା
ପାଠ ପଢ଼ିଲେ ହୋଇବୁ ସୁନା।
ଅଙ୍କ ସାହିତ୍ୟ ପଢ଼ାଇ ଦେବି
ଲେଖିବୁ ଗୀତ ଆଙ୍କିବୁ ଛବି।
ବହି ଖାତାକୁ କାଟିବୁ ନାହିଁ
ପଢ଼ିବୁ ବେଗେ ଆ... ଲୋ ଧାଇଁ।

+ସିପିଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ଜଗତସିଂହପୁର-୭୫୪୧୦୩

## ମୁଁ ଗଛ କହୁଛି

### ରମେଶ ଚନ୍ଦ୍ର ନାୟକ

ଗଛ ମୁଁ କହୁଛି କାହାଣୀ ମୋହର
ଶୁଣ ପିଲେ ମନ ଦେଇ
ମାଟି ମା' ଦେହରୁ ଜନମ ଲଭିଛି
ଜଗତ ମଙ୍ଗଳ ପାଇଁ ।

ଛୋଟିଆ ମଞ୍ଜିରୁ ଚାରା ରୂପ ନିଏ
ଚାରାରୁ ବିଶାଳ ଗଛ
ମଣିଷ ପେଟକୁ ଦାନା ଦେବା ସହ
ପରିବେଶ କରେ ସ୍ୱଚ୍ଛ ।

ଦିବସ କାଳରେ ଦେଇ ଅମ୍ଳଜାନ
ଅଙ୍ଗାରକାମ୍ଳ ଯେ ନିଏ
ରାତି ଉଭାହେଲେ ମଣିଷ ପରି ମୋ
ନିଃଶ୍ୱାସ ପ୍ରଶ୍ୱାସ ଯାଏ।

କେତେ ଫୁଲ ଫଳ ଦେଉଅଛି ମୁହିଁ
ମନା କେବେ କରେ ନାହିଁ
ଜାଳେଣି ପାଇଁ ଯେ କାଠ ଯୋଗାଉଛି
ଦୁଃଖ କଷ୍ଟ କେତେ ସହି।

ଯଦି ଦୈବ ଯୋଗେ ଫୁଲ ଫଳ ନାହିଁ
ବାଟୋଇକୁ ଦିଏ ଛାଇ
ଚେର ମୂଳ ପତ୍ରେ ଔଷଧ ଦେଉଛି
ରୋଗ ଉପଶମ ପାଇଁ।

ଖରା ଓ ବର୍ଷାରେ ଛତା ହୋଇଥାଏ
ବରଷା କରଇ ମୁହିଁ
ପକ୍ଷୀ ସରୀସୃପ ଆଶ୍ରୟ ପାଆନ୍ତି
ଜୀବନ ବଞ୍ଚାନ୍ତି ସେହି।

ଚଉକି ଟେବୁଲ ପଲଙ୍କ କାଗଜ
ମୋ କାଠରୁ ଗଢ଼ି ଥାଅ
ଅନ୍ଧକାର ତଡ଼ି ଆଲୋକ ଦିଅଇ
ଜାଳି ପୁଣି ନିଜ ଦେହ।

କେତେ ଯେ ସୁନ୍ଦର ରୂପ ମନୋହର
ଧରଣୀ ମୋ ପାଇଁ ଦିଶେ
ଏ ଜୀବ ଜଗତ ତିଷ୍ଠି ରହି ଅଛି
ମୋର ଯୋଗୁଁ ଧରା ହସେ।

ବନ୍ଧୁ ବୋଲି ଭାବି ବନ୍ଧୁ ବାନ୍ଧିଥିଲି
ମଣିଷକୁ ଭଲ ମଣି
ମଣିଷ ଜାତିଟା ମୋତେ ନ ବୁଝିଲା
ସ୍ୱାର୍ଥ ପାଇଁ ଦିଏ ହାଣି।

ପ୍ରଦୂଷଣ ପାଇଁ ମୋତେ କାଟ ନାହିଁ
ଥିବା ଯାଏ ପ୍ରାଣ ମୋର
ନୂଆ ନୂଆ ଚାରା ଗଛ ଲଗାଇବ
ପିଲାଏ ଶପଥ କର।

+କେଶରପୁର , ବକ୍ସି ବଜାର , କଟକ
ମୋ: ୭୯୭୮୧୫୧୭୧୦





## ନଗେନ୍ଦ୍ର ନାଥ ପଟ୍ଟନାୟକ

# ମା'ର ପ୍ରେରଣା ପ୍ରଦୀପ

ଦେଉଳି ଗାଆଁ ମୁଣ୍ଡରେ ଟୁକୁନାର ଘର । ସେଇ ଗାଆଁ ପାଖାପାଖି ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥାଏ ସେ । ଭାରି ଶାନ୍ତଶିଷ୍ଟ, ସୁଧାର ପିଲାଟିଏ । ନିଇତି ସେ ବଦ୍ୟାଳୟକୁ ଯାଏ ଓ ଠିକ ଚାରିଟାରେ ସ୍କୁଲ ଛୁଟି ହେଲା ପରେ ସିଧା ଘରକୁ ଫେରିଆସେ । ଏମିତି ଦିନାକେତେ ବିତିଗଲା । ଦିନେ ସେ ଦଳେ ଖରାପ ପିଲାଙ୍କ ମେଳରେ ପଡିଲା । ସେମାନଙ୍କ ସହ ସାଙ୍ଗ ହୋଇ ମନ୍ଦ କଥା ସବୁ ଶିଖିଲା । ବିଦ୍ୟାଳୟ ଛୁଟି ହେବା ପରେ ସେ ଘରକୁ ଠିକଣା ସମୟରେ ପହଁଚିଲା ନାହିଁ । ଘରେ ତା ପାଇଁ ସମସ୍ତେ ଖୁବ୍ ବ୍ୟସ୍ତ ଓ ଚିନ୍ତିତ। ଦିନ ଗଡି ସଂଜ ନଇଁ ଆସିଲେ ବି ସେ ସ୍କୁଲରୁ ଘରେ ପହଁଚେ ନାହିଁ । ଏପରିକି ରାତି ଆଠଟା କି ନଅଟା ବେଳେ ଫେରିଆସେ ଘରକୁ । ଘରେ ବାପା ମାଆଙ୍କ ବୋଲି ମାନେନି । କଳି ଝଗଡା କରେ । ମନମାଫିକ ଚିଜ କିଣିଆଣିବା ପାଇଁ ଜିଗର କରେ । ବିଦ୍ୟାଳୟରେ ବଦମାସୀ କରେ, ଗୁରୁଜୀ ଗୁରୁମା କଥା ମାନେନି । ବାପା ମାଆ ଯେତେ ବୁଝଇଲେ ବି ସେ ତାଙ୍କ କଥାକୁ ଏ କାନରେ ପୂରାଇ ସେ କାନରେ ବାହାର କରିଦିଏ ।

ଥରେ ତାଙ୍କ ମା' ହଇଜା ରୋଗ ଆକ୍ରାନ୍ତ ହୋଇ ବିଛଣାରେ ପଡିରହିଲେ। ତାଙ୍କ ଦେହପା କ୍ରମେ ବିଗିଡିବାକୁ ଲାଗିଲା । ଡାକ୍ତରବାବୁ ଓ ବଇଦଙ୍କ ଚିକିତ୍ସା ସତ୍ୱେ ବି ଅବସ୍ଥା ସୁଧୁରିଲା ନାହିଁ । ପଥି-ଓଷଧ ବି ତାଙ୍କୁ କାଟୁ କଲାନି। ଶେଷରେ ତାଙ୍କ ଅବସ୍ଥା ଗୁରୁତର ହୋଇପଡିଲା । କତରାଲଗା ହୋଇ ପଡିରହି ମରଣ ସହିତ ସଂଗ୍ରାମ କରି ଚାଲିଥାନ୍ତି। ମରଣର କିଛି



ସମୟ ପର୍ଯ୍ୟନ୍ତ ସେ ପୁଅର ଫେରିବା ବାଟକୁ ଅନେଇ ରହିଥାନ୍ତି । ସେତେବେଳକୁ ପ୍ରାୟ ଅଧରାତି । କିଟିକିଟି ଅନ୍ଧାର । ମୁହଁକୁ ମୁହଁ ଦିଶୁନାହିଁ । ଠିକ ସେତିକିବେଳେ ପୁଅ ଟୁକୁନା ଆସି ମାଆ ପାଖରେ ପହଁଚିଲା । ମାଆ ତା ଆଡକୁ ଛଳଛଳ ଆଖିରେ ଅନେଇଲେ । କହିଲେ -ମୋର ଅନ୍ତିମ କାଳ ଆସିଗଲା । ଏବେ ମୁଁ ଯମପୁରକୁ ଯିବି। ମୋର ଶେଷ କଥା ପଦକ କହୁଛି ମନଦେଇ ଶୁଣୁ । ମଣିଷ ଜୀବନ କ୍ଷଣସ୍ଥାୟୀ । ଠିକ ଯେମିତି ପାଣି ଫୋଟକା ପରି । ଜୀବନକାଳ ଭିତରେ ତୁ ଯଦି ସୁଧୁରିଯାଉ ତେବେ ଯାଇ ମୋ ଆତ୍ମାକୁ ଶାନ୍ତି ମିଳିବ । ଏତକ କହି ମାଆ ସବୁଦିନ ପାଇଁ ଆଖି ବୁଜିଦେଲେ । ଚାଲିଗଲେ ଆରପାରିକି । ମାଆଙ୍କ ଶେଷ ତୁଣ୍ଡ କଥା ପଦକ ଟୁବୁନାର ଜୀବନକୁ ବଦଳାଇ ଦେଲା । ସେ ପଣ ଖାଇଲା ନିଜର ପ୍ରତିଟି ମୁହୂର୍ତ୍ତକୁ ସକାରାତ୍ମକ ଭାବରେ ଉପଯୋଗ କରିବ। ମାର ଶେଷକଥା ପଦକ ତା ମନକୁ ଖୁବ୍ ଦୋହଲାଇ ଦେଲା । ସେଇଦିନଠୁ ସେ ହାଡଭଙ୍ଗା ପରିଶ୍ରମ କଲା । ଶେଷରେ ସବ ଭାରତୀୟ ପ୍ରଶାସନିକ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ଜିଲ୍ଲାରେ ଜିଲାପାଳ ରୂପେ କାର୍ଯ୍ୟ କଲା।

+୯୯୯-୩, ଜଗମୋହନ ନଗର, ଜାଗମରା, ଖଣ୍ଡଗିରି
ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮



## ବିନୟ କୁମାର ଦାସ

# ନୂଆ ବର୍ଷ ବଣଭୋଜି



" ତୁ ଏଇଟା କିନ୍ତୁ ଭଲ କଲୁନି ଭାଇ.. ବଣଭୋଜିକୁ ମନା କରି ଦେବାରୁ ଜାଣିଛୁ ମାଆ ମନ ଶୁଖାଇ ଚୁପଚାପ୍ ବସିଛନ୍ତି ।" ଆଠ ବର୍ଷର ବିନୁ ତା ବଡଭାଇ ଚିନୁକୁ କହିଲା । ଚିନୁ କିନ୍ତୁ କିଛି ଜବାବ ଦେଲା ନାହିଁ। ବିନୁ ବି କିଛି ସମୟ ଚୁପ୍ ରହିଲା । ହେଲେ ତା ମନ ବୁଝିଲା ନାହିଁ । ପୁଣି କହିଲା , " ଭାଇ, ବାପା ତ ସବୁ ଠିକ୍ କରି ସାରିଛନ୍ତି, ଆମେ ଏଥର ଚାନ୍ଦିପୁର ବେଳାଭୂମିରେ ଝାଉଁବଣ ଭିତରେ ବଣଭୋଜି କରିବା । ବାପା, ମାଆ, ତୁ , ମୁଁ ଆଉ ମୋ ସାଙ୍ଗ ରାଜୀବ ବି କହିଛି ଆମ ସହିତ ଯିବ । ସମୁଦ୍ର କୂଳରେ ବୁଲିବା, ନାଲି କଙ୍କଡା ଦେଖିବା, ବାଲିରେ ଘର ତିଆରି କରିବା..ତୁ ରାଜି ହୋଇଯାଆ ଭାଇ.. ବହୁତ ମଜା କରିବା ସେଠି । ନୂଆବର୍ଷ କଣ ବର୍ଷର ସବୁଦିନେ ଆସିବ କି ?"

" କହିଲି ପରା , ମୁଁ ଯିବି ନାହିଁ । ତୁମେ ସବୁ ଯାଅ.. ମଜା କର , କିଏ ମନା କରୁଛି ?" ଟିକେ ବିରକ୍ତିଭରା ସ୍ୱରରେ କହିଲା ଚିନୁ ।

" କିନ୍ତୁ ତୁ ମନା କରିଦେଲାରୁ ତ ବାପା ଆଉ ରାଜି ହେଉ ନାହାନ୍ତି । ସେ କହୁଛନ୍ତି , ଜଣେ ଯଦି ନ ଯିବ ସେ ବଣଭୋଜିରୁ କଣ ମିଳିବ ?"

" ତୁ ଯେତେ ଯାହା କହିଲେ ବି ମୁଁ ଯିବିନି । ଯିବନି ମାନେ ଯିବିନି । ବାସ୍ ।"

" ତୁ ଟା ସତରେ ଭାରି ଜିଦିଖୋରିଆ.. ତୋର ଅସୁବିଧା କଣ ହେଉଛି ? ମାଆ ମନ ଦୁଃଖ କରୁଛି .. ମୋତେ ବି ଭଲ ଲାଗୁନି । ରାଜି ହୋଇ ଯା ନା.. ।"

" କାହିଁକି ମୋ ସାଥିରେ ଲାଗିଚୁ କହିଲୁ .. ଆମେ ଘରେ ଭୋଜି କରିଦେବା । ମାଂସ, ପଲାଉ, ସାଲାଡ, କ୍ଷିରୀ, ପାମ୍ପଡ, ଦହି, .."

" ବାସ୍ ବାସ୍.. ମୋତେ ଏତେ ଆଇଟମ୍ ଶୁଣାଇବା ଦରକାର ନାହିଁ । କହିଲା କଣ ନା.. ଘରେ କରିଦେବା ବଣଭୋଜି.. ? ବଣ ଭୋଜି ବଣରେ ହୁଏ .. ଏତିକି ଜାଣିନୁ ?"

" ମୋ ସହିତ ଏତେ ବକବକ ହେବା ଦରକାର ନାହିଁ । ତୁ ଯା ଏଠୁ .. ।" ରାଗିଯାଉଥିଲା ଚିନୁ ।

" ଭାଇ, କରୋନା କଥା ଭାବୁଚୁ କି ? ଆମେ ତ ସବୁ ପ୍ରକାର ନିୟମ ମାନି ସାମାଜିକ ଦୂରତା ବଜାୟ ରଖି..."

" ପୁଣି ସେଇକଥା ? କାହିଁକି ମୋ ପଛରେ ପଡିଛୁ କହିଲୁ ?"

" ତାହେଲେ ତୁ କଣ ପାଇଁ ରାଜି ହେଉନୁ କହୁନୁ ।"

" ଶୁଣିବୁ ? ତେବେ ଶୁଣ୍ । ଦୁଇବର୍ଷ ତଳର କଥା । ତୁ ତ ମାମୁଘରକୁ ଚାଲିଗଲୁ । ସେଠି ବଣଭୋଜି କଲ ତୁମେ ମାମୁଁ ମାଇଁ ରୀନା ସରୋଜ ମିଶି । ବହୁତ ମଜା କଲ । ଆମେ ବି ଏଠି ଯୋଜନା କଲୁ ବାପା ମାଆ ମୁଁ ଆଉ ମୋ ସାଙ୍ଗ ଦୀନୁ ସହିତ ବଣ ଭୋଜି କରିବୁ । ସବୁ ଠିକ୍ ଠାକ୍ ହୋଇଗଲା । ହେଲେ କଣ ହେଲା ଜାଣିଚୁ.. ?"

" କଣ ହେଲା.. ମୁଁ ତ ଜାଣିନି ।"

" ଭୋଜି ପୂର୍ବଦିନ ବାପାଙ୍କୁ ତାଙ୍କ ହାକିମ କହିଲେ ସେ ତାଙ୍କ ପରିବାର ସହ ବଣଭୋଜି କରିବାକୁ ଯାଉଛନ୍ତି । ସାହାଯ୍ୟ କରିବା ପାଇଁ ବାପା ବି ତାଙ୍କ ସହିତ ଯିବେ । "

" କିନ୍ତୁ ସେଦିନ ତ ଛୁଟି ଥିଲା । ବାପାଙ୍କର ବି ଛୁଟି । ସେ କାହିଁକି ଡ୍ୟୁଟି କରିବା ପାଇଁ ରାଜି ହେଲେ କି ?"

" ସରକାରୀ ଚାକିରୀ ପରା । ତା ପରେ ବାପା ଆମର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ । ହାକିମ ଆଦେଶ.. ମନା କରିବେ କେମିତି ?"

" ଓହୋ.. ତାହେଲେ ତ ବାପା ବହୁତ ମନ ଦୁଃଖ କରିଥିବେ ?"

" ଖାଲି ସେ କାହିଁକି .. ଆମେ ସମସ୍ତେ ଦୁଃଖରେ ଭାଙ୍ଗିପଡିଲୁ । ତେଣୁ ମୁଁ ମନେ ମନେ ଶପଥ ନେଇଛି, ଏ ଭୋଜିଫୋଜିରେ ମାତିବି ନାହିଁ । ବହୁତ ପାଠ ପଢିବି.. ଚାକିରୀ କରିବି । ହାକିମ ହେବି । ମୋ ତଳିଆ କର୍ମଚାରୀଙ୍କୁ ଏମିତି ହଇରାଣ କରିବି ନାହିଁ। ସେମାନଙ୍କର ବି ପରିବାର ଛୁଆପିଲା ଅଛନ୍ତି.. ସେମାନଙ୍କର ବି ପର୍ବପର୍ବାଣିରେ ହସଖୁସି କରିବାର ଅଧିକାର ରହିଛି । ଚାକିରୀ ସମୟରେ ଚାକିରୀ .. ଅଯଥାରେ ଜଣକୁ ଏମିତି ହଇରାଣ କରିବା ଲୋକ ହାକିମ ହୋଇପାରେ, ହେଲେ ସେ ମଣିଷ ନୁହେଁ । ମୁଁ ମଣିଷ ହେବି । ମୋର ଏ ଭୋଜି ଦରକାର ନାହିଁ ।"

" ତୁ ଠିକ୍ କହିଛୁ ଭାଇ.. ଆମର ବଣଭୋଜି ଦରକାର ନାହିଁ । ଆମେ ମନ ଦେଇ ପାଠ ପଢିବା .. ମଣିଷ ପରି ମଣିଷ ହେବା.. ମୋର ବି ଏହି ଶପଥ ରହିଲା ।"

ଏତିକି ବେଳେ ସେମାନଙ୍କ ପଛରେ ଛିଡା ହୋଇ ସେମାନଙ୍କ କଥା ଶୁଣୁଥିବା ମାଆ ସେମାନଙ୍କୁ କୋଳେଇ ନେଇ କହିଲେ, " ଆରେ ତୁମେ ଦୁହେଁ ତ ମୋ ହୀରା ମୋତି .. ମୋ ନୟନ ପିତୁଳା । ତୁମ କଥା ଆଉ ଶପଥ ଶୁଣି ମୋ ଛାତି ଆଜି କୁଣ୍ଢେ ମୋଟ ହୋଇଗଲାରେ.. ମୁଁ ବି ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛି , ସେ ତୁମକୁ ତୁମ ଲକ୍ଷ୍ୟ ସାଧନରେ ସହାୟ ହୁଅନ୍ତୁ ।"

||||| ୦ |||||

♥ ଅନାମିକା ନୀଡ,
ଅଂଗାରଗଡିଆ, ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

# ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୭/୧ (ନି.ପ୍ର): ଏବର୍ଷ ମଧ୍ୟ କୋଭିଡ୍ କଟକଣା ମଧ୍ୟରେ ପାଳିତ ହେବ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ। ବିନା ଦର୍ଶକରେ ସୀମିତ ଅତିଥିଙ୍କୁ ନେଇ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଗୁରୁବାର ଦିନ ୨୦୨୨ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଥିଲା। ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ପ୍ରସ୍ତୁତି ବୈଠକରେ ଅଧକ୍ଷତା କରି ସମସ୍ତ କାର୍ଯ୍ୟସୂଚୀର ଯଥାର୍ଥ କାର୍ଯ୍ୟାନ୍ୱୟନ ସଂପର୍କରେ ନିର୍ଦ୍ଦେଶ ଦେଇଥିଲେ । ପ୍ରତିବର୍ଷ ପରି ମହାତ୍ମାଗାନ୍ଧୀ ମାର୍ଗରେ ଏହି ଉତ୍ସବ ଅନୁଷ୍ଠିତ ହେବ। ଖୁବ୍ ସଂକ୍ଷିପ୍ତ ସମୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଜାତୀୟ ପତାକା ଉତୋଳନ କରି ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିବେ। ସାଧାରଣତନ୍ତ୍ର ଦିବସ ପ୍ରଭାତରେ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ରାମଧୂନ ପରିକ୍ରମା, ରାଜଭବନରୁ ଏଜି ଛକ ଏବଂ ମହାତ୍ମା ଗାନ୍ଧୀ ମାର୍ଗର ଉତ୍ସବସ୍ଥଳୀ ପର୍ଯ୍ୟନ୍ତ ଜାତୀୟ ପତାକାରେ ସାଜସଜ୍ଜା କରାଯିବ । ସାମାଜିକ ଗଣମାଧ୍ୟମ, କମନ୍‌ଫିଡ୍, ଟିଭି ଫଟୋ ଓ ସମ୍ବାଦ ପ୍ରକାଶନ ଏବଂ ଗଣମାଧ୍ୟମକୁ ସମ୍ବାଦ ପ୍ରେରଣ ବ୍ୟବସ୍ଥା କରାଯିବ । ଲୋକସେବା ଭବନ, ରାଜୀବ ଭବନ, ଖାରବେଳ ଭବନ, ବିଧାନସଭା ସୌଧ ଆଦି ରାଜ୍ୟସରକାରଙ୍କ ପ୍ରମୁଖ କାର୍ଯ୍ୟାଳୟଗୁଡ଼ିକରେ ଆଲୋକସଜ୍ଜା କରାଯିବ। ମହାନଗର ନିଗମର ପ୍ରମୁଖ ସ୍ଥାନଗୁଡ଼ିକରେ ଭିଡ଼ିଓ ୱାଲ୍ ମାଧ୍ୟମରେ ସମସ୍ତ କାର୍ଯ୍ୟକ୍ରମ ପ୍ରଦର୍ଶନ ହେବ।

ବୈଠକରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସମସ୍ତ କାର୍ଯ୍ୟସୂଚୀ ସଂପର୍କରେ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ବୈଠକରେ ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ, 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସଂପାଦକ ଡ. ଲେନିନ୍ ମହାନ୍ତି, ବିଭାଗୀୟ ଯୁଗ୍ମ ଶାସନ ସଚିବ ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ, ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକମାନଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ପଞ୍ଜାବରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଅବହେଳା ପ୍ରତିବାଦରେ ବିଜେପିର ବିକ୍ଷୋଭ

ଭୁବନେଶ୍ୱର,୭/୧ (ନି.ପ୍ର): ଦେଶର ପ୍ରଧାନମନ୍ତ୍ରୀ କୌଣସି ନିର୍ଦ୍ଦିଷ୍ଟ ଦଳର ନୁହନ୍ତି, ବରଂ ସମ୍ବିଧାନ ଅନୁଯାୟୀ ଦେଶ ଶାସନ ବ୍ୟବସ୍ଥାର ପ୍ରମୁଖ । କିନ୍ତୁ ଗତ କାଲି ପଂଜାବରେ ଯେଉଁ ଭଳି ଭାବେ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଅପମାନ କରାଯାଇଛି, ତାହା ଅତ୍ୟନ୍ତ ଲଜ୍ଜାଜନ ଏବଂ ଭାରତବର୍ଷ ଇତିହାସରେ କଳଙ୍କିତ ଅଧ୍ୟାୟ । ପଞ୍ଜାବ ସରକାରଙ୍କ ଏଭଳି ହୀନ କାର୍ଯ୍ୟ ବିରୋଧରେ ଗୁରୁବାର ଦିନ ଭୁବନେଶ୍ୱର ବିଜେପି ସାଂଗଠନିକ ଜିଲ୍ଲା ତରଫରୁ ଏକ ଶୋଭାଯାତ୍ରା ରାଜ୍ୟ କାର୍ଯ୍ୟାଳୟରୁ ବାହାରି ରାମମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଘଟଣାରେ ସଂପୃକ୍ତ ସମସ୍ତ ଦୋଷୀଙ୍କ ଉପରେ କଠୋର ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି ବାବୁ ସିଂ ଦାବୀ କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ରାଜ୍ୟ ଗସ୍ତ ଅବସରରେ ତାଙ୍କ ସୁରକ୍ଷା ଦାୟୀତ୍ୱ ହେଉଛି ସ୍ଥାନୀୟ ରାଜ୍ୟସରକାରଙ୍କ । ବିଶେଷ ଭାବେ ପ୍ରଧାନମନ୍ତ୍ରୀଙ୍କ ଗନ୍ତବ୍ୟ ସ୍ଥଳ, କାରକେଡ୍, ଯାତ୍ରା ରୁଟ୍‌ରେ ସୁରକ୍ଷା ବ୍ୟବସ୍ଥା ଆଦି ସୁନିଶ୍ଚିତ କରିବା ସଂପୂର୍ଣ୍ଣ ଦାୟୀତ୍ୱ ହେଉଛି ରାଜ୍ୟ ସରକାରଙ୍କର । ମାତ୍ର କଂଗ୍ରେସ ଶାସିତ ପଂଜାବ ରାଜ୍ୟରେ ଗତ କାଲି ଷଡଯନ୍ତ୍ର ରଚାଯାଇ ପ୍ରଧାନମନ୍ତ୍ରୀଙ୍କ ରାସ୍ତା ଅବରୋଧ କରାଯିବା ଏବଂ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ବିଧ୍ୱସ୍ତ କରାଯାଇ ଜୀବନ ପ୍ରତି ବିପଦ ଅଣିଦେବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ଏବଂ ଅକ୍ଷମଣୀୟ । ଦେଶର ପ୍ରଧାନମନ୍ତ୍ରୀଙ୍କ ଉପରେ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ଏହା ପ୍ରାୟୋଜିତ ଆକ୍ରମଣ । ଏଭଳି ହୀନ କାର୍ଯ୍ୟ ପରେ ମଧ କଂଗ୍ରେସ ନେତାମାନେ ନିଜ ଦଳୀୟ ଭାବମୂର୍ତ୍ତିକୁ ବଂଚାଇବା ପାଇଁ ରାଜନୈତିକ ବିବୃତି ପ୍ରଦାନ କରି ଅସହିଷ୍ଣୁତାର ଚରମ ସୀମା ଉଲ୍ଲଂଘନ କରିଥିବାରୁ ଜିଲ୍ଲା ସଭାପତି ଘଟଣାର ନିନ୍ଦା କରିବା ସହିତ ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ।

ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ହରେକୃଷ୍ଣ ଖୁଂଟିଆ, ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା, ରାଷ୍ଟ୍ରୀୟ ଉପାଧକ୍ଷା ଅର୍ପିତା ବଡଜେନା, ଜିଲ୍ଲା ସାଧାରଣ ସମ୍ପାଦକ ଅଭିଷେକ ଆଚାର୍ଯ୍ୟ, ଦିଲ୍ଲୀପ ବେହେରା, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ମନ୍ଦାକିନୀ ପାତ୍ର, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରଶ୍ମିରଞ୍ଜନ ମୁଦୁଲି, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଉପେନ୍ଦ୍ର ଭଞ୍ଜ, ଜିଲ୍ଲା ମଣ୍ଡଳ ସଭାପତି ସନ୍ତୋଷ ଜେନା, ବନ୍ଦନା କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ ।

# ୨୩ତମ ଗୁରୁ ପ୍ରଣାମ ମହୋତ୍ସବ ପାଳିତ

ଭୁବନେଶ୍ୱର,୭/୧ (ନି.ପ୍ର): ମହର୍ଷି ଦୟାନନ୍ଦଙ୍କ ପ୍ରତିଷ୍ଠିତ ଆର୍ଯ୍ୟସମାଜର ସହଯୋଗୀ ଅନୁଷ୍ଠାନ ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ୨୩ତମ ଗୁରୁ ପ୍ରଣାମ ମହୋତ୍ସବ ଆଜି ସନ୍ଧ୍ୟାରେ ବୁଦ୍ଧମନ୍ଦିର ସଭାଗୃହରେ ଅନୁଷ୍ଠାନର ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ମହା ସମାରୋହରେ ପାଳିତ ହୋଇଯାଇଛି।

କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରି କହିଲେ ଯେ, ଗୁରୁ ପରମ୍ପରା ଭାରତୀୟ ସଂସ୍କୃତିର ଏକ ଅଭିନ୍ନ ଅଙ୍ଗ। ନୂତନ ଯୁବପିଢ଼ୀଙ୍କୁ ଭାରତୀୟ ସଂସ୍କୃତିରେ ଅନୁପ୍ରାଣିତ କରିବା ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ୍। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବାନନ୍ଦ ସନ୍ଥ ପରମ୍ପରାରର ସନ୍ଥ ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ କହିଲେ ଯେ, ଆମ ସଂସ୍କୃତିରେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସ୍ଥାନ ଦିଆଯାଇଛି। କିନ୍ତୁ ଆମେ ଆଜି ପାଶ୍ଚାତ୍ୟ ସଭ୍ୟତା ପଛରେ ଗୋଡ଼ାଉଛୁ। ଯାହା ଆମ ସମାଜ ପାଇଁ କ୍ଷତିକାରକ। ପରିବାରରେ ସଂସ୍କାର ହେଲେ ସମାଜର ପରିବର୍ତ୍ତନ ହେବ ବୋଲି ସ୍ୱାମିଜୀ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଅତିଥି ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ, ଆମ ଧର୍ମରେ ସମସ୍ତ କାର୍ଯ୍ୟକ୍ରମ ବିଜ୍ଞାନ ସମ୍ମତ। ବେଦରେ ୧୬ ସଂସ୍କାରର ଉଦାହରଣ ଦେଇ କହିଲେ ମୁଣ୍ଡନ ଠାରୁ କର୍ଣ୍ଣବେଧ ପର୍ଯ୍ୟନ୍ତ ସମସ୍ତ ସଂସ୍କାର ଶରୀରର ଆବଶ୍ୟକତା ପାଇଁ କରାଯାଇଛି। ଅନପ୍ରାସନ ସଂସ୍କାର ମଧ ବେଦ ସମ୍ମତ ବୋଲି ସ୍ୱାମିଜୀ କହିଥିଲେ। ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ କହିଲେ ଯେ, ଗୁରୁ ପୂଜନ ପାଇଁ ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ଦୀର୍ଘ ୨୩ବର୍ଷ ଧରି ଯେଉଁ ଅନନ୍ୟ ପରମ୍ପରାଟି ଆରମ୍ଭ କରିଛନ୍ତି, ଏହା ସମାଜକୁ ଏକ ନୂତନ ବାର୍ତ୍ତା ଦେଉଛି। ଆମ ସମାଜରେ ଆମେ ପିତାମାତାଙ୍କ ଠାରୁ ଆରମ୍ଭ କରି ଆଚାର୍ଯ୍ୟଙ୍କୁ ଗୁରୁରୂପେ ମାନ୍ୟତା ଦେଇଥାଉ। ମୁଖ୍ୟବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଭାରତୀୟ ସଂସ୍କୃତିରେ ଗୁରୁ ପରମ୍ପରା ଓ ଆଧୁନିକ ସମାଜରେ ଗୁରୁଙ୍କ କାର୍ଯ୍ୟ ଉପରେ ଏକ ବିଶ୍ଳେଷଣାତ୍ମକ ପ୍ରବଚନ ଦେଇଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପ୍ରାୟୋଜିତ ଭଜନ କାର୍ଯ୍ୟକ୍ରମରେ ଗୁରୁ ସୀତାଂଶୁ ରାଉତ ଶ୍ରୀମଦ୍ ବାବା ବଳିଆଙ୍କ ରଚିତ 'ହେ ଗୁରୁ ତୁମେ ମଙ୍ଗଳମୟ' ଭଜନ ଗାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ରୋଟାରିଆନ ଶାନ୍ତନୁ କୁମାର ପାଣି, ପାଲାଚାର୍ଯ୍ୟ ଯୁବ ଗାୟକ ସମ୍ରାଟ ନୃସିଂହ ଚରଣ ହୋତା ଓ କବୟତ୍ରୀ ଶ୍ରୀମତୀ ନମିତା କୁମାରୀ ପଣ୍ଡାଙ୍କୁ ଉତରୀୟ, ସମ୍ମାନ ଫଳକ ଓ ତୁଳସୀବୃକ୍ଷ ଦିଆଯାଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ, ସୁବାର୍ତ୍ତାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ପୂର୍ବତନ କୁଳପତି ନରେନ୍ଦ୍ର କୁମାର ମିଶ୍ର, ପ୍ରଫେସର ବ୍ରଜବନ୍ଧୁ ପଣ୍ଡା, ପ୍ରଫେସର ବୁଦ୍ଧଦେବ ମିଶ୍ର କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଶିକ୍ଷାବିତ୍ ବଦ୍ରୀନାଥ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ସୀତା ବଲ୍ଲଭ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପଣ୍ଡିତ ବିନୋଦ ବିହାରୀ ଦାସ, ବରୁଣରାଜ ଓ ଡଃ ମନୋଜ ଲେଙ୍କା ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଏକ ଶାନ୍ତିଯଜ୍ଞ ୟୁନିଟ୍-୯ସ୍ଥିତ ଆର୍ଯ୍ୟଭବନ ଠାରେ ଅନୁଷ୍ଠିତ ହୋଇଥିଲା।

## ଓପିଟିସିଏଲ୍‌ରେ ୬୦ ମ୍ୟାନେଜମେଣ୍ଟ ଟ୍ରେନି, ୧୭୫ ଜଣ ଜୁନିୟର ଟେକନିସିଆନଙ୍କୁ ନିଯୁକ୍ତି

ଭୁବନେଶ୍ୱର,୭/୧ (ନି.ପ୍ର): ଓଡିଶା ପାୱାର ଟ୍ରାନ୍ସମିସନ୍ କର୍ପୋରେସନ୍ ଲିମିଟେଡ୍ ବା ଓପିଟିସିଏଲରେ ୬୦ ଜଣ ମ୍ୟାନେଜମେଂଟ ଟ୍ରେନି ଏବଂ ୧୭୫ ଜଣ ଜୁନିୟର ଟେକନିସିଆନଙ୍କୁ ନିଯୁକ୍ତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଲୋକସେବା ଭବନର କନଭେନସନ୍ ସେଂଟରେ ଅନୁଷ୍ଠିତ ଓରିଏଂଟେସନ୍ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଶକ୍ତି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହେବାକୁ ଯାଉଛି । ଶକ୍ତି କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି । ଲୋକଙ୍କୁ ଯେପରି ୨୪ ଘଂଟା ବିଦ୍ୟୁତ ସେବା ମିଳିବ ସେଥିପାଇଁ ବ୍ୟବସ୍ଥା କରାଯାଉଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଶକ୍ତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ସୁଚିନ୍ତିତ ଯୋଜନା ଯୋଗୁ ଆଜି ଓଡ଼ିଶା ବିଦ୍ୟୁତ ବଳକା ରାଜ୍ୟ ପାଲଟିଛି । ରାଜ୍ୟରେ ୯୯ଟି ୩୩ କେଭି ସବଷ୍ଟେସନ ନିର୍ମାଣ ପାଇଁ ନିକଟରେ ୧୮୦୦ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି । ୨୦୧୦ ପରଠାରୁ ଓପିଟିସିଏଲରେ ୨ ହଜାରରୁ ଅଧିକ ଯୁବକ ଯୁବତୀଙ୍କୁ ରୋଜଗାର ମିଳିଛି ।

# ପକ୍କାଘର ମହାଦୁର୍ନୀତିର ସର୍ବଶ୍ରେଷ୍ଠ ଦୃଷ୍ଟାନ୍ତ ହେଉଛି ମାହାଙ୍ଗା ଡବଲ୍ ମର୍ଡର ଘଟଣା : ସମୀର ମହାନ୍ତି



ଭୁବନେଶ୍ୱର,୭/୧ (ନି.ପ୍ର): ଓଡିଶା ରାଜନୀତିରେ ମାହାଙ୍ଗା ଡବଲ୍ ମର୍ଡର ଏକ ପ୍ରମୁଖ ପ୍ରସଙ୍ଗ ହୋଇ ରହିଗଲା ଏବଂ ଏଭଳି ଜଘନ୍ୟ ହତ୍ୟାକାଣ୍ଡରେ ସଂପୃକ୍ତ ଦୋଷୀମାନେ ଆଜି ପର୍ଯ୍ୟନ୍ତ ଦଣ୍ଡ ପାଇଲେନାହିଁ। ଏହି ହତ୍ୟାକାଣ୍ଡରେ ସଂପୃକ୍ତ ତଥା ଏଫଆଇଆରରେ ଉଲ୍ଲେଖ ଥିବା ସତ୍ତ୍ୱେ ରାଜ୍ୟ ଆଇନମନ୍ତ୍ରୀଙ୍କ ବିରୁଦ୍ଧରେ ତଦନ୍ତ ପ୍ରକ୍ରିୟାକୁ ଗତିରୋଧ କରାଯାଇ ନ୍ୟାୟ ପ୍ରଦାନରେ ସଂପୂର୍ଣ୍ଣ ଅନ୍ୟାୟ କରାଯାଇଛି । ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମହାଦୁର୍ନୀତି ଏବଂ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ସର୍ବଶ୍ରେଷ୍ଠ ଦୃଷ୍ଟାନ୍ତ ହେଉଛି ମାହାଙ୍ଗା ଡବଲ୍ ମର୍ଡର ଘଟଣା ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ଆଜି ହତ୍ୟାକାଣ୍ଡର ଏକ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ସ୍ମୃତି ସଭାରେ ଯୋଗ ଦେଇ କହିଛନ୍ତି ।

ଦୁର୍ନୀତି ବିରୁଦ୍ଧରେ ଲଢେଇ କରି ନିଜ ପ୍ରାଣ ହରାଇଥିବା ସ୍ୱର୍ଗତଃ କୁଳମଣି ବରାଳ ଏବଂ ସ୍ୱର୍ଗତଃ ଦିବ୍ୟସିଂହ ବରାଳ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ । ବିଶେଷ ଭାବେ ଗରୀବ ଓ ବାସହରାମାନେ ସବୁଦିନ ପାଇଁ ତାଙ୍କ ବଳିଦାନକୁ ମନେ ରଖିବେ । ଆଗାମୀ ପଂଚାୟତ ନିର୍ବାଚନରେ ଦୁର୍ନୀତି ଏବଂ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ନିଶ୍ଚିତ ଭାବେ ଏକ ପ୍ରମୁଖ ପ୍ରସଙ୍ଗ ହେବ ଏବଂ ରାଜ୍ୟ ସରକାର ଏହାର ଜବାବ୍ ଦେବା ଉଚିତ୍ । ଦୋଷୀ ଯେତେ ଦିନ ପର୍ଯ୍ୟନ୍ତ ଦଣ୍ଡ ନପାଇଛି ଏହା ନିଶ୍ଚିତ ରୂପେ ଏକ ପ୍ରମୁଖ ପ୍ରସଙ୍ଗ ହୋଇରହିବ ଏବଂ ଏହି ପ୍ରସଙ୍ଗରେ ଓଡିଶାବାସୀ ରାଜ୍ୟ ସରକାରଙ୍କୁ ପ୍ରଶ୍ନ ପଚାରୁଥିବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି । କଟକ ଜିଲ୍ଲା ମାହାଙ୍ଗା ଅନ୍ତର୍ଗତ ନୃତଙ୍ଗଠାରେ ଅନୁଷ୍ଠିତ ସ୍ମୃତି ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନଫରେନ୍ସ ମାଧମରେ ଯୋଗ ଦେଇଥିଲେ । ନୃତଙ୍ଗ ଗାଁ ମୁଣ୍ଡରେ ପ୍ରତିଷ୍ଠିତ ସ୍ୱର୍ଗତଃ କୁଳମଣି ବରାଳ ଏବଂ ଦିବ୍ୟସିଂହ ବରାଳଙ୍କ ପ୍ରତିମୂର୍ତ୍ତିକୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଉନ୍ମୋଚିତ କରିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

ଏହି ସ୍ମୃତି ସଭାରେ ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡା, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ରାଜ୍ୟ ସଂପାଦକ ଅମର ନାଏକ, ଜିଲ୍ଲା ସଭାପତି ପ୍ରକାଶ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶାରଦା ପ୍ରଧାନ, ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ଯାଜ୍ଞସେନୀ ଜେନା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

# ରାଜ୍ୟରେ ଦୁଇହଜାର ଟପିଲା କରୋନା ସଂକ୍ରମଣ

ଭୁବନେଶ୍ୱର,୭/୧ (ନି.ପ୍ର): ଗତ ୨୪ ଘଣ୍ଟା ମଧରେ ରାଜ୍ୟରେ ୨୭୦୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୫୭୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୧୧୨୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୪୦୯ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୨୬ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୭ ଜଣ, ବାଲେଶ୍ୱର ଜିଲ୍ଲାରୁ ୭୩ ଜଣ, ବରଗଡ଼ରୁ ୭୫ ଜଣ, ଭଦ୍ରକରୁ ୫ ଜଣ, ବଲାଙ୍ଗୀରୁ ୫୪ ଜଣ, ବୌଦ୍ଧରୁ ୭ ଜଣ, କଟକରୁ ୧୯୧ ଜଣ, ଦେବଗଡ଼ରୁ ୩୭ ଜଣ, ଢେଙ୍କାନାଳରୁ ୩ ଜଣ, ଗଞ୍ଜାମରୁ ୨୭ ଜଣ, ଗଜପତିରୁ ୯ ଜଣ, ଜଗତସିଂହପୁରରୁ ୧୩ ଜଣ, ଯାଜପୁରରୁ ୭୮ ଜଣ, ଝାରସୁଗୁଡ଼ାରୁ ୧୦୬ ଜଣ, କଳାହାଣ୍ଡିରୁ ୧୩ ଜଣ, କନ୍ଧମାଳରୁ ୩ ଜଣ, କେନ୍ଦ୍ରାପଡ଼ାରୁ ୬ ଜଣ, କେନ୍ଦୁଝରରୁ ୩୩ ଜଣ, ଖୋର୍ଦ୍ଧାରୁ ୯୨୬ ଜଣ, କୋରାପୁଟରୁ ୧୯ ଜଣ, ମାଲକାନଗିରିରୁ ୧ ଜଣ, ମୟୂରଭଞ୍ଜରୁ ୪୨ ଜଣ, ନବରଙ୍ଗପୁରରୁ ୨୯ ଜଣ, ନୟାଗଡ଼ରୁ ୬ ଜଣ, ନୂଆପଡ଼ାରୁ ୧୦ ଜଣ, ପୁରୀରୁ ୫୪ ଜଣ, ରାୟଗଡ଼ାରୁ ୨୨ ଜଣ, ସମ୍ବଲପୁରରୁ ୧୭୯ ଜଣ, ସୋନପୁରରୁ ୧୦ ଜଣ, ସୁନ୍ଦରଗଡ଼ରୁ ୪୫୪ ଜଣ ଓ ଷ୍ଟେଟ ପୁଲରୁ ୨୧୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୬୨ ହଜାର ୪୭୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ଭିତରୁ ୧୦ ଲକ୍ଷ ୪୫ ହଜାର ୭୧୮ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୮ ହଜାର ୨୩୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି। ସୂଚନାଯୋଗ୍ୟ, ଗତକାଲି ୧୮୯୭ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ, ଜାନୁଆରି ୫ ରେ ୧୨୧୬, ଜାନୁଆରି ୪ ରେ ୬୮୦, ଜାନୁଆରି ୩ ରେ ୪୨୪, ଜାନୁଆରି ୨ରେ ୪୨୪, ଜାନୁଆରି ୧ରେ ୨୯୮, ଡିସେମ୍ବର ୩୧ରେ ୨୨୮, ଡିସେମ୍ବର ୩୦ରେ ୨୨୫, ଡିସେମ୍ବର ୨୯ରେ ୨୨୧ ଓ ଡିସେମ୍ବର ୨୮ରେ ୧୫୬ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ।

# ରିଲାଏନ୍ସ ରିଟେଲ୍ ପକ୍ଷରୁ ଡଞ୍ଜୋରେ ୨୦ କୋଟି ଡଲାରର ନିବେଶ

ଭୁବନେଶ୍ୱର,୭/୧ (ନି.ପ୍ର): ଜଣାଶୁଣା ଉଦ୍ୟୋଗପତି ମୁକେଶ ଅମ୍ବାନିଙ୍କ କଂପାନି ରିଲାଏନ୍ସ ରିଟେଲ୍ ପକ୍ଷରୁ ଭାରତର ପ୍ରମୁଖ କ୍ୱିକ୍ କମର୍ସ କଂପାନି ଡଞ୍ଜୋରେ ୨୦ କୋଟି ଡଲାର ନିବେଶ କରାଯାଇଥିବା ବିଷୟରେ ଘୋଷଣା କରାଯାଇଛି । ଏହି ନିବେଶ ଦ୍ୱାରା ରିଟେଲ୍ କ୍ଷେତ୍ରରେ ରିଲାଏନ୍ସ ରିଟେଲ୍‌ର ସ୍ଥିତି ଆହୁରି ଦୃଢ଼ ହେବ । ଏହି ନିବେଶ ଜରିଆରେ ଡଞ୍ଜୋର ୨୫.୮ ପ୍ରତିଶତ ଅଂଶଧନର ମାଲିକାନା ହାସଲ କରିଛି ରିଲାଏନ୍ସ ରିଟେଲ୍ । ଡଞ୍ଜୋକୁ ବିଭିନ୍ନ ସଂସ୍ଥାରୁ ମୋଟ ୨୪ କୋଟି ଡଲାରର ନିବେଶ ରାଶି ମିଳିଛି । ହାସଲ କରିଥିବା ପାଣ୍ଠିକୁ ବ୍ୟବହାର କରି ଡଞ୍ଜୋ ପକ୍ଷରୁ ଛୋଟ ଆକୃତିର ଗୋଦାମଗୁଡ଼ିକୁ ନେଇ ଏକ ନେଟୱର୍କ ବିକଶିତ କରାଯିବ ଯେଉଁଥିରେ ତତ୍କାଳ ଡେଲିଭରି ପାଇଁ ସାମଗ୍ରୀଗୁଡ଼ିକୁ ରଖାଯିବ । ଏହା ସହିତ ବି୨ବି ନେଟୱର୍କର ସମ୍ପ୍ରସାରଣ କରିବା ଉପରେ ମଧ କଂପାନି ଗୁରୁତ୍ୱ ଦେବ । କଂପାନିର ସେବା ଏହବ ୭ଟି ମେଟ୍ରୋ ସହରରେ ଉପଲବ୍ଧ ହେଉଛି ଯାହା ଖୁବଶୀଘ୍ର ୧୫ଟି ସହରକୁ ସମ୍ପ୍ରସାରିତ କରାଯିବ । କ୍ୱିକ୍ କମର୍ସ କ୍ଷେତ୍ରର ଆକାର ୫୦ ବିଲିଅନ ଆମେରିକୀୟ ଡଲାର ହୋଇଥିବା ବେଳେ ଡଞ୍ଜୋ ହେଉଛି ସେହି ବଜାରର ଅଗ୍ରଣୀ ସଂସ୍ଥା । ନିକଟରେ କଂପାନି ବାଙ୍ଗାଲୋରରେ ଏହାର ସେବା ଆରମ୍ଭ କରିଥିଲା । ୧୫-୨୦ ମିନିଟ୍ ଭିତରେ ଫଳ ଓ ପନିପରିବା ହୋମ୍ ଡେଲିଭରି କରିବା ଉପରେ କଂପାନି ଗୁରୁତ୍ୱାରୋପ କରୁଛି ।

ପାଣ୍ଠି ପ୍ରଦାନ ବ୍ୟତୀତ ଡଞ୍ଜୋ ଓ ରିଲାଏନ୍ସ ପରସ୍ପର ସହିତ ଆଉ କିଛି ବ୍ୟାବସାୟିକ ବୁଝାମଣା ମଧ କରିବେ । ରିଲାଏନ୍ସ ରିଟେଲ୍ ଦ୍ୱାରା ପରିଚାଳିତ ହେଉଥିବା ରିଟେଲ୍ ଷ୍ଟୋର୍ ପାଇଁ ଡଞ୍ଜୋ ପକ୍ଷରୁ ହାଇପର ଲୋକାଲ ଲଜିଷ୍ଟିକ୍ସ ସୁବିଧା ପ୍ରଦାନ କରାଯିବ ଏବଂ ଏହା ସହିତ ଜିଓ ମାର୍ଟର ମର୍ଚ୍ଚାଂଟ୍ ନେଟୱର୍କ ପାଇଁ ଦୂରଦୂରାନ୍ତ ବା ଶେଷ ଦୂରତା ପର୍ଯ୍ୟନ୍ତ ଡେଲିଭରି ସୁବିଧା ପ୍ରଦାନ କରାଯିବ ।

ଏହି ନିବେଶ ବିଷୟରେ ରିଲାଏନ୍ସ ରିଟେଲ୍‌ର ନିର୍ଦ୍ଦେଶିକା ଇଶା ଅମ୍ବାନି କହିଛନ୍ତି ଯେ, "ଅନଲାଇନ୍ ଉପଯୋଗିତା କ୍ଷେତ୍ରରେ ପରିବର୍ତ୍ତନ ହେଉଥିବା ଆମେ ଦେଖିପାରୁଛୁ ଏବଂ ଏହି କ୍ଷେତ୍ରରେ ଡଞ୍ଜୋ ଅତ୍ୟନ୍ତ ପ୍ରଭାବିତ କରିଛି । ଡଞ୍ଜୋ ସହିତ ହୋଇଥିବା ବୁଝାମଣା ଜରିଆରେ ଆମେ ରିଲାଏନ୍ସ ରିଟେଲ୍ ଉପଭୋକ୍ତାମାନଙ୍କୁ ଅଧିକ ସୁବିଧା ଦେଇପାରିବୁ ଏବଂ ରିଲାଏନ୍ସ ରିଟେଲ୍ ଷ୍ଟୋରଗୁଡ଼ିକରୁ ଉତ୍ପାଦକୁ ଦ୍ରୁତ ଗତିରେ ଡେଲିଭରି ଦେଇ ଗ୍ରାହକଙ୍କୁ ନୂଆ ଅନୁଭୂତି ପ୍ରଦାନ କରିବ । ଆମ ସହିତ ଯୋଡ଼ି ହୋଇଥିବା ବ୍ୟବସାୟୀମାନଙ୍କୁ ମଧ ଡଞ୍ଜୋର ହାଇପର୍ ଲୋହାଲ୍ ଡେଲିଭରି ନେଟୱର୍କର ଲାଭ ମିଳିବ ।''

ଡଞ୍ଜୋର ସିଇଓ ଓ ସହ ପ୍ରତିଷ୍ଠାତା କବୀର ବିଶ୍ୱାସ କହିଛନ୍ତି ଯେ, "ଆମର ପ୍ରତିଷ୍ଠା ହେବା ପରଠାରୁ ଗ୍ରାହକମାନଙ୍କୁ ଏକ ଉତ୍କୃଷ୍ଟ ଅନୁଭବ ପ୍ରଦାନ କରିବା ଲାଗି ଆମେ ଉଦ୍ୟମ କରୁଅଛୁ ଏବଂ ଏହି ପାଣ୍ଠି ହାସଲ ପର୍ଯ୍ୟାୟ ବା ଫଣ୍ଡିଂ ରାଉଣ୍ଡ୍ ଆମର ଦୃଷ୍ଟିକୋଣ ପ୍ରତି ଏକ ସୁନ୍ଦର ମାନ୍ୟତା । ରିଲାଏନ୍ସ ରିଟେଲ୍‌ର ଏହି ନିବେଶ ସହିତ ଆମ ପାଖରେ ଏକ ଦୀର୍ଘମିଆଦୀ ବୁଝାମଣା ରହିବ ଯାହା ସହିତ ଆମେ ଦ୍ରୁତ ଗତିରେ ଅଭିବୃଦ୍ଧି ହାସଲ କରିପାରିବୁ ।

# ରାଜ୍ୟର ୯୧ ପ୍ରତିଶତ ଲୋକଙ୍କୁ ପ୍ରଥମ ଡୋଜ୍ ଦିଆଯାଇଛି : ପରିବାର କଲ୍ୟାଣ ନିର୍ଦ୍ଦେଶକ

ଭୁବନେଶ୍ୱର,୭/୧ (ନି.ପ୍ର): ରାଜ୍ୟରେ ଏବେ ୩୪୫୩ ଟିକାକରଣ କେନ୍ଦ୍ରରେ ଟିକାକରଣ ଚାଲିଛି। ସେଥିରୁ ୧୧୯୧ଟି ଟୀକାକରଣ କେନ୍ଦ୍ରରେ ୧୫ରୁ ୧୮ବର୍ଷର କିଶୋରଙ୍କୁ ଟିକା ଦିଆଯାଉଛି। ଏ ବର୍ଗର ୩ ଲକ୍ଷ ୪୨ ହଜାର ୩୩୨ ଜଣଙ୍କୁ ଟିକା ଦିଆଯାଇଛି। ଏନେଇ ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ।

ସେ କହିଛନ୍ତି, ଏହା ଭିତରେ ପ୍ରଥମ ଡୋଜ ୯୧ପ୍ରତିଶତ ଲୋକଙ୍କୁ ଦିଆଯାଇଛି। ସେଥିମଧ୍ୟରୁ ଦ୍ୱିତୀୟ ଡୋଜ ନେବା ପାଇଁ ସମୟ ହୋଇଥିବା ଲୋକଙ୍କ ମଧ୍ୟରୁ ୯୦ ପ୍ରତିଶତ ଲୋକ ନେଇ ସାରିଛନ୍ତି। ଆସନ୍ତା ୧୦ ତାରିଖରେ ଆରମ୍ଭ ହେବ ପ୍ରିକସନ ଡୋଜ। ସମ୍ମୁଖ ଯୋଦ୍ଧା, ବିଭିନ୍ନ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ପ୍ରିକସନ ଡୋଜ ଦିଆଯିବ। ଯିଏ ଯେଉଁ ଡୋଜ ନେଇଥିବ, ସିଏ ସେହି ଟିକା ନେବ। ଚାରିଆଡେ କରୋନା ବଢୁଛି। ସମସ୍ତଙ୍କୁ ପରାମର୍ଶ ସମସ୍ତେ କୋଭିଡ ନିୟମ ମାନି ଚାଲନ୍ତୁ। ସୂଚନାଯୋଗ୍ୟ, ଗତ ୨୪ ଘଣ୍ଟା ମଧରେ ରାଜ୍ୟରେ ୨୭୦୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୫୭୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୧୧୨୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୪୦୯ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୨୬ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

# ଟିକା ନେଲେଣି ୨ ଲକ୍ଷ ୬୪ ହଜାର କିଶୋର

ଭୁବନେଶ୍ୱର,୭/୧ (ନି.ପ୍ର): ଗତକାଲି ୧୧୨୫ଟି ସ୍ୱତନ୍ତ୍ର ଟିକାକରଣ କେନ୍ଦ୍ରରେ ୧୫ରୁ ୧୮ବର୍ଷ ବୟସ ବର୍ଗଙ୍କୁ ଟିକା ଦିଆଯାଇଛି। ଗୋଟିଏ ଦିନରେ ୮୦ ହଜାରରୁ ଊର୍ଦ୍ଧ୍ୱ କିଶୋର ଟିକା ନେଇଥିଲେ। ଏହାକୁ ମିଶାଇ ମୋଟ ୨ ଲକ୍ଷ ୬୪ ହଜାର କିଶୋରଙ୍କର ଟିକାକରଣ କରାଯାଇଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବୟସ୍କ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ କେଉଁ ଟିକାର ବୁଷ୍ଟର ଡୋଜ ଦିଆଯିବ, ସେନେଇ ଏଯାଏଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ଲିଖିତ ଚିଠି ଆସିନି। ତେବେ ଯେଉଁମାନେ ଦୁଇ ଡୋଜ ଟିକା ନେଇଛନ୍ତି, ସେମାନେ ବୁଷ୍ଟର ଡୋଜ ଲାଗି ନିଜର ମୋବାଇଲ ନମ୍ବର ଦେବା ପରେ ପୁରୁଣା ତଥ୍ୟ ଆସିବା ପରେ ବୁଷ୍ଟର ଡୋଜ ନେଇପାରିବେ। ଏଯାଏ ରାଜ୍ୟରେ ୨୭ ଲକ୍ଷ ଲୋକ ପ୍ରଥମ ଡୋଜ ନେଇନାହାନ୍ତି। ସେହିଭଳି ୨୬ ଲକ୍ଷ ଲୋକ ପ୍ରଥମ ଡୋଜ ନେବା ପରେ ଦ୍ୱିତୀୟ ଡୋଜ ନେଇନାହାନ୍ତି।

# କୋଭିଡ୍ ମୁକାବିଲା ପାଇଁ ପ୍ରସ୍ତୁତି ଜୋରଦାର : ୭ଦିନ ଭିତରେ ସବୁ ହସ୍ପିଟାଲ ପ୍ରସ୍ତୁତ ହେବ

ଭୁବନେଶ୍ୱର ,୭/୧ (ନି.ପ୍ର): ରାଜ୍ୟରେ ଦୈନିକ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦୁଇ ହଜାର ମୁହାଁ ହେବା ପରେ ରାଜ୍ୟ ସରକାର କୋଭିଡ ମୁକାବିଲା ନେଇ ଜୋରଦାର ପ୍ରସ୍ତୁତି କରିଛନ୍ତି। ଆଜି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରସ୍ତୁତିର ସମୀକ୍ଷା କରି ନିର୍ଦ୍ଦେଶ ଦେଇଛନ୍ତି ଯେ, ୭ଦିନ ମଧ୍ୟରେ ସମସ୍ତ ସରକାରୀ ଓ ଘରୋଇ ହସ୍ପିଟାଲରେ ଶଯ୍ୟା, ଆଇସିୟୁ, ଆମ୍ବୁଲାନ୍ସ, ତାଲିମପ୍ରାପ୍ତ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ ସହାୟକ ଷ୍ଟାଫ୍‌ମାନଙ୍କୁ ମୁତୟନ କରାଯିବ। ଏନେଇ ସମସ୍ତ ଜିଲ୍ଲାପାଳ, ପୌର କମିସନର, ସରକାରୀ ଓ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ଆବଶ୍ୟକୀୟ ପଦକ୍ଷେପ ନେବେ। ଗୁରୁବାର ଦିନ ଲୋକସେବା ଭବନରୁ ମୁଖ୍ୟ ସଚିବ ଡିଜିଟାଲ ମୋଡରେ ଜିଲ୍ଲାପାଳ, ପୌରସଂସ୍ଥା କର୍ତ୍ତୃପକ୍ଷ, ସରକାରୀ ଓ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ଜିଲ୍ଲା, ପୌରାଞ୍ଚଳ ସମେତ ରାଜ୍ୟ ସ୍ତରରେ ନିର୍ଦ୍ଧାରିତ ପ୍ରୋଟକଲ୍ ଅନୁଯାୟୀ ରାପିଡ୍ ରେସ୍ପନ୍ସ ଟିମ୍, କଲ୍ ସେଣ୍ଟର, ନିୟନ୍ତ୍ରଣ କକ୍ଷ, ଆମ୍ବୁଲାନ୍ସ ଆଦି ଠିକ୍ ଭାବେ ନିୟୋଜିତ କରିବା ସହ ତୁରନ୍ତ ଟେଷ୍ଟିଂ, ଟ୍ରାକିଂ ଏବଂ ଚିକିତ୍ସା ନିମନ୍ତେ ସମୁଦାୟ ବ୍ୟବସ୍ଥାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ। ବିଭିନ୍ନ ଦେଶ ଓ ରାଜ୍ୟରେ ତୃତୀୟ ଲହରର ସଂକ୍ରମଣ ହାର ଅଧିକ ଥିବାରୁ ଆମ ରାଜ୍ୟରେ ବି ସମ୍ଭାବ୍ୟ ତୃତୀୟ ଲହର ମୁକାବିଲା ନିମନ୍ତେ ଅଧିକ ମାତ୍ରାରେ ପ୍ରସ୍ତୁତ ରହିବାକୁ ହେବ। ଏଥିପାଇଁ ଆବଶ୍ୟକୀୟ ଔଷଧ, ପରୀକ୍ଷା ଉପକରଣ, ଚିକିତ୍ସା ସରଞ୍ଜାମ, ଅକ୍ସିଜେନ୍ ଆଦି ଆଗୁଆ ମହଜୁଦ୍ ରଖିବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଘରୋଇ ହସ୍ପିଟାଲ୍, ସରକାରୀ ଓ ବେସରକାରୀ ନିଗମ ଏବଂ ପୌରାଞ୍ଚଳଗୁଡ଼ିକ ମଧ୍ୟରେ ସମନ୍ୱିତ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକୀୟ ସଦ୍ୟତନ ଗାଇଡଲାଇନ୍ ପଠାଇବା ନିମନ୍ତେ ମୁଖ୍ୟ ସଚିବ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ କୁହାଯାଇଛି। ଏହି ବୈଠକରେ ସମ୍, କିମ୍ସ, ହାଇଟେକ୍, ଆଦିତ୍ୟ-ଅଶ୍ୱିନୀ ଆଦି ବଡ଼ ବଡ଼ ହସ୍ପିଟାଲର ଅଧିକାରୀମାନେ ଯୋଗଦେଇ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ କେଉଁ କେଉଁ ସ୍ଥାନରେ ସେମାନେ ତୁରନ୍ତ ହସ୍ପିଟାଲ୍ କାର୍ଯ୍ୟକ୍ଷମ କରିପାରିବେ ତାହା ଜଣାଇଥିଲେ। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଭୁବନେଶ୍ୱର, କଟକ, ବ୍ରହ୍ମପୁର, ଅନୁଗୁଳ, ତାଳଚେର, ପୁରୀ, ଗଞ୍ଜାମ, ସମ୍ବଲପୁର, ଯାଜପୁର, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, ବାରିପଦା, ବଲାଙ୍ଗିର, କନ୍ଧମାଳ, ରାଉରକେଲା, ଗଜପତି ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ୍ ଖୋଲିବ। ଏହା ଛଡ଼ା ସମସ୍ତ ସରକାରୀ ହସ୍ପିଟାଲରେ କୋଭିଡ୍ ଚିକିତ୍ସାର ବ୍ୟବସ୍ଥା ରହିବ। ଆକ୍ରାନ୍ତମାନଙ୍କୁ ସରକାରୀ ଖର୍ଚ୍ଚରେ ପରୀକ୍ଷା, ଆମ୍ବୁଲାନ୍ସ ସେବା ଓ ଚିକିତ୍ସା ଆଦି ଯୋଗାଇ ଦିଆଯିବ। ଏଥିପାଇଁ ରୋଗୀମାନଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମା ବୈଠକରେ କହିଥିଲେ ଯେ, କୋଭିଡ୍‌ର ଦ୍ୱିତୀୟ ଲହରରେ ସମୁଦାୟ ୫୫ଟି ସ୍ୱତନ୍ତ୍ର କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ କରୁଥିଲା । ଏହାବାଦ୍ ସରକାରୀ ହସ୍ପିଟାଲ୍ ଗୁଡ଼ିକରେ କୋଭିଡ୍ ଚିକିତ୍ସାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଦ୍ୱିତୀୟ ଲହର ସମୟରେ ଅସ୍ଥାୟୀ ମେଡିକାଲ୍ କେନ୍ଦ୍ର, କୋଭିଡ୍ କେୟାର କେନ୍ଦ୍ର, ସ୍ୱତନ୍ତ୍ର କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ଆଦିରେ ପ୍ରାୟ ୯୪,୦୦୦ ବେଡ୍ ପ୍ରସ୍ତୁତ ରଖାଯାଇଥିଲା। ଆଇସିୟୁ ଏବଂ ଏଚ୍‌ଡିୟୁ ଗୁଡ଼ିକରେ ପ୍ରାୟ ୩୫୦୦ ବେଡ୍ ପ୍ରସ୍ତୁତ କରାଯାଇଥିଲା। ୧୧୦୨ଟି ଭେଣ୍ଟିଲେଟର କାର୍ଯ୍ୟକ୍ଷମ ହୋଇଥିଲା।

# ବାଲିଆପାଳରେ ପେଟ୍ରୋକେମିକାଲ୍ସ ପ୍ରକଳ୍ପ ହେବ ନାହିଁ : ଗଣଶିକ୍ଷା ମନ୍ତ୍ରୀ



ବାଲିଆପାଳ, ୦୭/୦୧ (ନି.ପ୍ର): ବାଲିଆପାଳରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦରକୁ ଲାଗି ୫ ଟି ପଂଚାୟତରେ ୩୪୨୦ ଏକର ଜମିରେ ଏକ ପେଟ୍ରୋକେମିକାଲ୍ସ ପ୍ରକଳ୍ପ ହେବାର ଘୋଷଣା ସରକାର କରିଥିଲେ । ଏଥିପାଇଁ ବାଲିଆପାଳ ତହସିଲରେ ଜନଶୁଣାଣି ମଧ୍ୟ ଆରମ୍ଭ ହୋଇଥିଲା । ତେବେ ଏହି ପ୍ରକଳ୍ପକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେବା ସହିତ ବିରୋଧୀ ଦଳର ବହୁ ନେତା ଏହି ଅଂଚଳକୁ ଆସି ପ୍ରକଳ୍ପ ବିରୋଧରେ ଲୋକଙ୍କୁ ଆନ୍ଦୋଳନ ପାଇଁ ମତାଉଥିଲେ । ଫଳରେ ଏହି ଅଂଚଳରେ ଲୋକଙ୍କ ମଧ୍ୟରେ ସରକାର ବିରୋଧୀ ବାତାବରଣ ଦିନକୁ ଦିନ ତୀବ୍ର ହେଉଥିଲା । ଆଗାମି ପଂଚାୟତ ନିର୍ବାଚନରେ ଏହାର ପ୍ରଭାବ ପଡିବାର ଆଶଙ୍କା ଥିବାରୁ ଶାସକ ଦଳ ପକ୍ଷରୁ ଆଜି ନୂଆଗାଁ ପଂଚାୟତର ଜମୁନାଶୁଳ ଠାରେ ରାଜ୍ୟ ସରକାରଙ୍କ ଗଣଶିକ୍ଷା ମନ୍ତ୍ରୀ ସମିର ଦାସ ଏବଂ ପୂର୍ବତନ ମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପ ଦେବ ଲୋକଙ୍କ ସ୍ୱାର୍ଥ ବିରୋଧୀ ଏଭଳି ପ୍ରକଳ୍ପ ଏହି ଅଂଚଳରେ କରିବାକୁ ଦିଆଯିବ ନାହିଁ ବୋଲି ଘୋଷଣା କରିଥିଲେ । ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ସାଂସଦ ଇଂ ରବିନ୍ଦ୍ର ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବିଶାଳ ଜନ ସଭାରେ ମନ୍ତ୍ରୀ ଶ୍ରୀ ଦାସ କହିଥିଲେ ଯେ କୌଣସି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରିବନାକୁ ହେଲେ ଜମି ମାଲିକଙ୍କର ସୀକୃତି ଆବଶ୍ୟକ । ସରକାର ଜୋରଜବରଦସ୍ତ ଲୋକଙ୍କ ଜମି ଅଧିଗ୍ରହଣ କରିପାରିବେ ନାହିଁ । ଏଠାରେ ଲୋକ ନଚାହିଁବା ପର୍ଯ୍ୟନ୍ତ ଏଭଳି ପ୍ରକଳ୍ପ ହୋଇପାରିବ ନାହିଁ । ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ସେ ଏଥିପାଇଁ ସବୁଜ ସଙ୍କେତ ପାଇଥିବା କହିଥିଲେ । ଅନ୍ୟପକ୍ଷରେ ସୁବର୍ଣ୍ଣରେଖା ବନ୍ଦର ପାଇଁ ମୁଖ୍ୟମନ୍ତ୍ରୀ ୨୦୧୯ରେ ଶିଳାନ୍ୟାସ କରିଛନ୍ତି ତାହା ନିଶ୍ଚିତ ହେବ ବୋଲି ମନ୍ତ୍ରୀ କହିଥିଲେ । ମନ୍ତ୍ରୀ ଆହୁରି କହିଥିଲେ ଯେ ୧୯୮୬-୮୭ରେ ଅଖିଳ ଭାରତୀୟ ଛାତ୍ର ସଂଘର ରାଜ୍ୟ ସଭାପତି ଭାବେ ସେ ଏ ଅଂଚଳକୁ ଆସି କ୍ଷେପଣାସ୍ତ୍ର ଘାଟି ବିରୋଧୀ ଆନ୍ଦୋଳନରେ ଲୋକଙ୍କ ସହିତ ସାମିଲ ହୋଇଥିଲେ । ସେତେବେଳେ ଏଠାକାର ଲୋକଙ୍କର ଏକତାକୁ ସେ ସ୍ୱଚକ୍ଷୁରେ ଦେଖିଛନ୍ତି । ଏବେ ମଧ୍ୟ ଲୋକେ ସେହିଭଳି ଏକତାବଦ୍ଧ ହୋଇ ବିଭ୍ରାନ୍ତିକର ବିବୃତି ଦେଉଥିବା ବିରୋଧୀ ଦଳକୁ ଉଚିତ ଜବାବ ଦିଅନ୍ତୁ ବୋଲି ମନ୍ତ୍ରୀ କହିଥିଲେ । ପୂର୍ବତନ ମନ୍ତ୍ରୀ ପ୍ରତାପ ଦେବ କହିଥିଲେ ଯେ ପ୍ରତିରକ୍ଷା ସର୍ମକିତ ପ୍ରକଳ୍ପ ବ୍ୟତିତ ଅନ୍ୟ କୌଣସି ପ୍ରକଳ୍ପ ପାଇଁ ସରକାର କାହାକୁ ବିସ୍ଥାପିତ କରି ପାରିବେ ନାହିଁ କିମ୍ବା ଜୋରଜବରଦସ୍ତ କାହାରି ଜମି ନେଇ ପାରିବେ ନାହିଁ । ଅତିତରେ ଅମେ ଆପଣ ମାନଙ୍କ ସହିତ ଥିଲୁ ଏଥର ମଧ୍ୟ ରହିବୁ ଏବଂ ଭବିଷ୍ୟତରେ ମଧ୍ୟ ରହିବୁ ବୋଲି ଶ୍ରୀ ଦେବ କହିଥିଲେ । ଜିଲ୍ଲା ବିଜେଡି ସଭାପତି ପୂର୍ବତନ ସାସଂଦ ଇଂ ରବିନ୍ଦ୍ର ଜେନା ଏହି ବୈଠକରେ ଅଧକ୍ଷତା କରି ପେଟ୍ରୋକେମିକାଲସ ପ୍ରକଳ୍ପ ହେବାର ନାହିଁ ।ଲୋକଙ୍କ ସହ କେବ ନଥିବା ବିରୋଧୀ କଂଗ୍ରସ କେବଳ ରାଜନୈତିକ ଫାଇଦା ନେବା ପାଇଁ ଲୋକଙ୍କୁ ବିଭ୍ରାନ୍ତି କରୁଦା କହିଥିଲେ ।ତେବେ ଲୋଙକୁ କହାରି ବିସ୍ଥାପିତ ନରି ସମୁଦ୍ର ମଧ୍ୟରେ ବନ୍ଦର ହେବ ।ଏହି ବନ୍ଦର ରେ ସ୍ଥାନୀୟ ଅଂଚଳର ପ୍ରତ୍ୟେକ ପରିବାରର ଜଣକୁ ଚାକିରୀ ଦିଆଯିବ ବୋଲି ପ୍ରତିଶରି ଦେଇଥିଲେ । ସେହିପରି ବନ୍ଦରର ରେଳପଥ ଓ ସଡକ ପଥ ପାଇଁ ଲୋକଙ୍କୁ ଜମିର ଉଚିତ ମୂଲ୍ୟ ଦେବା ସହିତ ବନ୍ଦରରେ ଚାକିରି ଦେବା ନାମରେ ଯେଉଁମାନେ ପିଲାଙ୍କଠାରୁ ଅର୍ଥ ଆଦାୟ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ରାଜ୍ୟ ବିଜେଡି ମହିଳା କାର୍ଯ୍ୟକାରି ସଭାନେତ୍ରୀ ସୁବାସିନି ଜେନା, ପଂଚାୟତ ନିର୍ବାଚନ ଜିଲ୍ଲା ସହପ୍ରଭାରି ରଣଜିତ କୁମାର ପାତ୍ର, ବିଜେଡି ବ୍ଲକ ସଭାପତି ଗୋବିନ୍ଦପ୍ରସାଦ ଦାସ ,ଚକ୍ରଧର ଗିରି ପ୍ରମୁଖ ଉଦବୋଦନ ଦେଇ ବିରୋଧୀ ଦଳଙ୍କ ବିଭ୍ରାନ୍ତିକର ମନ୍ତବ୍ୟକୁ ପ୍ରତ୍ୟାକ୍ଷାନ କରିବାକୁ ଲୋକଙ୍କୁ ଆହ୍ୱାନ ଜଣାଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ....

ତଦନ୍ତ ପାଇଁ ମଧ ତିନି ଜଣିଆ ପ୍ୟାନେଲ୍ ଗଠନ କରାଯାଇଛି । ଘଟଣାକୁ ନେଇ ରାଜନୈତିକ ଝଡ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ବଡ ତ୍ରୁଟି ହୋଇଥିବାରୁ ପଂଜାବ ସରକାର ଓ କଂଗ୍ରେସକୁ ଟାର୍ଗେଟ କରି ଆସୁଛି ବିଜେପି । କଂଗ୍ରେସ ଜାଣିଶୁଣି ଏଭଳି ଷଡଯନ୍ତ୍ର କରିଥିବା ଅଭିଯୋଗ କରି ଆସୁଛି ବିଜେପି । ଆଉ ବିଜେପିର ଏହି ଅଭିଯୋଗକୁ ନେଇ ଜବାବ ରଖିଛନ୍ତି ପଂଜାବ ମୁଖ୍ୟମନ୍ତ୍ରୀ । ଜାତୀୟ ଗଣମାଧମକୁ ସାକ୍ଷାତକାର ଦେବା ସମୟରେ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂହ ଚନ୍ନି କହିଛନ୍ତି, " ପ୍ରଧାନମନ୍ତ୍ରୀ ଦେଶର ଜଣେ ସମ୍ମାନୀୟ ବ୍ୟକ୍ତି, ତାଙ୍କୁ ଏଭଳି ନାଟକ କରିବା ଶୋଭା ପାଉନି । ପ୍ରଧାନମନ୍ତ୍ରୀଙ୍କ ଜୀବନ ପ୍ରତି କୌଣସି ବିପଦ ନଥିଲା ବରଂ ଫିରୋଜପୁର ର୍ଯାଲିରେ ଲୋକସଂଖ୍ୟା କମ ଥିବାରୁ ଏହି ଯାତ୍ରାକୁ ବାତିଲ କରାଯାଇଥିଲା ।" ବୁଧବାର ଏକ ପଂଜାବ ଫିରୋଜପୁରରେ ଏକ ର୍ଯାଲିକୁ ସମ୍ବୋଧନ କରିବାକୁ ଯିବା ସମୟରେ ହୁସୈନିୱାଲା ପୂର୍ବରୁ ଏକ ଫ୍ଲାଏ ଓଭରବ୍ରିଜ୍ ଉପରେ ପାଖାପାଖି ୨୦ ମିନିଟ୍ ଧରି ପ୍ରଧାନମନ୍ତ୍ରୀଙ୍କ କାରକେଡ୍ ଅଟକି ଯାଇଥିଲା । ପ୍ରଦର୍ଶନ କାରଣରୁ ଆଗକୁ ଯାଇପାରି ନଥିଲା ପ୍ରଧାନମନ୍ତ୍ରୀଙ୍କ କାରକେଡ୍ । ଆଉ ଅଧା ରାସ୍ତାରୁ ପୁଣି ଭଟିନ୍ଦା ଏୟାରପୋର୍ଟ ଫେରିଯାଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଘଟଣାକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ବିଜେପି ପକ୍ଷରୁ ପ୍ରତିବାଦ କରାଯାଉଛି । ଏହାସହ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘଜୀବନର କାମନା କରି ବିଜେପିର ଅନେକ ନେତା ମନ୍ତ୍ରୀ ପୂଜା ପାଠ କରୁଛନ୍ତି ।

## ଜାନୁଆରୀ ଶେଷରେ....

ମାର୍ଚ୍ଚ ସୁଦ୍ଧା ସଂକ୍ରମଣ ହ୍ରାସ ପାଇବା ଆରମ୍ଭ ହେବ। ମାର୍ଚ୍ଚ ଶେଷ ସୁଦ୍ଧା ଦୈନିକ ସଂକ୍ରମଣ ୧୦ରୁ ୨୦ ହଜାର ମଧ୍ୟରେ ରହିପାରେ। ଓମିକ୍ରନ ଭାରିଏଣ୍ଟ ଦ୍ରୁତଗତିରେ ସଂକ୍ରମଣ ବଢ଼ାଉଥିଲେ ମଧ୍ୟ ହସ୍ପିଟାଲରେ ଆକ୍ରାନ୍ତ ଭର୍ତ୍ତି ହେଉନାହାନ୍ତି। ପିକ୍ ବେଳେ ମଧ୍ୟ ବହୁତ କମ ଲୋକଙ୍କୁ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡ଼ିବ ବୋଲି ପ୍ରଫେସର ଅଗ୍ରୱାଲ କହିଛନ୍ତି। ଏହାପୂର୍ବରୁ ଆଇଏଚ୍ଏମର ନିର୍ଦ୍ଦେଶକ ଡା କ୍ରିଷ୍ଟୋଫର ମୁରାୟ କହିଥିଲେ ଯେ ଓମିକ୍ରନ ଜନିତ ସଂକ୍ରମଣ ଡେଲ୍ଟା ଭାରିଏଣ୍ଟ ଭଳି ଘାତକ ହେଉ ନାହିଁ। କିନ୍ତୁ ଏହାର ସଂକ୍ରମଣ କ୍ଷମତା ଅଧିକ ଥିବାରୁ ଡେଲ୍ଟା ଭଳି ସ୍ଥିତି ସୃଷ୍ଟି କରିପାରେ। ଏହାର ଅର୍ଥ ଡେଲ୍ଟା ଭାରିଏଣ୍ଟ ବେଳେ ଯେଉଁଭଳି ସଂକ୍ରମିତଙ୍କ ସଂଖ୍ୟା ବଢୁଥିଲା, ଠିକ ଅନୁରୂପ ଭାବେ ଓମିକ୍ରନ ଭାରିଏଣ୍ଟ ସଂଖ୍ୟା ବୃଦ୍ଧି କରିବ। ଏପରି କି ସଂକ୍ରମିତଙ୍କ ସଂଖ୍ୟା ଡେଲ୍ଟା ତୁଳନାରେ ଓମିକ୍ରନ ବେଳେ ଅଧିକ ରହିପାରେ। ଟିକାକରଣ ଦ୍ୱାରା ଓମିକ୍ରନରେ ସଂକ୍ରମିତ ହେବା ପରେ କରୋନାର ସ୍ୱଳ୍ପ ଲକ୍ଷଣ ଦେଖାଯାଉଛି। ତଥାପି ଏହା ଅଧିକରୁ ଅଧିକ ଲୋକଙ୍କୁ ସଂକ୍ରମିତ କରିବ। ଜାନୁଆରୀ ମଧ ଭାଗରେ ହିଁ ଓମିକ୍ରନ ବିଶ୍ୱର ବିଭିନ୍ନ ସ୍ଥାନରେ ପିକରେ ପହଞ୍ଚିବ। ଏହାଦ୍ୱାରା ସମଗ୍ର ବିଶ୍ୱରେ ଦୈନିକ ୩୫ ମିଲିୟନ ଲୋକ ସଂକ୍ରମିତ ହୋଇପାରନ୍ତି। ଏହା ଏପ୍ରିଲ ମାସରେ ପିକ୍ରେ ପହଞ୍ଚିଥିବା ଡେଲ୍ଟା ଜନିତ ସଂକ୍ରମଣ ତୁଳନାରେ ୩ ଗୁଣ ଅଧିକ। ଭାରତ କଥା ବିଚାରକୁ ନେଲେ, ଜାନୁଆରୀ ଶେଷ ଭାଗ କିମ୍ବା ଫେବୃଆରୀ ପ୍ରଥମ ସପ୍ତାହରେ ଓମିକ୍ରନ ତା'ର ସର୍ବୋଚ୍ଚ ଗତି ଦେଖାଇବ ବୋଲି ସେ ଆକଳନ କରିଥିଲେ।

## ରେଳମନ୍ତ୍ରୀଙ୍କ ଦିନିକିଆ....

ଯୋଡ଼ିଲା ବୋଲି ମତ ଦେଇଥିଲେ। ଏହା ବ୍ୟତୀତ ବାଲେଶ୍ୱରରୁ ମୁମ୍ବାଇକୁ ଟ୍ରେନ ଚଳାଚଳ, ବାଙ୍ଗିରପୋଷି-ରୂପସା ଟ୍ରେନ ବାଲେଶ୍ୱରକୁ ସଂପ୍ରସାରଣ, ମାଲଗୋଦାମ ସ୍ଥାନାନ୍ତରଣ, ବାଲେଶ୍ୱର ଷ୍ଟେସନକୁ ବ୍ୟାସକବିଙ୍କ ନାମରେ ନାମିତ କରିବା, ନିଧିପଣ୍ଡା ପୋଲ ତଳ ରାସ୍ତା ଉପରେ ଏକ ଉଡ଼ନ୍ତା ପୋଲ ନିର୍ମାଣ ପ୍ରଭୃତି ପ୍ରକଳ୍ପ ଅନୁମୋଦନ ପାଇଁ ରେଳମନ୍ତ୍ରୀଙ୍କଠାରେ ବିଧାୟକ ଶ୍ରୀ ଦାସ ଦାବି ଉଠାଇଥିଲେ। ଖଡ଼ଗପୁର ରେଳ ଡିଭିଜନ ମହାପ୍ରବନ୍ଧକ ଅର୍ଚ୍ଚନା ଯୋଶୀ ଏହି ସଭାରେ ବିବରଣୀ ପ୍ରଦାନ କରିଥିବା ବେଳେ ପ୍ରବନ୍ଧକ ମନୋରଞ୍ଜନ ପ୍ରଧାନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କଷ୍ଟମର ସୁପରଭାଇଜର ସୁମିତା ସାହୁ ଓ ଚୈତାଳି ବାନାର୍ଜୀ ଏହି ସଭାରେ ସଂଯୋଜନା କରିଥିଲେ। ରେଳ ବିଭାଗର ଅଧିକାରୀଙ୍କ ସମେତ ଜିଲା ବିଜେପିର ବହୁ କର୍ମକର୍ତ୍ତା ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ସଂଗଠନ ପକ୍ଷରୁ ରେଳମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସଭାପରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ପତାକା ଦେଖାଇ ଭଦ୍ରକ-ଭୁବନେଶ୍ୱର ଏକ୍ସପ୍ରେସ ଟ୍ରେନକୁ ବାଲେଶ୍ୱର ଷ୍ଟେସନରୁ ଯାତ୍ରା ଶୁଭାରମ୍ଭ କରିଥିଲେ। ପରେ ନୀଳଗିରି ଷ୍ଟେସନର ଶିଳାନ୍ୟାସ ପାଇଁ ସ୍ୱତନ୍ତ୍ର ଟ୍ରେନ ଯୋଗେ ଯାତ୍ରା କରିଥିଲେ। ନୀଳଗିରିରୁ ରେମୁଣାର କ୍ଷୀରଚୋରା ଗୋପୀନାଥ ଦର୍ଶନ ସହ ରେଳମନ୍ତ୍ରୀ ବସ୍ତା ଷ୍ଟେସନ ଓ ପରେ ଜଳେଶ୍ୱର ଷ୍ଟେସନର ସଭାରେ ଯୋଗଦେଇ ଦିଲ୍ଲୀ ଫେରିଯିବେ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୧୦ ରୁ କଲେଜ....

ଏହି ପ୍ରସଙ୍ଗରେ ବିସ୍ତୃତ ଏସ୍ଓପି,ନିର୍ଦ୍ଦେଶାବଳୀ, ସର୍କୁଲାର ଆଣିବେ। ଅଫଲାଇନ୍ ରେ ଚାଲୁଥିବା ପରୀକ୍ଷାଗୁଡିକ ଜାରି ରହିବ। କଲେଜ, ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକର ଶିକ୍ଷାଦାନ ଏବଂ ଅଣଶିକ୍ଷକ କର୍ମଚାରୀମାନେ ସରକାରୀ କର୍ମଚାରୀଙ୍କ ପାଇଁ ପ୍ରଚଳିତ ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟ କରିବେ । କର୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ଅନଲାଇନ୍ କ୍ଲାସ୍, ଏକାଡେମିକ୍, ସେମି ଏକାଡେମିକ୍ ଏବଂ ପ୍ରଶାସନିକ କାର୍ଯ୍ୟ ଇତ୍ୟାଦି ଦାୟିତ୍ୱ ତୁଲାଇବେ। କୋଭିଡ-୧୯ କାରଣରୁ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କ ବାୟୋମେଟ୍ରିକ୍ ଉପସ୍ଥାନ ବନ୍ଦ ରହିବ। ଏହା ବ୍ୟତୀତ ସମସ୍ତ କୋଚିଂ ସେଂଟରଗୁଡିକୁ ମଧ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଅନଲାଇନ୍ ମାଧ୍ୟମରେ ପାଠ ପଢା ଚାଲିପାରିବ।

# ମହିଳା ଉଚ୍ଚ ବିଦ୍ୟାଳୟରେ ଯୋଗ ଶିବିର

ଖଇରା,୦୭/୦୧ (ନି.ପ୍ର): ସ୍ୱାମୀ ବିବେକାନନ୍ଦ ସେବା ସଂସ୍ଥାନ ଆନୁକୂଲ୍ୟରେ ବାଲେଶ୍ୱର ଜିଲା କଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ଦିନିକିଆ ଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷା ଅନିତାରାଣି ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ । ଉକ୍ତ ଶିବିରରେ ବିଶିଷ୍ଟ ଯୋଗ ଶିକ୍ଷକ ରାମଦାସ ଅନୁଲୋମ ବିଲୋମ, କପାଳଭାତି, ପ୍ରାଣାୟାତ ସମେତବିଭିନ୍ନ ଆସନ ଶିଖାଇଥିଲେ । ସେବା ସଂସ୍ଥାନର ମୁଖ୍ୟ ସତ୍ୟବ୍ରତ ନାରାୟଣ ବେହେରା ବକ୍ତାଭାବେ ଯୋଗ ଦେଇ ପ୍ରତ୍ୟେକ ପିଲା ଦେଶ ଜାତି ଓ ବିଶ୍ୱର କଲ୍ୟାଣ ପାଇଁ କିଛି କିଛି ସମୟ ଦେବାକୁ ପରାମର୍ଶ ଦେଇଥିଲେ । ଏହି ଶିବିରରେ ବିଦ୍ୟାଳୟର ଛାତ୍ରୀ,ଅଧ୍ୟାପିକା ଓ ଅଧ୍ୟାପକ ମାନେ ଉପସ୍ଥିତ ଥିଲେ ।

# ରାଜ୍ୟରେ କରୋନାରେ ଆଉ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର, ୦୭/୦୧ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୧ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୪୬୮ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୧ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

# ଆଭାଷୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହିତାଧିକାରୀଙ୍କୁ ଟଙ୍କା ବଂଟନ



ନୀଳଗିରି,୦୭/୦୧ (ନି.ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାଷୀ ମାଧମରେ ବିଜୁ ପକ୍କାଘର ମରାମତୀ ଏବଂ ପ୍ରଧାନମନ୍ତ୍ରୀ ଆବାସ ପାଇପାରିନଥିବା ହିତାଧିକାରୀଙ୍କୁ ୩ ହଜାର ଏବଂ ୫ ହଜାର ଟଙ୍କାର ବଂଟନ ପାଇଁ ଉଦଘାଟନ କରିଥିଲେ। ଏହି ଉପଲକ୍ଷେ ଆଜି ନୀଳଗିରି ବ୍ଲକ ସମ୍ମିଳନୀ କକ୍ଷରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉପସ୍ଥିତ ରହି ଏହି ଯୋଜନାର ହିତାଧିକାରୀ ମାନଙ୍କୁ ଟଙ୍କା ବଂଟନ କରିଥିଲେ। ଆଜିଠାରୁ ପ୍ରତ୍ୟେକ ହିତାଧିକାରୀଙ୍କ ଆକାଉଂଟକୁ ରାଜ୍ୟ ସରକାରଙ୍କ ଦ୍ୱାରା ବଂଟନ କରାଯାଉଥିବା ଏହି ଟଙ୍କା ଜମା ହେବ ବୋଲି ମନ୍ତ୍ରୀ ଶ୍ରୀ ପାଣିଗ୍ରାହି କହିଥିଲେ। ପରେ ମନ୍ତ୍ରୀ ଧବିଶିଳା ଓ କେପି ଲାଖରାଜପୁର ଗସ୍ତରେ ଯାଇ ଏହି ଯୋଜନାରେ ଅର୍ନ୍ତଭୁକ୍ତ ହିତାଧିକାରୀ ମାନଙ୍କୁ ଟଙ୍କା ବଂଟନ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ସାହାଯ୍ୟ ରାଶିକୁ ହିତାଧିକାରୀ ମାନେ ପାଇପାରିଥିବାରୁ ଖୁସିବ୍ୟକ୍ତ କରିଥିଲେ। ମନ୍ତ୍ରୀ ଜ୍ୟୋତିପାଣିଗ୍ରାହୀଙ୍କ ସହିତ ଏହି କାର୍ଯ୍ୟକ୍ରମରେ ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ତହସିଲଦାର ଏବଂ ଭାରପ୍ରାପ୍ତ ବିଡିଓ ଅଶେଷ କୁମାର ନାୟକଙ୍କ ସହ ସମାଜସେବୀ ସନ୍ତୋଷ ଖଟୁଆ ଗତିକୃଷ୍ଣ ନନ୍ଦ ବିଜୟ ଲେଙ୍କା, ନୀଳଗିରି ବ୍ଲକ ଚେୟାରମ୍ୟାନ ଜାନକି ସିଂ, ମିତ୍ରପୁର ସରପଂଚ ଦିବ୍ୟା ସିଂ ପ୍ରମୁକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମୟୁରଭଞ୍ଜ ଭେଟେରାନ ଟି-୧୦ କ୍ରିକେଟ ଟୁର୍ନାମେଣ୍ଟ ସିକ୍ରେଟ କ୍ଲବକୁ ହରାଇ ୱିନଟର ଫିଟନେସ ଫାଇନାଲରେ



ବାରିପଦା, ୦୬/୦୧ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ସିକ୍ରେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ମୟୁରଭଞ୍ଜ ଭେଟେରାନ ଟି - ୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ୱିନଟର ଫିଟନେସ ସିକ୍ରେଟ ଦଳକୁ ୮ ୱିକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ବ୍ୟାଟିଂ କରି ସିକ୍ରେଟ ଦଳ ୧୦ ଓଭରରେ ୧ ଉଇକେଟ ହରାଇ ୯୪ରନ କରିଥିଲେ ଓ ଦଳ ପକ୍ଷରୁ ଦେବଦତ ସିଂ ୫୮ ରନ ଓ ଟୁନୁ ଧୁଣକି ୨୩ ରନ କରିଥିଲେ । ଉତରରେ ୱିନଟର ଫିଟନେସ ୯.୩ ଓଭର ରେ ୨ ଉଇକେଟ ହରାଇ ୯୭ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ମାନସ ଘୋଷ ୪୭ରନ ଓ ସୌମ୍ୟରଂଜନ କର ୨୫ ରନ କରିଥିଲେ । ବିପକ୍ଷ ଦଳର ଦେବଦତ ସିଂ ଗୋଟିଏ ଉଇକେଟ ନେଇଥିଲେ। ମାନସ ଘୋଷ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ, ଆଜିର ଖେଳକୁ ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ପରିଚାଳନା କରିଥିଲେ ଓ ସୋମନାଥ ସିଂହ, ଗୌତମ ଦାସ ଓ ଦୀପକ ଦାସ ଧାରାବିବରଣୀ ଦେଇଥିବାବେଳେ ରାକେଶ କୁମାର ବେହେରା ଅଭିନାଶ ରଥ ଓ ଆନିସ ମିଶ୍ର ସ୍କୋରିଙ୍ଗ ରେ ସହାୟତା କରିଥିଲେ । ଆସନ୍ତା କାଲି ମେଗାଷ୍ଟର ଏବଂ ୱିନଟର ଫିଟନେସ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଆଜିର ଖେଳକୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ର ଉଦଘାଟନ କରିଥିଲେ ।

# ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କରୋନା ସଂକ୍ରମିତ

ଭୁବନେଶ୍ୱର, ୦୭/୦୧ (ନି.ପ୍ର): ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ମନ୍ତ୍ରୀ। ସେ କହିଛନ୍ତି ଯେ ସେ ଗତକାଲି ଲକ୍ଷଣବିହୀନ କରୋନା ସଂକ୍ରମିତ ହୋଇଛନ୍ତି। ସେ ଏବେ ହୋମ ଆଇସୋଲେସନରେ ଅଛନ୍ତି । ଯେଉଁମାନେ ତାଙ୍କ ସହ ଗତ ୩ ଦିନ ଭିତରେ ମିଶିଛନ୍ତି, ସେମାନଙ୍କୁ କୋଭିଡ ଟେଷ୍ଟ କରାଇନେବାକୁ ସେ ଅନୁରୋଧ କରିଛନ୍ତି ।

# କେନ୍ଦ୍ରାପଡା ବ୍ଲକର ବିଭିନ୍ନ ସ୍ଥାନରେ ଧାନମଣ୍ଡି ଉଦଘାଟିତ

କେନ୍ଦ୍ରାପଡ଼ା,୦୭/୦୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକର ବିଭିନ୍ନ ସ୍ଥାନରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଶୁକ୍ରବାର କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା, ବାରୁଅ, ଚଉଦକୁଲାଟ ଓ ଭରତପୁର ପଂଚାୟତର ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟନ ହୋଇଯାଇଛି । କେନ୍ଦ୍ରାପଡା ଏ.ଆର୍,ସିଏସ୍ ସନ୍ତୋଷ କୁମାର ଦାସ, ଏସଆରସିଏସ୍ ମନମୋହନ ରାଉତ, ପ୍ରଶାସକ ସଚିଦାନନ୍ଦ ଜେନା ଏହି ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ମଣ୍ଡିକୁ ଧାନ ନେଇ ଆସୁଥିବା ଚାଷୀ ମାନଙ୍କୁ ସମସ୍ତ ପ୍ରକାର ସୁବିଧା ସହଯୋଗ କରିବା ସହିତ ଧାନର ମୂଲ୍ୟ ତୁରନ୍ତ ତାଙ୍କ ବ୍ୟାଙ୍କ ଖାତାକୁ ପଠାଇବା ସହିତ ଚାଷୀ ମାନଙ୍କର ଯେପରି କୌଣସି ଅସୁବିଧା ନହୁଏ ସମିତି ସଂପାଦକ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଗଡା କୃଷି ସମବାୟ ସମିତିର ସଂପାଦକ କାଳନ୍ଦୀ ବିଶ୍ୱାଳ, ସହ ସଂପାଦକ ଦୟାନିଧୀ ଜେନା, ଅମିତାବ ସ୍ୱାଇଁ, ସଂଘମିତ୍ରା ସ୍ୱାଇଁ, ଉମାକାନ୍ତ ପତି, ସୁଧୀର ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଭରତପୁର ରେ ସଂପାଦକ ସୁବୋଧ କୁମାର ଲେଙ୍କା, ଅକ୍ଷୟ କୁମାର ମନ୍ତ୍ରୀ, ବସନ୍ତ କୁମାର ରାଉତ, ସାରଦା ପ୍ରସାଦ ରାଉତ, ଅକ୍ଷୟ କୁମାର ପତି, ସରପଂଚ ଜିନତ ପ୍ରିୟଦର୍ଶନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବାରୁଅର ତାପସ ପ୍ରସାଦ ସିଂହ, ସଂପାଦକ ଶ୍ରୀହର୍ଷ ମହାନ୍ତି, ଶୁଭଲକ୍ଷ୍ମୀ ଦାସ, ଲକ୍ଷ୍ମୀପ୍ରିୟା ସାହୁଙ୍କ ସମେତ ଚଉଦକୁଲାଟର ସଂପାଦକ ହେମନ୍ତ କୁମାର ପାତ୍ର, ରଞ୍ଜନ କୁମାର ଦାସ, ନିର୍ମଳ କୁମାର ସାହୁ, ଭଗବାନ ଜେନା, ଧିରେନ କୁମାର ପରିଡା, ମହମ୍ମଦ ଇଶାକ, ଅବଦୁଲ ରହିମ୍‌ଙ୍କ ସମେତ ଏହି ୪ଗୋଟି ଧାନମଣ୍ଡି ଉଦ୍‌ଘାଟନୀ ଉତ୍ସବରେ ଶତାଧିକ ଚାଷୀ ଉପସ୍ଥିତ ରହି ମଣ୍ଡିରେ ଧାନ ଦେଇଥିଲେ ।

# ସାଇ ସାଧନା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଜାତୀୟ ଆଲୋଚନା ଚକ୍ର




ଉଦଳା, ୦୭/୦୧ (ନି.ପ୍ର): ଉଦଳା ସ୍ଥିତ ସାଇ ସାଧନା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ କମ୍ପ୍ୟୁଟର ସାଇନସ୍ ବିଭାଗ ତରଫରୁ ଏକ ଜାତୀୟ ସଂପାନ ଅନୁଷ୍ଠିତ ହୋଇଯାଇଅଛି । ଆଭାସୀ ମାଧମରେ ଅନୁଷ୍ଠିତ ଏହି ସଂପାନକୁ ସାଇ ସାଧନା ଟ୍ରଷ୍ଟର ଚେୟାରମେନ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ଉଦ୍‌ଘାଟନ କରି ବିଭାଗ ତରଫରୁ ଅନୁଷ୍ଠିତ ହୋଇଥିବା ଏପ୍ରକାର ଆଲୋଚନାଚକ୍ର ନିମନ୍ତେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ ଏବଂ ଏହି ସଂପାନରୁ ବାହାରିଥିବା ବୈଦ୍ଧିକ ନିର୍ଯ୍ୟାସକୁ ସୁଚାରୁ ରୂପେ ବିନିଯୋଗ କରିବାକୁ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ଓ ଅଧ୍ୟାପକ ମଣ୍ଡଳୀକୁ ପରାମର୍ଶ ଦେଇଥିଲେ। ଏହି ଆଲୋଚନା ଚକ୍ରରେ ଆନ୍ଧ୍ରପ୍ରଦେଶ ଭେଲର ବୈଷୟିକ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନସ୍ ବିଭାଗର ପ୍ରଫେସର ଆଶିଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଦେଶର ମାନବ ସମ୍ବଳର ଯଥାର୍ଥ ବିକାଶ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମ୍ଭବ ହୋଇପାରିବ ବୋଲି ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ରୂପେ ଉତ୍ତର ପ୍ରଦେଶର ମେଶ୍ରାସ୍ଥିତ ବିର୍ଲ୍ଲାବୈଷୟିକ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନର ମୁଖ୍ୟ ପ୍ରଫେସର ଶୁଭ୍ରଜିତ୍ ମହାପାତ୍ର ଯୋଗଦେଇ ଆଜିର ଏକବିଂଶ ଶତାବ୍ଦୀରେ ସମଗ୍ର ବିଶ୍ୱକୁ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରତିରକ୍ଷା ଓ ସୂଚନା ପ୍ରଦାନ କ୍ଷେତ୍ରରେ ଏହାର ଆବଶ୍ୟକତା ଏକାନ୍ତ ଜରୁରୀ ହୋଇଯାଇଛି ବୋଲି ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ସାଇ ସାଧନାର ଶିକ୍ଷାନୁଷ୍ଠାନ ସମୂହର ନିର୍ଦ୍ଦେଶକ ପ୍ରଫେସର ଅନାଦି ଚରଣ ଗାଁଣ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଶ୍ୱର ଯେଉଁ ଦେଶ ଯେତେ ଅଧିକ ବିକାଶ ଲାଭ କରିଛି ସେ ଦେଶ କମ୍ପ୍ୟୁଟର ଶିକ୍ଷାକୁ ସେତେ ପ୍ରାଧାନ୍ୟ ଦେଇଛି। ଏଣୁ ଏହି ଶିକ୍ଷା ଉପରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରିବାକୁ ଆଗ୍ରହ ପ୍ରକାଶ କରିବା ଉଚିତ୍ ବୋଲି ପରାମର୍ଶ ଦେଇଥିଲେ। ଆଲୋଚନାଚକ୍ର ପ୍ରାରମ୍ଭରେ ଅଧ୍ୟକ୍ଷ ପ୍ରିୟବ୍ରତ ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ କମ୍ପ୍ୟୁଟର ସାଇନ୍‌ସ ବିଭାଗର ବରିଷ୍ଠ ଅଧ୍ୟାପକ କଲ୍ୟାଣ କୁମାର ହାତୀ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମଟିରେ କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀକାନ୍ତ କୁମାର ପଟ୍ଟନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ରୁଦ୍ରନାରାୟଣ ମାହାପାତ୍ର, ବିଶ୍ୱଭାରତୀ ଶାନ୍ତିନିକେତନର ପ୍ରଫେସର ପ୍ରମଥ ଚନ୍ଦ୍ର ବୋଷ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରଫେସର ଦିଲ୍ଲୀପ୍ କୁମାର ନାୟକ, ଅଧ୍ୟାପକ ଅସିତ୍ କୁମାର ମିଶ୍ର ଯୋଗଦେଇ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ସାଇ ସାଧନା ଟ୍ରଷ୍ଟର ସଂପାଦକ ସୁକାନ୍ତ କୁମାର ବିନ୍ଧାଣୀ, କୋଷାଧ୍ୟକ୍ଷ ସୁରେନ୍ଦ୍ର ନାଥ ପରିଛା, ଅଧ୍ୟାପିକା ସୁଚିସ୍ମିତା ପଣ୍ଡା, ନିହାର ରଞ୍ଜନ ସାହୁ, ତୁଷାର ରଞ୍ଜନ ରାଉତ, ସୀମାନି ରାଜ, ହିମାଦ୍ରୀ ତନୟା ସିଂ, ସୁଜାତା ସାହୁ, ଶୁଭ୍ରାଂଶୁ କୁମାର ଦାଶ, ଅନୁରାଧା ଶତପଥୀ ଏବଂ ଅନୁପମା ମହାନ୍ତି ପ୍ରମୁଖ ସଂପାନଟିର ସଫଳ ରୂପାୟନ ନିମନ୍ତେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# ରେଳମନ୍ତ୍ରୀଙ୍କ ବସ୍ତା ଗସ୍ତ : ତୃତୀୟ ରେଳ ଲାଇନ ସହିତ ନୂତନ ଷ୍ଟେସନ ବିଲ୍ଡିଂର ଶିଳାନ୍ୟାସ



ବସ୍ତା, ୦୭/୦୧ (ନି.ପ୍ର): ମାନନୀୟ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ଆଜି ବସ୍ତା ଗସ୍ତରେ ଆସି ବସ୍ତା ନୂତନ ଷ୍ଟେସନ ବିଲଡିଂ ସହିତ ତୃତୀୟ ରେଳ ଲାଇନ ର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମାନ୍ୟବର ମନ୍ତ୍ରୀ ବସ୍ତାରେ ପହଞ୍ଚିବାପରେ ବସ୍ତା ଭାଜପା ତରଫରୁ ପ୍ରଥମେ ତାଙ୍କୁ ଡାକ୍ତରଖାନା ରୋଡ ନିକଟରୁ ସ୍ୱାଗତ କରି ଶୋଭାଯାତ୍ରାରେ ଆଣି ଷ୍ଟେସନ ନିକଟରେ ଛାଡ଼ି ଥିଲେ । ଏହି ସଭାଯାତ୍ରା ରେ ଜିଲ୍ଲା ତଥା ବ୍ଲକ୍ ର ସଂଗଠକ ମାନେ ଉପସ୍ଥିତ ଥିବା ବେଳେ ମାନନୀୟ ମନ୍ତ୍ରୀ ଙ୍କ ସହିତ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପ୍ରଦୀପ ପଣ୍ଡା, ମହେଶ୍ୱର ଜେନା ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ଷ୍ଟେସନ ନିକଟରେ ଆୟୋଜିତ ଶିଳାନ୍ୟାସ ସଭା ରେ ଯୋଗଦେଇ ନୂତନ ଷ୍ଟେସନ ବିଲଡିଙ୍ଗ ସହିତ ତୃତୀୟ ରେଳ ଲାଇନ ର ଶିଳାନ୍ୟାସ କରିଥିଲେ। ଏହି ଶିଳାନ୍ୟାସ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ, ସାଂସଦ ଶ୍ରୀ ଷଡଙ୍ଗୀ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ , ପ୍ରମୁଖ ଉପସ୍ଥିତ ଥିଲେ। ପରେ ଆୟୋଜିତ ସଭାରେ ମନ୍ତ୍ରୀ ଉଦବୋଧନ ଜୟ ଜଗନ୍ନାଥ ଧ୍ୱନି ଦେଇ ଥିଲେ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସଭାମଞ୍ଚ। ମନ୍ତ୍ରୀ କେନ୍ଦ୍ର ସରକାର ଙ୍କ ରେଳ ବିକାଶ ସହିତ ଉତ୍ତର ଓଡ଼ିଶା ର ରେଳ ଭିତ୍ତିଭୂମି ବିକାଶ ଦିଗରେ କେନ୍ଦ୍ର ରେଳବିଭାଗ ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ। ବସ୍ତା ରେଳ ଷ୍ଟେସନ ରେ ୯ ଟି ରେଳ ପ୍ରକଳ୍ପ ,ଦୂରଗାମୀ ଟ୍ରେନ ରହଣୀ ସହିତ ସାଧାରଣ ଯାତ୍ରୀଙ୍କ ପାଇଁ ଅଧିକ ଲୋକାଲ ଟ୍ରେନ ଚଳାଚଳ ଘୋଷଣା କରିଥିଲେ। ପରେ ଧେମେଇ ରହିଥିବା ରୂପସା , ବସ୍ତା ଓ ଅମର୍ଦ୍ଦାରୋଡ ରେଳ ଅଭର୍ ବ୍ରିଜ ନିର୍ମାଣ କେବେ ଆରମ୍ଭ ହେବ ପ୍ରଶ୍ନରେ ଉକ୍ତ କାର୍ଯ୍ୟର ସର୍ଭେ ସରିଥିବା ବେଳେ ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ବସ୍ତା ବରିଷ୍ଠ ନାଗରିକ ମଂଚ, ରେଳ ୟୁଜର ସଂଘ , ଭାଜପା ଏବଂ ବିଭିନ୍ନ ସଙ୍ଗଠନ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପରେ ମନ୍ତ୍ରୀ ସମସ୍ତ ଦାବି ପୁରାଣ ହେବ ବୋଲି ପ୍ରତିଶୃତି ଦେଇ ସ୍ୱତନ୍ତ୍ର ଟ୍ରେନ ଯୋଗେ ଜଳେଶ୍ୱର ଅଭିମୁଖେ ଗ୍ରସ୍ତ କରିଥିଲେ।

## ସବୁଜ ପତ୍ରିକାଧାରୀଙ୍କ ବିକ୍ଷୋଭ, ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର, ୦୭/୦୧ (ନି.ପ୍ର): ସବୁଜ ପତ୍ରିକାଧାରୀଙ୍କୁ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଦାବିରେ ଶୁକ୍ରବାର ଏଆଇଟିୟୁସି ସହ ଅନୁବନ୍ଧିତ ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ସଂଘ ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ସବୁଜପତ୍ରିକାଧାରୀମାନଙ୍କର ଏକ ଶୋଭାଯାତ୍ରା ରେ ଅଶୋକନଗରସ୍ଥିତ ଭଗବତୀ ଭବନଠାରୁ ବାହାରି ରାଜମହଲ ଛକ ପରିକ୍ରମା କରି ନବୀନ ନିବାସ ଆରଡକୁ ଅଗ୍ରସର ହେଉଥିବା ବେଳେ ଅଧା ରାସ୍ତାରେ ପୋଲିସ ଆନ୍ଦୋଳନକାରୀମାନଙ୍କୁ ଅଟକାଇଥିଲେ। ସେଠାରେ ସବୁଜପତ୍ରିକାଧାରୀମାନେ ବିକ୍ଷୋଭ କରିବା ସହିତ ସଂଘର ରାଜ୍ୟ ସଭାପତି ସୁର ଜେନା ଉଦ୍‌ବୋଧନ ଦେଇ କ୍ରମାଗତ ଆନ୍ଦୋଳନ ଫଳରେ ସବୁଜପତ୍ରିକାଧାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ସତ୍ତ୍ୱେ ଏ ପର୍ଯ୍ୟନ୍ତ ତାଲିକା ପ୍ରସ୍ତୁତ ହୋଇ ନ ପାରିବା ଅତ୍ୟନ୍ତ ପରିତାପର ବିଷୟ ବୋଲି କହିଥିଲେ। ପରେ ସୁର ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସ୍ମାରକପତ୍ରରେ ସବୁଜପତ୍ରିକାଧାରୀଙ୍କୁ ମାସିକ ପେନସନ, ପରିଚୟପତ୍ର ପ୍ରଦାନ, ମୋ କୁଡ଼ିଆ ମୋ ଡିହ, ମଧୁବାବୁ ପେନସନ ଓ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରିବା, ସରକାରୀ-ବେସରକାରୀ ନିଯୁକ୍ତି ଓ ଶିକ୍ଷାନୁଷ୍ଠାନରେ ୧୦ ଭାଗ ସ୍ଥାନ ସଂରକ୍ଷଣ, ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ପରେ ନିଃସନ୍ତାନମାନଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ଓ ସରକାରୀ କର୍ମଚାରୀଙ୍କୁ ୨ଟି ଇନ୍‌କ୍ରିମେଂଟର ଅର୍ଥ ପ୍ରଦାନ ପ୍ରଭୃତି ୧୧ ଦଫା ଦାବି ରହିଛି। ଅନ୍ୟମାନଙ୍କ ମଧ୍ୟରେ ଏଆଇଟିୟୁସି ରାଜ୍ୟ ଉପସାଧାରଣ ସମ୍ପାଦକ ବିଜୟ ଜେନା, ସଂଘର ନେତା ସର୍ବେଶ୍ୱର ମାର୍ଥା, ନିର୍ମଳା ନାୟକଓ ମନମୋହନ ନାୟକ ପ୍ରମୁଖ ଏହି ବିକ୍ଷୋଭ ଓ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ବନାଗ୍ନି ନିର୍ବାପନ ତଥା ଶିମିଳିପାଳର ସୁରକ୍ଷା ନିମନ୍ତେ ଜିଲ୍ଲା ସ୍ତରୀୟ ସଚେତନତା ଅଭିଯାନର ଶୁଭାରମ୍ଭ




ବାରିପଦା, ୦୭/୦୧ (ନି.ପ୍ର): ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ଓ ମୟୂରଭଞ୍ଜ ବନ ବିଭାଗର ମିଳିତ ଆନୁକୂଲ୍ୟରେ ଶିମିଳିପାଳ ବଂଚାଅ ଅଭିଯାନ ଗୁରୁବାର ଦିନ ଆରମ୍ଭ ହୋଇଯାଇଛି। ସପ୍ତାହ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ନିମନ୍ତେ ବାରିପଦା ଛଉପଡ଼ିଆରେ ଆୟୋଜିତ ଏକ ରାଲିକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କିଶୋର କୁମାର ବସା, ଜିଲ୍ଲାପାଳ ବିନୀତ ଭରଦ୍ୱାଜ, (ଭା.ପ୍ର ସେ.) ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ନିର୍ଦ୍ଦେଶକ ଏମ୍ ଯୋଗଜୟାନନ୍ଦ, ଆରକ୍ଷୀ ଅଧୀକ୍ଷକ ଖିଲାର ଋଶିକେଶ ଧ୍ୟାନଦେଓ ପ୍ରମୁଖ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶିମିଳିପାଳର ସୁରକ୍ଷା, ବନାଗ୍ନି ନିର୍ବାପନ ତଥା ଶିମିଳିପାଳର ବିକାଶ ନିମନ୍ତେ ବିଶ୍ୱବିଦ୍ୟାଳୟ ବଦ୍ଧ ପରିକର ବୋଲି କୁଳପତି ପ୍ରଫେସର ବସା ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଏଭଳି ମହତ୍ ଓ ପ୍ରଶଂସନୀୟ କାର୍ଯ୍ୟ ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ନିର୍ଦ୍ଦେଶକ ଶ୍ରୀ ଏମ୍ ଯୋଗଜୟାନନ୍ଦ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ବନ ବିଭାଗ ତରଫରୁ ଏଭଳି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସ୍ନାତକୋତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଅନୀଲ କୁମାର ବିଶ୍ୱାଳ, ପ୍ରଫେସର ପ୍ରମୋଦ କୁମାର ଶତପଥି, ପ୍ରଫେସର ହୃଦୟନାଥ ଥାଟୋଇ, ବନଖଣ୍ଡ ଅଧୀକାରୀ ସନ୍ତୋଷ କୁମାର ଯୋଶୀ, ଉତର ଶିମିଳିପାଳ ବନଖଣ୍ଡର ଉପ ନିର୍ଦ୍ଦେଶକ ଶ୍ରୀ ସାଇ କିରଣ, ସମାଜସେବୀ ଆଦିତ୍ୟ ପଟ୍ଟନାୟକ, ପରିବେଶବିଦ ଭାନୁମିତ୍ର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ସଂଯୋଜକ ଡ. ଶୁଭେନ୍ଦୁ ଦାସ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ. ସ୍ମୃତି ରଞ୍ଜନ ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ବିଷ୍ଣୁପ୍ରିୟା ହାଁସଦା, ଶୁଭେନ୍ଦୁ ଶତପଥି, ଡ. ଯତୀନ୍ଦ୍ରନାଥ ବେଶ୍ରା, ଡ଼ଃ ପ୍ରତାପ ଜେନା, ମୀରା ସେନାପତି, ଡ଼ଃ ଅନାମ ରାଉଳ, ହରିଶଙ୍କର ମହାକୁଡ଼, ଗୋପାଳ ବେହେରା, ସରୋଜ ବେହେରା, ମାନସୀ ବାରିକ, ସହକାରୀ ବନ ସଂରକ୍ଷକ ବିଦ୍ୟା ସାଗର, ପ୍ରମୁଖ ଉପସ୍ଥିତ ଥିଲେ।

## ରାଜଧାନୀରେ ଉପରମୁହାଁ ସଂକ୍ରମଣ, ୨୪ ଘଂଟାରେ ୬୩୮ ପଜିଟିଭ୍

ଭୁବନେଶ୍ୱର, ୦୭/୦୧ (ନି.ପ୍ର): ରାଜଧାନୀରେ ହୁ ହୁ ବଢୁଛି କରୋନା ସଂକ୍ରମଣ। ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ଶୁକ୍ରବାର ଆଉ ୬୩୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୪ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୫୮୪ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୯୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଗତକାଲି ୪୦୦ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୨୫୪୯୨କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୨୪୮୧ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ମୃତକଙ୍କ ସଂଖ୍ୟା ୧୧୦୩ ରେ ପହଂଚିଛି। ବର୍ତମାନ ଆଉ ୧୮୮୭ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି।

## ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ଆର୍ôଥକ ସାକ୍ଷରତା ଶିବିର

ବାଲେଶ୍ୱର,୦୭/୦୧ (ନି.ପ୍ର): ବାଲେଶ୍ୱର ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକଙ୍କ ନିମନ୍ତେ ଆର୍ôଥକ ସାକ୍ଷରତା ଶିବିର ସ୍ଥାନୀୟ ନୃତ୍ୟ ସଙ୍ଗୀତ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛ। ରାଜ୍ୟ ସରକାରଙ୍କ ଅର୍ଥ ମନ୍ତ୍ରାଳୟ ନିର୍ଦ୍ଦେଶରେ ଆୟୋଜିତଏହି କାର୍ଯ୍ୟକ୍ରମରେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରିଣୀ ପ୍ରଜ୍ଞା ମିଶ୍ର ଅଧ୍ୟକ୍ଷତା କରିଥିଲେ। ଲିଡ ବ୍ୟାଙ୍କ ମ୍ୟାନେଜର ସୁଦୀପ କୁମାର ଡାକୁଆ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସ୍ୱଳ୍ପ ସଂଚୟର ଆବଶ୍ୟକତା ଏବଂ ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧିକ ସୁଧ ଲୋଭରେ ପଡ଼ି ଚିଟଫଣ୍ଡ ଅଥବା ଡିଜିଟାଲ ଠକାମୀର ଶିକାର ନହେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଭାରତୀୟ ଡାକ ବିଭାଗ ପେମେଣ୍ଟ ବ୍ୟାଙ୍କର ପ୍ରବନ୍ଧକ ଅଭିଷେକ ଶର୍ମା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅନଲାଇନରେ ଆର୍ôଥକ କାରବାର ଏବଂ ସାଇବର ଅପରାଧ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଆର୍ôଥକ ସାକ୍ଷରତା ପରାମର୍ଶଦାତା ଯୋଗେଶ୍ୱର ପ୍ରଧାନ, ସହ କୋଷାଗାର ଅଧିକାରୀ ରଘୁନାଥ ମୁର୍ମୁ ଓ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଲକ୍ଷ୍ମୀଧର ବେହେରା ପ୍ରମୁଖ ଏଥିରେ ଯୋଗ ଦେଇ ନିଜର କଷ୍ଟ ଅର୍ଜିତ ଧନକୁ ଡାକଘର କିମ୍ବା ସ୍ୱୀକୃତିପ୍ରାପ୍ତ ବ୍ୟାଙ୍କରେ ଜମା ରଖି ସୁରକ୍ଷିତ ରହିବାକୁ ପରାମର୍ଶ ଦେଇଥିଲେ ।

## କଟକ ରେଳ ଷ୍ଟେସନ ଦ୍ୱିତୀୟ ପ୍ରବେଶ ଉନ୍ନତିକରଣର ଶିଳାନ୍ୟାସ କଲେ କେନ୍ଦ୍ର ରେଳମନ୍ତ୍ରୀ

ଭୁବନେଶ୍ୱର, ୦୭/୦୧ (ନି.ପ୍ର): କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଏବଂ ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ସକାଳେ କଟକ ରେଳ ଷ୍ଟେସନର ଦ୍ୱିତୀୟ ପ୍ରବେଶ ଏବଂ ପରୀକ୍ଷେତ୍ରର ବିକାଶ ପାଇଁ ଶିଳାନ୍ୟାସ କରିଛନ୍ତି । କଟକ ଷ୍ଟେସନ ଦ୍ୱିତୀୟ ପ୍ରବେଶ ଓ ପରୀକ୍ଷେତ୍ରର ବିକାଶ କାର୍ଯ୍ୟ ମଧ୍ୟରେ ଦୁଇ/ ତିନି / ଚାରି ଚକିଆ ଯାନ ପାଇଁ ପାର୍କିଂ, ପିକଅପ୍ ଏବଂ ଡ୍ରପ୍ ପଏଂଟ, ଆମ୍ବୁଲାନ୍ସ ପାଇଁ ପାର୍କିଂ, ଭିଆଇପି ଯାନ ଇତ୍ୟାଦି ସୁବିଧା ଥିବାବେଳେ ଚୌଡା ଆପ୍ରୋଚ୍ ରୋଡ୍ ଅନ୍ତର୍ଭୁକ୍ତ । କଟକ ରେଳ ଷ୍ଟେସନ ଠାରେ ଅନୁଷ୍ଠିତ ଏହି ଉତ୍ସବରେ ଲୋକସଭା ସାଂସଦ ଭର୍ତୃହରି ମହତାବ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିବାବେଳେ ବିଧାୟକ ସୌଭିକ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କଟକ ରେଳ ଷ୍ଟେସନ ଉନ୍ନତି ପାଇଁ ରେଳ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଉପସ୍ଥିତ କଟକର ଜନସାଧାରଣଙ୍କୁ ଉଦବୋଧନ ଦେଇ ଶ୍ରୀ ବୈଷ୍ଣବ କହିଲେ ରେଳ ମନ୍ତ୍ରଣାଳୟ କଟକ ଷ୍ଟେସନର ବିକାଶ ପାଇଁ ପ୍ରତିବଦ୍ଧ। ଏହାର ଉନ୍ନତିକରଣ ପାଇଁ ପାଣ୍ଠି ପ୍ରତିବନ୍ଧକ ହେବ ନାହିଁ। ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିଳାନ୍ୟାସ ପରେ ଶ୍ରୀ ବୈଷ୍ଣବ କଟକ ରେଳ ଷ୍ଟେସନ ନିରୀକ୍ଷଣ କରି ଷ୍ଟେସନରେ ପ୍ରଦାନ କରାଯାଇଥିବା ବିକାଶମୂଳକ କାର୍ଯ୍ୟ ତଥା ସୁବିଧା ବିଷୟରେ ପଚାରି ବୁଝିଥିଲେ ।

## ମାନବିକତା ଦେଖାଇଲେ : ଡାକ୍ତରଙ୍କ ସହ ମିଶି କୁକୁରର ଚିକିତ୍ସା କଲେ



ଖଇରା,୦୭/୦୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ କାର୍ଯ୍ୟରତ ୨ଜଣ ସାମ୍ବାଦିକ ଗୁରୁତର ଆହତ ହୋଇ ପଡିଥିବା କୁକୁରର ଚିକିତ୍ସାପାଇଁ ଭରପୁର ପ୍ରୟାସ କରି ନିଜର ମାନବିକତାର ପରିଚୟ ଦେଖାଇଛନ୍ତି । ଶୁକ୍ରବାର ସକାଳେ ଏକ ପିକଅପ ଖଇରା ବଜାର ଦେଇ ଦୃତ ଗତିରେ ଅତିକ୍ରମ କରୁଥିବା ବେଳେ ଥାନା ସମ୍ମୁଖ ରାସ୍ତାରେ ଏକ କୁକୁର ଉପରେ ଚଢାଇ ଚାଲି ଯାଇଥିଲା । କୁକୁରଟି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯନ୍ତ୍ରଣାରେ ଛାଟିପିଟି ହେଉଥିଲା । ସାଧାରଣ ଲେକେ ସେହି ବାଟ ଯାତାୟତ କରୁଥିଲେ ହେଁ କାହାରି ଏଥିପ୍ରତି ନିଘା ନଥିଲା । ସେହି ରାସ୍ତା ଦେଇ ଯାଉଥିବା ଖଇରା ଅଞ୍ଚଳର ଯୁବ ସାମ୍ବାଦିକ ଦେବବ୍ରତ ଦାସ, ନିଶିକାନ୍ତ ମହାନ୍ତି ଓ ସ୍ଥାନୀୟ ଯୁବକ ମୁନା ଜେନା ମିଶି କୁକୁରକୁ ଏକ ଟ୍ରଲିରେ ଉଠାଇ ପ୍ରାଣି ଚିକିତ୍ସାଧିକାରୀଙ୍କ ପାଠକୁ ନେଇ ଥିଲେ । ପ୍ରାଣି ଚିକିତ୍ସାଧିକାରୀ ରଘୁନାଥ ସିଂ ପ୍ରାଣ ମୁର୍ଚ୍ଛା ଉଦ୍ୟମ କରି ବାହାରି ଯାଇଥିବା ଛାଲକୁ ସିଲେଇ କରି ଯୋଡିବାକୁ ପ୍ରୟାସ କରିଛନ୍ତି । ସେପଟେ ଗାଡିର ଡ୍ରାଇଭରର ଏଭଳି ଧୃଷ୍ଟତା ପାଇଁ ଖବରଦାତା ମାନେ ଖଇରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଡ୍ରାଇଭର ସଂଧ୍ୟାରେ ଆସି ଜରିମାନା ପୈଠ କରିଥିବାର ଜଣାଯାଇଛି ।

## ମଦ୍ୟପାନ କରି ଜାଳିଦେଲା ବାଇକ ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି : ଅଳ୍ପକେ ମରଣ ମୁହଁରୁ ବର୍ତ୍ତିଲେ ବାପ ଭାଇ

ନୀଳଗିରି,୦୭/୦୧ (ନି.ପ୍ର): ପୁଣିଏକ ଯୁବକ ମଦ୍ୟପାନ କରି ଘରେ ଉନ୍ମୁକ୍ତ କାଣ୍ଡ ଘଟାଇବା ଘଟଣା ନୀଳଗିରିରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାଟି ଘଟିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧିନସ୍ଥ ଶ୍ୟାମସୁନ୍ଦରପୁର ପଂଚାୟତ ଅଧିନସ୍ଥ ମୁଳାଗଡି ଗ୍ରାମରେ । ଉକ୍ତ ଗ୍ରାମର ରବିନ୍ଦ୍ର ପରିଡାଙ୍କ ସାନ ପୁଅ ରଂଜନ ଗତକାଲି ବିଳମ୍ବିତ ରାତିରେ ଅତ୍ୟଧିକ ମଦ୍ୟପାନ କରି ବାଇକରେ ନିଆଁ ଲଗାଇବା ସହ ଗୋରୁ ଗୋହାଳରେ ନିଆଁ ଲଗାଇଦେଇଥିଲେ। ବାଇକ ଓ ଗୋହାଳ ହୁତୁହୁତୁ ହୋଇ ଜଳୁଥିବା ବେଳେ ରଂଜନ ଏକ ଧାରୁଆ କଟୁରୀରେ ବାପ ଓ ବଡ ଭାଇକୁ ହତ୍ୟ କରିବା ପାଇଁ ଗୋଡାଇଥିଲା। ଏହା ଦେଖି ପରିବାର ଲୋକେ ପାଟି ପରିବାରୁ ପଡୋଶୀ ଘଟଣାସ୍ଥଳରେ ପହଂଚି ମଦ୍ୟପ ରଂଜନକୁ କାବୁ କରି ଖୁଂଟରେ ବାନ୍ଧି ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ନୀଳଗିରି ପୋଲିସ ପହଂଚି ଅଭିଯୁକ୍ତ ରଂଜନକୁ ଥାନାକୁ ନେଇଥିଲେ। ଉକ୍ତ ଘଟଣା ଏପରି କାହିଁକି ହେଲା ସେନେଇ ପୋଲିସ ତଦନ୍ତ କରୁଥିବା ଜଣାପଡିଛି।

## ମଧ୍ୟମା ପରୀକ୍ଷା ପ୍ରଶ୍ନପତ୍ରରେ ବିଭ୍ରାଟ : ଗ୍ରେସ ମାର୍କ ପାଇଁ ଛାତ୍ରୀଛାତ୍ରଙ୍କ ଦାବି

ଖଇରା,୦୭/୦୧ (ନି.ପ୍ର): ଏବେ ଉଭୟ ମ୍ୟାଟ୍ରିକ ଓ ସଂସ୍କୃତ ଟୋଲର ମଧ୍ୟମା ପରିକ୍ଷାର୍ଥୀଙ୍କ ସମେଟିଭ ପରୀକ୍ଷା ପରୀକ୍ଷା ଚାଲିଥିବା ବେଳେ ଶୁକ୍ରବାର ପ୍ରଶ୍ନପତ୍ରରେ ସିଲାବସ ବାହାରୁ ପ୍ରଶ୍ନ ପଡିବା ଘଟଣାରେ ଛାତ୍ରୀଛାତ୍ର ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ମ୍ୟାଟ୍ରିକ ପରୀକ୍ଷାରେ ଯେଭଳି ପିଲାମାନଙ୍କୁ ଇଛାଧୀନ ବିଷୟ ଭାବେ ହିନ୍ଦି କିମ୍ବା ସଂସ୍କୃତ ରଖିବା ପାଇଁ ସୁଯୋଗ ରହିଥିବା ସଂସ୍କୃତ ର ମଧ୍ୟମା ପିଲା ମାନଙ୍କ ପାଇଁ ସେହିଭଳି କର୍ମକାଣ୍ଡ ଜ୍ୟୋତିଷ ଏବଂ ଆୟୁରର୍ବେଦ ଯୋଗ ମଧରୁ ଯେକୌଣସୀ ଗୋଟିଏ ବିଷୟକୁ ଇଛାଧୀନ ଭାବେ ରଖିପାରିବାର ବ୍ୟବସ୍ଥା ରହିଛି । ସମାନ ପ୍ରଶ୍ନରେ ଉଭୟ ବିଷୟ ପାଇଁ ୫୦ଟି ପ୍ରଶ୍ନ ରଖାଯିବା କଥା । ହେଲେ ପିଲାଙ୍କୁ ମିଳିଥିବା ପ୍ରଶ୍ନ ରେ ପ୍ରଥମ ୩୦ଟି ପ୍ରଶ୍ନ କର୍ମକାଣ୍ଡ ଜ୍ୟୋତିଷରୁ ଆସିଥିବା ବେଳେ ପରବର୍ତ୍ତୀ ୨୦ଟି ପ୍ରଶ୍ନ ଆୟୁର୍ବେଦରୁ ଆସିଛି । ଏଣୁ ଆୟୁର୍ବେଦ ଇଛାଧିନ ବିଷୟ ରଖିଥିବା ଛାତ୍ରୀଛାତ୍ରଙ୍କ ପାଇଁ ୩୦ଟି ପ୍ରଶ୍ନ ବାହାର ଓ କର୍ମକାଣ୍ଡ ଇଛାଧିନ ବିଷୟ ରଖିଥିବା ପିଲା ମାନଙ୍କ ପାଇଁ ୨୦ଟି ପ୍ରଶ୍ନ ସିଲାବସ ବାହାରୁ ବୋଲି ପିଲାମାନେ ଅଭିଯୋଗ କରିଛନ୍ତି । ଖଇରା ଓ ଔପଦା ବ୍ଲକରେ ଥିବା ସମସ୍ତ ୯ଟି ସଂସ୍କୃତ ବିଦ୍ୟାଳୟରେ ପଢୁଥିବା ପିଲା ମାନେ ଆୟୁର୍ବେଦ ଯୋଗକୁ ଇଛାଧୀନ ବିଷୟ ରଖିଥିବାରୁ ପିଲାମାନେ ସିଲାବସ ବାହାରୁ ଆସିଥିବା ୩୦ଟି ପ୍ରଶ୍ନକୁ ଛାଡିବାକୁ ବାଧ୍ୟ ହୋଇଛନ୍ତି । ଏହି ବିଷୟ ବିଚାରକୁ ନେଇ ସେମାନଙ୍କୁ ଗ୍ରେସ ମାର୍କ ଦେବାକୁ ଦାବି କରିଛନ୍ତି ।

## ରାଜ୍ୟରେ ଗତ ୨୪ ଘଂଟାରେ ୬୯ ହଜାର କରୋନା ଟେଷ୍ଟ

ଭୁବନେଶ୍ୱର, ୦୭/୦୧(ନି.ପ୍ର): ରାଜ୍ୟରେ କରୋନାର ନୁଆ ମାମଲା ବଢ଼ିବା ସହିତ କରୋନା ଟେଷ୍ଟ କରିବା ମଧ ପ୍ରତିଦିନ ଜାରିରହିଛି । ଗତ ୨୪ ଘଂଟାରେ ପୁରା ରାଜ୍ୟରେ ସମୁଦାୟ ୬୮ହଜାର ୯୭୦ ଜଣଙ୍କର କରୋନା ଟେଷ୍ଟ କରାଯାଇଅଛି । ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗର ସୂଚନା ଅନୁସାରେ ଶୁକ୍ରବାର ସକାଳ ସୁଦ୍ଧା ସମୁଦାୟ କରୋନା ଟେଷ୍ଟ ୨କୋଟି ୫୯ ଲକ୍ଷ ୬୩ ହଜାର ୦୩୭ ରେ ପହଂଚିଛି । ଗତ ୨୪ ଘଂଟାରେ କରୋନା ପଜିଟିଭ୍ ହାର ୪.୦୯ ପ୍ରତିଶତ ଥିବା କଥା ସୂଚନା ଦିଆ ଯାଇଛି ।

## ସାଲନ୍ଦୀ ହସ୍‌ପିଟାଲ ସହଯୋଗରେ ସ୍ୱାସ୍ଥ୍ୟ ଶିବିର



ଭଦ୍ରକ,୦୭/୦୧(ନି.ପ୍ର): ସର୍ବଭାରତୀୟ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ସୁନେତ୍ର) ଅନ୍ତର୍ଗତ ହସ୍ତତନ୍ତ କ୍ଷେତ୍ରରେ କାର୍ଯ୍ୟରତ ବୁଣାକାର, ସହଯୋଗୀ, ଆନୁଷାଙ୍ଗିକ କର୍ମୀ ଓ ସ୍ଥାନୀୟ ଅଧିବାସୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷଣ ଓ ସଚେତନତା ଶିବିର; ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟ ଓ ବାଲେଶ୍ୱର ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକଙ୍କ ସହଭାଗିତାରେ ସ୍ଥାନୀୟ ସାଲନ୍ଦୀ ହସ୍‌ପିଟାଲ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ସିମୁଳିଆ ବ୍ଲକ ଜାମଝାଡ଼ି ପଂଚାୟତ କାର୍ଯ୍ୟାଳୟ ଠାରେ ୫ ତାରିଖ ବୁଧବାର ଓ ଆଗରପଡ଼ା ଜିରାଗମ୍ଭୀରା ଜଗାକାଳିଆ ତନ୍ତୁବାୟ ସହଯୋଗ ସମିତି କାର୍ଯ୍ୟାଳୟ ଠାରେ ୬ ତାରିଖ ଗୁରୁବାର, ଦୁଇଦିନ ଧରି ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ଶିବିରରେ ଶତାଧିକ ବ୍ୟକ୍ତିର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସାଲନ୍ଦୀ ହସ୍‌ପିଟାଲ ଭଦ୍ରକର ଡାକ୍ତର ପ୍ରଭାସ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ଡାକ୍ତରୀଦଳ ଦୁଇଦିନ ଧରି ହସ୍ତତନ୍ତ କ୍ଷେତ୍ରରେ ଭଦ୍ରକ ଓ ବାଲେଶ୍ୱରର ବିଭିନ୍ନ ତନ୍ତୁବାୟ ସହଯୋଗ ସମିତିର ସଦସ୍ୟ ବୁଣାକାର ଓ ପରିବାରବର୍ଗଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଚିକିତ୍ସା ପରାମର୍ଶ ପ୍ରଦାନ କରିଥିଲେ। ଏହି ଶିବିରରେ ୨୬୮ ଜଣ ବୁଣାକାରଙ୍କର ଚକ୍ଷୁ ପରୀକ୍ଷା ଦ୍ୱାରା ୧୨୨ ଜଣଙ୍କୁ ଆବଶ୍ୟକ ଚଷମା ଓ ୪୩ ଜଣ ମୋତିଆ ବିନ୍ଦୁ ହୋଇଥିବା ବ୍ୟକ୍ତିଙ୍କର ଚକ୍ଷୁ ଅସ୍ତ୍ରୋପଚାରର ବ୍ୟବସ୍ଥା କରାଯାଇଛି। ଏଥିସହ ୧୧୯ ଜଣ ବ୍ୟକ୍ତିଙ୍କ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର ଆବଶ୍ୟକ ଚିକିତ୍ସା ପରାମର୍ଶ ପ୍ରଦାନ କରାଯାଇଥିଲା। ସାଲନ୍ଦୀ ହସ୍‌ପିଟାଲର ମୁଖ୍ୟ ଡାକ୍ତର ପ୍ରଭାସ କୁମାର ମହାନ୍ତି ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱରସ୍ଥିତ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ମଧୁସ୍ମିତା ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଦୁଇ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷଣ ଶିବିରକୁ ସମବାୟ ଉପନିବନ୍ଧକ ନିରଂଜନ ପ୍ରଧାନ, ବୟନଶିଳ୍ପ ନିରୀକ୍ଷକ ଅଶୋକ କୁମାର ସାହୁ, ଅରୁଣ କୁମାର ବେହେରା, କନିଷ୍ଠ ସୁପରଭାଇଜର ଶ୍ରୀମତୀ ମମତା ଦାସ, ବିଦ୍ୟୁତ କୁମାର ଦାସ, ଶହିଦସ୍ମୃତି ତନ୍ତୁବାୟ ସହଯୋଗ ସମିତିର ସଂପାଦକ ପ୍ରହଲ୍ଲାଦ ସୁତାର ଓ ଜଗାକାଳିଆ 'ତନ୍ତୁବାୟ ସହଯୋଗ' ସମିତିର ସଂପାଦକ କୌଳାସ ଚନ୍ଦ୍ର ବେହେରା ପରିଚ୍ଛଳନା କରିଥିଲେ।

## ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପିଆରଏମ ଏମସିଏଚ ପରିଦର୍ଶନ ଓ କୋଭିଡ ସ୍ୱାସ୍ଥ୍ୟସେବା ଅନୁଧ୍ୟାନ



ବାରିପଦା, ୦୭/୦୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାପଳ ଶ୍ରୀ ବିନୀତ ବରଦ୍ୱାଜ (ଭାପ୍ରସେ) ତା ୬/୧/୨୨ ରିଖ ପୂର୍ବାହ୍ନରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲ ପରିଦର୍ଶନ କରି ସଂପ୍ରତି କୋଭିଡ ଚିକିତ୍ସା ସେବା ତ୍ୱରାନ୍ୱୀତ ପାଇଁ ସମସ୍ତ ଆନୁସଙ୍ଗିକ ଭିତିଭୂମୀ ସରଞ୍ଜାମ ଓ ଉପକରଣ ଅନୁଧ୍ୟାନ କରିଛନ୍ତି । ସଂପ୍ରତି କୋଭିଡ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି, ଡାକ୍ତରଖାନାର କୋଭିଡ ସ୍ୱାସ୍ଥ୍ୟ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ପୂର୍ବରୁ କାର୍ଯ୍ୟକ୍ଷମ ଥିବା ୮୦ଶର୍ଯ୍ୟା ବିଶିଷ୍ଟ ଆଇସୋଲେସନ ଓ୍ୱାର୍ଡ ସହିତ, ଡାକ୍ତରଖାନାରେ ପ୍ରସ୍ତୁତ ଥିବା ୩୦ ଶର୍ଯ୍ୟା ବିଶିଷ୍ଟ ଆଇସିୟୁ ଓ୍ୱାର୍ଡ ଏବଂ ନବନିର୍ମିତ ବିଲଡିଂରେ ୧୮୦ ଶର୍ଯାବିଶିଷ୍ଟ ସ୍ୱତନ୍ତ୍ର କୋଭିଡ ଓ୍ୱାର୍ଡ ପ୍ରସ୍ତୁତ ରହିଥିବା ଏବଂ ଏଥିପାଇଁ ଆବଶ୍ୟକୀୟ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ ତଥା କର୍ମଚାରୀ ନିୟୋଜିତ କରାଯିବା ଉପରେ ଗୁରୁତ୍ୱଦେଇ ପରାମର୍ସ ଦେଇଥିଲେ । ପରିଦର୍ସନରେ ଜିଲ୍ଲାପାଳ ସ୍ଥିତି ନିରିକ୍ଷଣ କରିଥିଲେ । ପ୍ରତି ବେଡ ନିକଟକୁ ପାଇପଲାଇନରେ ଅକ୍ସିଜେନ ଯୋଗାଣ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ଚିକିତ୍ସା ସୁବିଧା ଦିଗରେ ସବିଶେଷ ଅନୁଧ୍ୟାନ କରିଥିଲେ । ଏଥିସହିତ ହସପିଟାଲ ପରିସରରେ କାର୍ଯ୍ୟକ୍ଷମ ଥିବା ଏମଜିପିଏସ ଅକ୍ସିଜେନ ପ୍ଲାଂଟରୁ ଜରୁରୀକାଳୀନ ଭିତିରେ ଅକ୍ସିଜେନ ଯୋଗାଣ ପାଇଁ ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରାଯିବା କ୍ଷେତ୍ରରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବାକୁ ଦୃଷ୍ଟିରେ ରଖି ସମସ୍ତେ କୋଭିଡ ଟୀକା ନେବା ସହିତ କୋଭିଡ ଗାଇଡ ଲାଇନ ଅନୁଯାୟୀ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ । ଆବଶ୍ୟକ ସ୍ଥଳେ ଜିଲ୍ଲାର ସମସ୍ତ ସରକାରୀ ଉପଖଣ୍ଡ ଓ ବ୍ଲକ ସ୍ତରରେ କୋଭିଡ ଚିକିତ୍ସା କେନ୍ଦ୍ର ଗୁଡିକୁ କାର୍ଯ୍ୟକ୍ଷମ କରାଯାଇ ଉପଯୁକ୍ତ କୋଭିଡ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରସାଶନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବାର କହିଛନ୍ତି । ଏଥି ସହିତ ଜିଲ୍ଲାପାଳ ମାତୃ ଓ ଶିଶୁ ଚିକିତ୍ସାଳୟର ଶିଶୁ ଓ ପ୍ରସୂତି ବିଭାଗ ଓ୍ୱାର୍ଡ ପରିଦର୍ସନ କରି ଚିକିତ୍ସା ସେବା ଓ ସୁବିଧା ସମ୍ପର୍କରେ ଅନ୍ତେବାସୀ ମାନଙ୍କୁ ପଚାରି ବୁଝିଥିଲେ । ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲ ପରିସରରେ ଖୁବଶୀଘ୍ର ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତୀ ସ୍ଥାପନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଜିଲ୍ଲାପାଳଙ୍କର ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ପ୍ରକାଶ ଚନ୍ଦ୍ର ବେହେରା, ବାରିପଦା ଉପଜିଲ୍ଲାପାଳ ଅନ୍ୟା ଦାସ, ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରୂପଭାନୁ ମିଶ୍ର, ମେଡିକାଲ କଲେଜର ଆନେସଥେସିଆ ବିଭାଗ ପ୍ରଫେସର ଡା. ପ୍ରମୋଦ ପଲେଇ, ଜିଲ୍ଲା କୋଭିଡ ନୋଡାଲ ଅଫିସର ଡା. ଜ୍ଞାନେନ୍ଦ୍ର କୁମାର ମହାନ୍ତି, ସିଏମଓଏମଏସ ତଥା ସୁପରିନଟେନଣ୍ଡେଟ ଡା. ନୀହାର ରଞ୍ଜନ ଦାସ, ପିଏଚଓ ଡା. ଚାରୁବାଳା ରଥ, ଏଡିପିଏଚଓ ଏଫ ଡବ୍ଲ୍ୟୁ ଡା. ସୁନନ୍ଦା ମିଶ୍ର, ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡା. ନୁରୁଲ ହାସନ ଖାଁ, ଡିପିଏମ ଏନଏଚଏମ ପି.ପି. ପତି, ହସପିଟାଲ ମେନେଜର ଡା. ସମୀର ରଂଜନ ମହାପାତ୍ର ଓ ଡା. ବିନୋଦିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱଚ୍ଛତା ପାଇଁ ସମସ୍ତେ ଉତ୍ସର୍ଗୀକୃତ ହେବା ଉଚିତ




ଭୁବନେଶ୍ୱର,୦୭/୦୧(ନି.ପ୍ର): ଦେଶର ସର୍ବୋତ୍ତମ ବିକାଶ ପାଇଁ କେବଳ ପରିବେଶର ସ୍ୱଚ୍ଛତା ନୁହେଁ ମାନସିକ ସ୍ତରରେ ମଧ ସ୍ୱଚ୍ଛତା ଆପଣାଇବା ଆବଶ୍ୟକ । ସ୍ୱଚ୍ଛତା ପ୍ରତ୍ୟକ ମନୁଷ୍ୟର ପ୍ରମୁଖ ଦାୟିତ୍ୱ ହେବ। ସଂଗେ ସଂଗେ ନିଜ ବ୍ୟବହାରରେ ମଧ ପରିବର୍ତ୍ତନ ଆଣିବା ନିତାନ୍ତ ଆବଶ୍ୟକ । ଭୁବନେଶ୍ୱର ସ୍ଥିତ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ଏବଂ ସ୍କୁଲ ଅଫ ଟେକ୍ନୋଲୋଜି ଏଣ୍ଡ ମ୍ୟାନେଜମେନ୍ଟ ସେଞ୍ଚୁରୀୟନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଏଭଳି ମତପୋଷଣ କରିଛନ୍ତି ବିଶିଷ୍ଟ ବ୍ୟକ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରାଧ୍ୟାପକ ସୁପ୍ରିୟା ପଟ୍ଟନାୟକ ପ୍ରତ୍ୟକ ମନୁଷ୍ୟ ଦେଶର ସ୍ୱଚ୍ଛତା ପାଇଁ ନିଜ ବ୍ୟବହାରରେ ପରିବର୍ତ୍ତନ ଆଣିବା ପାଇଁ ଆହ୍ୱାନ ଦେଇଥିବା ବେଳେ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ଅତିରିକ୍ତ ମହା ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ସ୍ୱଚ୍ଛତା ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଉଭୟ ପୁରୁଷ ଏବଂ ସ୍ତ୍ରୀ ସ୍ୱଚ୍ଛତାକୁ ଗୁରୁ ଦାୟିତ୍ୱ ଭାବି ଉଭୟ ସମାନ ଭାବେ ଦାୟିତ୍ୱ ବହନ କରିବା ଉଚିତ। ସେଞ୍ଚୁରୀୟନ ବିଶ୍ୱବିଦ୍ୟାଳୟର ଡିନ ଡ.ଉମାକାନ୍ତ ନାୟକ ସ୍ୱଚ୍ଛତାର ଉପାଦେୟତା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଅବସରରେ କାର୍ଯ୍ୟାଳୟ ତରଫରୁ ବକ୍ତୃତା ଏବଂ କୁଇଜ ପ୍ରତିଯୋଗୀତା ରେ ସଫଳ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏମ.ବି.ଏ. ଛାତ୍ରୀ ସୁନନ୍ଦା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିବା ବେଳେ ସହକାରୀ ପ୍ରାଧ୍ୟାପକ ଡାଃ. ମଧୁମିତା ଦାସ ସ୍ୱଚ୍ଛତା ପାଇଁ ସମସ୍ତଙ୍କୁ ଅନୁପ୍ରାଣିତ କରିବା ସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo